RNI No.ODIODI/2010/33031
୧୭ ବର୍ଷ Volume-17
ISSUE -212 ସଂଖ୍ୟା-୨୧୨
ଭୁବନେଶ୍ୱର, ରବିବାର ୦୮ ନଭେମ୍ବର ୨୦୨୬
Bhubaneswar, Sunday 08 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଛୁଟି ଘୋଷଣା

ଆଲୋକର ପର୍ବ ଦୀପାବଳି ଅବସରରେ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ



କେନ୍ଦୁଝର-ମୟୂରଭଞ୍ଜ ପାଇଁ ୧୨୦ କୋଟିର ଜଳସେଚନ ପ୍ରକଳ୍ପ

- ଜନ୍ମମାଟି ରାଇକଳାରେ ମୁଖ୍ୟମନ୍ତ୍ରୀ
- କୃଷି, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର କାୟାକଳ୍ପ ପାଇଁ ପ୍ରକଳ୍ପର ଶୁଭାରମ୍ଭ
- କେନ୍ଦୁଝର-ମୟୂରଭଞ୍ଜ ପାଇଁ ଜଳସେଚନ ପ୍ରକଳ୍ପ
- ୧୨୦ କୋଟିର ୩ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସହିତ ସ୍ୱାସ୍ଥ୍ୟ, ଶିକ୍ଷା ଓ କ୍ରୀଡ଼ା ପ୍ରକଳ୍ପର ଭେଟି, ୪୨୮୦ ହେକ୍ଟର ଚାଷଜମି ପାଇବ ପାଣି
- ୧୭.୯୭ କୋଟି ଟଙ୍କାରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ
- ରାଇକଳାରେ ଖୋଲିଲା ଏସ୍‌ବିଆଇର ନୂତନ ଶାଖା: ବୃଦ୍ଧି ପାଇବ ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ସେବା



ଭୁବନେଶ୍ୱର,୭।୧୧(ନି.ପ୍ର: ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଜି କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ରାଇକଳା ଗ୍ରାମପଞ୍ଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଅଢେଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫରଦ୍ଧ ଯୋଡ଼ି ହୋଇଛି।ଏ ସରକାର ହେଉଛି ଗରିବ, ଚାଷୀ ଓ ମୂଲିଆଙ୍କ ସରକାର ଏବଂ ରାଜ୍ୟର ପ୍ରତ୍ୟେକଟି କୋଣକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯିବ।

ଆଜିର ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ କ୍ଲଷ୍ଟରକୁ ସଂଯୋଗ କରୁଥିବା ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଦର ଏବଂ ଜାରକାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି, ଯାହାର କାର୍ଯ୍ୟ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୃହତ ପ୍ରକଳ୍ପଗୁଡ଼ିକ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇବ। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ସହିତ ମୟୂରଭଞ୍ଜ ଜିଲ୍ଲାର ଜାରକାଣୀ ଅଞ୍ଚଳ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି କହିଛନ୍ତି ଯେ, "ଚାଷୀ ସମୃଦ୍ଧ, ତ ଓଡ଼ିଶା ସମୃଦ୍ଧ। ଯେପର୍ଯ୍ୟନ୍ତ ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅର୍ଥନୀତି ମଜବୁତ ହୋଇପାରିବ ନାହିଁ। ଏହି ପ୍ରକଳ୍ପ କେବଳ ପାଣି ପାଇପ୍‌ର ସଂଯୋଗ ନୁହେଁ, ଏହା ହେଉଛି ଆମର ଶୁଷ୍କ ମାଟିରେ ସୁନା ଫଳାଇବାର ଏକ ବୈପ୍ଳବିକ ପଦକ୍ଷେପ। ଆମର ଚାଷୀମାନେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇରୁ ତିନୋଟି ଫସଲ ଅମଳ କରିବେ ଏବଂ ସେମାନଙ୍କ ଆୟରେ ଆଖିଦୃଶିଆ ବୃଦ୍ଧି ହେବ।"ପୂର୍ବ ୨୪ ବର୍ଷର ସରକାରକୁ କଡ଼ା ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତୀତରେ ପ୍ରତି ବ୍ଲକକୁ ଅତି କମରେ ୩୫ ପ୍ରତିଶତ ଜମିକୁ ପାଣି ଯୋଗାଇଦେବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି କେବଳ କାଗଜ କଲମରେ ରହିଯାଇଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଜଣେ ଚାଷୀ ପୁଅ ଭାବେ ସେ ଜାଣନ୍ତି ଯେ ଜମିକୁ ଜଳ ଯୋଗାଣ ହେଲେ ଚାଷୀର ଅଧା ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ବର୍ତ୍ତମାନର ସରକାର ଆସନ୍ତା ପାଞ୍ଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ ବ୍ୟବସ୍ଥା କରୁଛନ୍ତି ।

ରାଜ୍ୟରେ ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ଚଳିତ ବର୍ଷ ବଜେଟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ୧୪ ହଜାର ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସରକାର ୬ଟି ଅନ୍ତ-ନଦୀଜଳାଶୟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ସହିତ ୧୯୪୧ କିଲୋମିଟର ଦୀର୍ଘ ଫିଲ୍ଡ ଚ୍ୟାନେଲ୍‌ର ଆରସିସି ଲାଇନିଙ୍ଗ୍ ସମ୍ପୂର୍ଣ୍ଣ କରିଛନ୍ତି, ଯାହାଦ୍ୱାରା ପ୍ରାୟ ୮୦ ହଜାର ହେକ୍ଟର କମାଣ୍ଡ ଏରିଆକୁ ଉନ୍ନତ ଜଳସେଚନ ସୁବିଧା ମିଳିଛି । ଆନନ୍ଦପୁର ବ୍ୟାରେଜ୍, ଲୋୟର ସୁକତେଲ ଓ କୁସୁମୀ ବ୍ୟାରେଜ୍ ଅଧୀନରେ ଅଣ୍ଡରଗ୍ରାଉଣ୍ଡ ପାଇପ୍ ଲାଇନ୍‌ର ବ୍ୟବସ୍ଥା କରାଯାଉଛି । ଏତଦ୍‌ବ୍ୟତୀତ ରାଜ୍ୟରେ ୬୫୬ଟି ନୂଆ ଚେକ୍‌ଡ୍ୟାମ୍ ନିର୍ମାଣ ଏବଂ ୧ ହଜାର ୨୨ଟି ପୁରୁଣା ଚେକ୍‌ଡ୍ୟାମ୍‌ର ନବୀକରଣ କରାଯାଇଛି ।

ଆସନ୍ତା ଡିସେର ମାସରେ କେନ୍ଦୁଝର ଜିଲ୍ଲାର ବହୁପ୍ରତୀକ୍ଷିତ କାନୁପୁର ଜଳସେଚନ ପ୍ରକଳ୍ପର ଆନୁଷ୍ଠାନିକ ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ବୃହତ ଜଳାଶୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିପାରିବ, ଯାହା ସ୍ଥାନୀୟ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।କୃଷି ବ୍ୟତୀତ ସ୍ୱାସ୍ଥ୍ୟ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ମଧ୍ୟ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଆଜି ମଧ୍ୟ ଝୁମ୍ପୁରା ଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଶୁଭ ଉଦ୍‌ଘାଟନ କରିଛନ୍ତି, ଯାହାଦ୍ୱାରା ଗ୍ରାମାଞ୍ଚଳର ଆଦିବାସୀ ଓ ଚାଷୀ ଭାଇଭଉଣୀମାନେ ଉନ୍ନତ ଚିକିତ୍ସା ସେବା ନିଜ ଘର ପାଖରେ ପାଇପାରିବେ। (ପୃ-୮)

15001/134/2627



ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)

OIPR-15001/15001/2/26-27/0133



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶୁଭେଚ୍ଛା

ପବିତ୍ର କାଳୀ ପୂଜା ଓ ଆଲୋକର ପର୍ବ ଦୀପାବଳି ଅବସରରେ କୋରେଇ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶ୍ରୀଯୁକ୍ତ ଆକାଶ ଦାସ ନାୟକ
ମାନ୍ୟବର ବିଧାୟକ,
କୋରେଇ, ଯାଜପୁର

ଡାହୁକ



ଅଣ ଦେଖା କରି ଯେଉଁ ରାହୁଲଙ୍କୁ
ପପୁ କହୁଥିଲେ ସାରେ
ସେଇ ରାହୁଲଙ୍କ ଛାଇ ଦେଖି ଏବେ
ଛାତିରେ ଛନକା ଯୋରେ
ପଦ୍ମ ପାଖୁଡା ଇଆଡ଼େ ସିଆଡେ
ଜଳ ଜଳ ଦିସେ ଆଗକୁ ଆଗକୁ
କେଉଁ ପାଣି ଯିବ କୁଆଡେ

-ବିଧୁ

KNDA

କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

ଚୋରଦା, ପୋ-ଫେରୋକ୍ରମ୍ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା-ଯାଜପୁର

ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଇଯାଉଅଛି କି, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା -୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ସୁକିନ୍ଦା ତହସିଲ୍, ଦାନଗଦି ତହସିଲ୍, ବ୍ୟାସନଗର ତହସିଲ୍ ଓ ରସୁଲ୍‌ପୁର ତହସିଲ ଅଧିନରେ ଥିବା ପୂର୍ବର ୧୬୧ଟି ଗ୍ରାମ ଓ ପରବର୍ତ୍ତୀ ସମୟରେ ମିଶ୍ରିତ ଯାଜପୁର ତହସିଲ୍, ଦଶରଥପୁର ତହସିଲ୍ ଓ ଯାଜପୁର ପୌରାଞ୍ଚଳ ଅଧିନସ୍ଥ ଅତିରିକ୍ତ ୮୪ଟି ଗ୍ରାମକୁ ନେଇ ସମୁଦାୟ ୨୪୫ ଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଟି ଗ୍ରାମ ଓ ଯାଜପୁର ପୌରାଞ୍ଚଳସ୍ଥିତ ୧୯ଟି ଗୋଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ୨୦୬ ଗୋଟି ଗ୍ରାମ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତିକରଣ କରିବା ପୂର୍ବରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା ମଞ୍ଜୁର କରାଇବା ବାଞ୍ଛନୀୟ । କିନ୍ତୁ ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟରେ ସର୍ବସାଧାରଣଙ୍କୁ ଅବଗତ କଲା ପରେ ମଧ୍ୟ କିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି ।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ (Building) କିମ୍ବା ଜମି ବିଭକ୍ତିକରଣ (Plot Lay-out) କରିବା ପୂର୍ବରୁ ଆଇନ୍ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ନକ୍ସା କ୍ରଭକ୍ଷସଭର ମାଧ୍ୟମରେ ମଞ୍ଜୁରୀ କରାଇ ନିଅନ୍ତୁ । କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା ୯୦,୯୧,୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା
ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ



ଖୋରଧା ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ



ଖୋରଧା,୭।୧୧ :(ମନ୍ଥନ) ଆଜି ପୂର୍ବାହ୍ନରେ ସମଗ୍ର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଥିବା ବେଳେ ଅନୁରୂପ ଭାବେ ଖୋରଧା ଜିଲ୍ଲାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ପୌରହିତ୍ୟରେ ସ୍ଥାନୀୟ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲ୍ଲା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ୬ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଉଦ୍‌ଘାଟନ କରି କହିଲେ ଖୋରଧା ମାଟି ପବିତ୍ର ମାଟି ଯେଉଁଠି ପଣ୍ଡିତ ଗୋଦାବରୀଶ ମିଶ୍ର ଜନ୍ମ ନେଇଥିଲେ । ମାନବ ସମ୍ବଳର ପ୍ରଥମ ପର୍ଯ୍ୟାୟ ହେଲା ପ୍ରାଥମିକ ଶିକ୍ଷା , ସେହିପରି ସମାଜ ଗଠନ ପାଇଁ ପ୍ରାଥମିକ ଶିକ୍ଷାକ୍ଷ ମୁଳୁଦୁଆ ଅଟେ । ଯେଉଁ ରାଜ୍ୟ ବା ରାଷ୍ଟ୍ର ର ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ଯେତେ ସୁଦୃଢ଼ ସେ ଅଞ୍ଚଳ ଓ ସମାଜ ସେତେ ଉନ୍ନତ । ବର୍ତ୍ତମାନ ସରକାର ପ୍ରାଥମିକ ଶିକ୍ଷା କୁ ଗୁରୁତ୍ୱ ପ୍ରଦାନ କରି କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ କ୍ଲାସ ରୁମ୍, ବିଜ୍ଞାନ ଗାର ଏବଂ ୫ ଏକର ଜାଗାରେ କ୍ରୀଡ଼ା କୁ ପ୍ରାଧାନ ଦେଇ ତଥା ୨୦୨୦ କେନ୍ଦ୍ର ଶିକ୍ଷାନୀତୀ କୁ ଆପଣେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ରାଜ୍ୟ ସରକାରଙ୍କର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ଅଭିନବ ଯୋଜନା ଏବଂ ଶିକ୍ଷା ଜଗତରେ ଏକ ବୈପ୍ଲବିକ ପରିବର୍ତ୍ତନ ଯାହା ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ଗଢି ତୋଳିବା ସହ ସୁନ୍ଦର ଭବିଷ୍ୟତ ପାଇଁ ଦିଗ ଦର୍ଶନ ଦେବ କ୍ଷ ଉପ ସଭାପତି, ଜିଲ୍ଲା ପରିଷଦ,ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ଗୋଦାବରୀଶ ମିଶ୍ରଙ୍କର ନାମରେ ଯେଉଁ ଶିକ୍ଷା ବ୍ୟବସ୍ଥା ରାଜ୍ୟ ସରକାର ପ୍ରଣୀତ କରିଛନ୍ତି ତାହା ସ୍ୱର୍ଗତ ମିଶ୍ର ଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଅଟେ । ସେହିପରି ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଖୋରଧା ବ୍ଲକ୍ ଉପାଧକ୍ଷ ପ୍ରକାଶ ସାମନ୍ତରାୟ,ବ୍ଲକ୍ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ଗୋଦାବରୀଶ ମିଶ୍ର ଙ୍କ ଶିକ୍ଷା ଜୀବନୀ ଏବଂ ପ୍ରାଥମିକ ଶିକ୍ଷା ରେ ତାଙ୍କର ଅବଦାନ ଉପରେ ଆଲୋକ ପାତ କରିଥିଲେ । ସଭାପତି ଭାଷଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସଂସ୍କରଣରେ ଖୋରଧା ଜିଲ୍ଲାରେ ମୋଟ ୭୦ ଗୋଟି ବିଦ୍ୟାଳୟ ସାମିଲ ହୋଇଛି ଯାହା ସମଗ୍ର ରାଜ୍ୟରେ ଖୋରଧା ଜିଲ୍ଲା ଏହି ଯୋଜନାରେ ଦ୍ୱିତୀୟ ସ୍ଥାନ ରେ ସ୍ଥାନିତ ଅଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏହି ଯୋଜନା ବିଶ୍ୱ ସ୍ତରୀୟ ଶିକ୍ଷା ପ୍ରଦାନରେ ମାଇଲଷ୍ଟୋନ ଅଟେ । ନୂଆ ଶୈକ୍ଷିକ ପରିବେଶ ଏବଂ ଆମ ପରିବର୍ତ୍ତିତ ପ୍ରାଥମିକ ଶିକ୍ଷା ପରିଚୟ ର ଭିତ୍ତି ଭୂମି ଅନୁଯାୟୀ ଆମର ଶିକ୍ଷା ଦାନ କୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉନ୍ନତ ମାର୍ଗରେ ଶିକ୍ଷା ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ପ୍ରାରମ୍ଭରେ ଅତିଥି ମାନଙ୍କୁ ଚାରା କୁଣ୍ଡ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଡ଼ଃ ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ସ୍ୱାଇଁ, ବିଜୟ ବେହେରା,ଭାଜପା ରାଜ୍ୟ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ମାନ୍ୟବର ସାଂସଦ, ଭୁବନେଶ୍ୱର ଙ୍କ ପ୍ରତିନିଧି ଦିଲ୍ଲୀପ ହୋତା, ଭାଜପା ଜିଲ୍ଲା କର୍ମକର୍ତ୍ତା ବଳରାମ ଲେଙ୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପ୍ରେସ କ୍ଲବ ସଭାପତି ତପନ କୁମାର ନାୟକ , ଡି ଇ ଜି ଏମ ମାନସ କୁମାର ବ୍ରହ୍ମା,ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ , ତ୍ରିସ୍ତରୀୟ ପଞ୍ଚାୟତ ରାଜ ପ୍ରତିନିଧି,ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ପୁରାତନ ଛାତ୍ର ସଂସଦ ସଦସ୍ୟ ସଦସ୍ୟା ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ କ୍ଷ ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କାର୍ଯ୍ୟ ସମ୍ପାଦିତ କରିଥିଲେ । ରାଜ୍ୟସ୍ତରୀୟ ସମାରୋହ କେନ୍ଦୁଝରେ ଠାରୁ ପ୍ରସାରିତ ହୋଇଥିଲା । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ସମଗ୍ର ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ର ତୃତୀୟ ପର୍ଯ୍ୟାୟ ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ ସମାରୋହର ରିମୋଟ ଦବାଇ ଶୁଭାରମ୍ଭ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଗୀତା ପ୍ରତିଯୋଗିତା

ଡେଲାଙ୍ଗ,୭।୧୧ :(ମନ୍ଥନ) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡେଲାଙ୍ଗ ପରିସରରେ ପ୍ରଜ୍ଞାନ ମିଶନ ହରିହରା ନନ୍ଦ ଗୁରୁକୁଲମ୍ ପୁରୀ ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ମଣ୍ଡଳ ସ୍ତରୀୟ ଗୀତା ପ୍ରତିଯୋଗିତା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜ୍ଞାନ ମିଶନ ର ବରିଷ୍ଠ କାଯ୍ୟକର୍ତ୍ତା ସ୍ୱାମୀ ସୁଗିତାନନ୍ଦଗିରି ଯୋଗ ଦେଇ କାଯ୍ୟକ୍ରମକୁ ଉଦଘାଟନ କରିବା ସହିତ୍ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ସୁଜାତା ମିଶ୍ର, ଡା ଅଜୟାନନ୍ଦ ସାହୁ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସମ୍ପାଦକ କିଶୋର ପ୍ରଧାନ, ସଭାପତି ଡ଼ା ବସନ୍ତ କୁମାର ଦାଶ ଯୋଗ ଦେଇଥିଲେ।ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ଶ୍ରୀମତୀ ଟୁକୁନି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡେଲାଙ୍ଗ, ପି .ଏମ. ଶ୍ରୀ ଉଚ୍ଚବିଦ୍ୟାଳୟ,ଗଡମୋଟରି,ରାଧାକାନ୍ତ ବିଦ୍ୟାପୀଠ ,ଡେଲାଙ୍ଗ,ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ,ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡେଲାଙ୍ଗଏବଂ ଅନ୍ୟାନ୍ୟ ବିଦ୍ୟାଳୟ କୁ ମିଶାଇ ମୋଟ ତିନୋଟି ବର୍ଗରେ ୫୦ ଜଣ ଶିଶୁ ଭାଇ ଭଉଣୀ ଅଂଶ ଗ୍ରହଣ କରି ଗୀତାପାଠ କରିଥିଲେ। ବିଚାରକ ଭାବେ ଶିକ୍ଷକ ସରୋଜ ସେଠୀ , ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଟୁକୁନି



ମହାପାତ୍ର , ଚିନ୍ମୟୀ ମହାପାତ୍ର ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଡେଲାଙ୍ଗର ସ୍ୱୟଂ ସେବକ ଶତ୍ରୁଘନ ପ୍ରଧାନ, ଅଶୋକ କୁମାର ପରିଡ଼ା ଯୋଗ ଦେଇ ମୂଲ୍ୟାୟନ କରିଥିଲେ । ଶିଶୁ ବର୍ଗ (୩ୟ ୪ର୍ଥ ୫ମ) ବିଭାଗରେ ପ୍ରତିକ୍ଷା ପାଣି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ , ପ୍ରିତି ସାଗରିକା ଜେନା ଦ୍ୱିତୀୟ, ଦିବ୍ୟାଂଶି ସ୍ୱାଇଁ ତୃତୀୟ , ବାଲ ବର୍ଗ (୬ଷ୍ଠ , ୭ମ , ୮ମ) ବିଭାଗ ରେ ଚିନ୍ମୟୀ ସାହୁ ପ୍ରଥମ , ସାଇ ସୁମନ ପାଣି ଦ୍ୱିତୀୟ , ଆଦିତ୍ୟ ପ୍ରସାଦ ରଥ ତୃତୀୟ ଏବଂ କିଶୋର ବର୍ଗ (୯ମ, ୧୦ମ) ବିଭାଗ ରେ ଗୌରବ କୁମାର ମହାପାତ୍ର ପ୍ରଥମ , ରାଜୀବ ଲୋଚ୍ନ ମହାପାତ୍ର ଦ୍ୱିତୀୟ ଶୁଭଶ୍ରୀ ସେନାପତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୨.୧୧.୨୬ ରିଖରେ ହରିହରାନନ୍ଦ ଗୁରୁକୁଳ ଆଶ୍ରମ ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତି ଯୋଗିତା ରେ ଏଥିରେ ଉର୍ତ୍ତିନ ଶିଶୁମାନେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ସମାରୋହ ଉତ୍ସବ ରେ ଶିଶୁ ମାନଙ୍କୁ ଅତିଥି ମାନଙ୍କ ଦ୍ୱାର ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଶ୍ରୀମାନ ସର୍ବେଶ୍ୱର ବାରିକ, ସତ୍ୟରଂଜନ ସ୍ୱାଇଁ, ବିମଳ ପ୍ରସାଦ ପଣ୍ଡା, ବିଜୟ ଲକ୍ଷ୍ମୀ ନାୟକ ସୌମ୍ୟା ଶ୍ରୀ ମହାନ୍ତି, ଚୀନାମଣି ତାଡ଼, ମମତା ନାୟକ , ଅଭିଭାବକ ଅଭିମନ୍ୟୁ ସାମନ୍ତରାୟ ସମେତ ସମସ୍ତ ଗୁରୁଜୀ ଗୁରୁମା ଙ୍କ ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଥିଲା ।

ପୂର୍ବତନ ବନ ଅଧିକାରୀଙ୍କ ପରଲୋକ: ଅଞ୍ଚଳରେ ଶୋକର ଛାୟା

କୁଚିଣ୍ଡା,୭।୧୧ :(ମନ୍ଥନ)ସମ୍ବଲପୁର ଜିଲ୍ଲା ବାମରା ବନଖଣ୍ଡରର ପୂର୍ବତନ ବନ ଅଧିକାରୀ ଗୋପୀନାଥ ମଗରଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ତଥା ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ସମସ୍ୟା ସହିତ ମଧୁମେହ (ସୁଗାର) ଏବଂ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୁନ୍ଦରଗଡ଼ ଜିଲ୍ଲା ଟିଠେଇ ଟାଙ୍ଗର ପୈତୃକ ଗାଁ ରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ଜନ୍ମ ୨୦ ନଭେମ୍ବର ୧୯୫୨ ମସିହାରେ ହୋଇଥିଲା। ମୃତ୍ୟୁ ବେଳକୁ ୭୪ ବର୍ଷ ହୋଇଥିଲା ସେ ଜଣେ କର୍ତ୍ତବ୍ୟନିଷ୍ଠ, ମେଳାପୀ ତଥା ଦକ୍ଷ ଅଧିକାରୀ ଭାବରେ ସେ ସମସ୍ତଙ୍କ ନିକଟରେ ବେଶ୍ ପରିଚିତ ଥିଲେ। ତାଙ୍କର ଦୀର୍ଘ ଚାକିରି କାଳ ମଧ୍ୟରେ ସେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବନାଞ୍ଚଳରେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ସାମିଲ ହେଲା ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ

ଅସ୍ତରଙ୍ଗ,୭।୧୧ :(ମନ୍ଥନ)ରାଜ୍ୟରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷାର ସୁଯୋଗ ସମ୍ପ୍ରସାରଣ ଏବଂ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ୬୩୦ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କରାଯାଇଛି। ନଭେମ୍ବର ୬ ତାରିଖ ପୂର୍ବାହ୍ନ ୧୧ଟାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆବାସି ମାଧ୍ୟମ ରେ ଏହି ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ କରିଛନ୍ତି।ଏହି ଅବସରରେ ପୁରୀ ଜିଲ୍ଲାର ୧୦ ଟି ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସକରାଯାଇଥିଲା।ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ୍ ପଡ଼ିଆ ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ସାଂସଦ ପ୍ରତିନିଧି ଦିବାକର ଛାଟୋଇ,ଅସ୍ତରଙ୍ଗ ତହସିଲଦାର, ବ୍ଲକ୍ ଅଧକ୍ଷା ଆରତୀ ନାୟକ, ଶିକ୍ଷା ଅଧିକାର ଶ୍ରୀକାନ୍ତ ସ୍ୱାଇଁ ,ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ସମେତ ଅନେକ ସିଆରସିସି ଉପସ୍ଥିତ ରହିବା ସହ ଏହି ଯୋଜନା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ, ଆଧୁନିକ ଶିକ୍ଷା ସୁବିଧା ଓ ଉନ୍ନତ ଭିତ୍ତିଭୂମି ଉପଲବ୍ଧ କରାଇବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ବକ୍ତ୍ୟବ ରଖିଥିଲେ। ଶିଶୁ ବାଟିକା ରୁ +୨ ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟ ଖସଡା ରହିବ, ଏହା ସହ ଶାରୀରିକ, ମାନସିକ, ଡିଜିଟାଲ ଶିକ୍ଷା କୁ ଏହି ମାଧ୍ୟମ ରେ ବୃଦ୍ଧି କରାଯିବ, ଅସ୍ତରଙ୍ଗ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ଙ୍କ ତରଫରୁ ୬ କୋଟି ଟଙ୍କା ମଞ୍ଜୁର ହେବ ବୋଲି ଶିକ୍ଷା ଅଧିକାରୀ କହିଥିଲେ।ଏହା ଦ୍ୱାରା ଗ୍ରାମାଞ୍ଚଳର ଶିଶୁମାନଙ୍କୁ ମଧ୍ୟ ଉନ୍ନତ ଓ ଗୁଣାତ୍ମକ ସହିତ ଆଧୁନିକ ଶିକ୍ଷାର ସୁଯୋଗ ମିଳିପାରିବ। ରାଜ୍ୟ ସରକାର ଙ୍କ ଏହି ନିଷ୍ପତି ପାଇଁ ସର୍ବଶେଷ ରେ ଉପସ୍ଥିତ ଅଭିଭାବକ, ଛାତ୍ର ଛାତ୍ରୀ ଓ ଅତିଥି ମାନେ ସରକାର ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶତାଧିକ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ଲା ରବୀନ୍ଦ୍ର କୁମାର ପରିଡା ଓ ପ୍ରକାଶ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସଡ଼କ ଦୁର୍ଘଟଣାରେ ଦୁଇ ଭାଇଙ୍କ ମଧ୍ୟରୁ ଜଣେ ମୃତ୍ୟୁ ଓ ଆଉ ଜଣେ ଗୁରୁତର

ଗଞ୍ଜାମ :୫,୧୧ ଗଞ୍ଜାମ ବ୍ଲକ, ହୁମ୍ମା ଫାଣ୍ଡି ଅନ୍ତର୍ଗତ କୁଶପଲ୍ଲୀ ନିକଟସ୍ଥ ଚାମୁଣ୍ଡା ମନ୍ଦିର ସମ୍ମୁଖ ବୁଲାଣିରେ ଏକ ସଡ଼କ ଦୃଘଟଣା ରେ ଦୁଇଭାଇ ଙ୍କ ମଧ୍ୟରୁ ଜଣେ ଭାଇର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହାତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲ ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି କ୍ଷ ମୃତକ ଜଣଙ୍କ ହେଲେ ଯୁ ଡି ଏସ ପୁର ପଞ୍ଚାୟତ ର ବାଲସିଂହପଲ୍ଲୀ ଗ୍ରାମର ତୋଫାନ ଦାସ ଓ ଗୁରୁତର ଜଣଙ୍କ ହେଲେ ମନୋରଞ୍ଜନ ଦାସ କ୍ଷ ଖବର ନେବାରେ ଜଣା ପଡିଛି ଗୁରବାର ଅପରାହ୍ନ ରେ କୌଣସି କାର୍ଯ୍ୟରେ ଦୁଇଭାଇ ସ୍କୁଟି ରେ ହୁମ୍ମା ପଟୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ସନ୍ତୋଷପୁର ପଟରୁ ଏକ କାଠ ବୋଝେଇ ଏଚ ଆର ଗାଡି ଦ୍ରୁତ ଗତିରେ ଆସି ମୁହାଁମୁହିଁ ଧକ୍କା ହୋଇଥିଲା କ୍ଷ ଫଳରେ ଜଣେ ଭାଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିଲେ କ୍ଷ ଦୃଘଟଣା ଗ୍ରସ୍ତ ସ୍କୁଟି ଟି ଭାଙ୍ଗି ଯାଇଛି କ୍ଷ ଘଟଣା ସ୍ଥଳରେ ହୁମ୍ମା ପୁଲିସ ପହଞ୍ଚି ତଦନ୍ତ କରିବା ସହ ମୃତ ବ୍ୟକ୍ତି ଶବକୁ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଛି କ୍ଷ

ସିଦ୍ଧମରିଚାଣି ବିଦ୍ୟାପୀଠରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


କେନ୍ଦ୍ରାପଡ଼ା,୭।୧୧ :(ମନ୍ଥନ)ରାଜ୍ୟ ସରକାରଙ୍କ ଶିକ୍ଷା ବିକାଶ ଯୋଜନା ଅଧୀନରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଅବସରରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ (ଭର୍ଚୁଆଲ୍) ଜରିଆରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୭୧୬ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ବଗଡା ସିଦ୍ଧମରିଚାଣି ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଛାତ୍ରଛାତ୍ରୀ, ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଦେଖିଥିଲେ। କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ବଗଡ଼ାସ୍ଥିତ ସିଦ୍ଧମରିଚାଣି ନୋଡାଲ ବିଦ୍ୟାପୀଠ ପରିସରରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରତିଷ୍ଠା ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ତୃତୀୟ ପର୍ଯ୍ୟାୟରେ ସମଗ୍ର ରାଜ୍ୟରେ ମୋଟ ୭୧୬ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଲେ କେନ୍ଦ୍ରାପଡ଼ା ଜିଲାର ୧୬ଟି ବିଦ୍ୟାଳୟକୁ ଏଥି ନିମନ୍ତେ ଚୟନ କରାଯାଇଛି। ବଗଡ଼ା ହାଇସ୍କୁଲ ପଡ଼ିଆରେ ନିର୍ମିତ ହେବାକୁ ଥିବା ଏହି ବିଦ୍ୟାଳୟ ନିମନ୍ତେ ପ୍ରାୟ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଠାରେ ଉଚ୍ଚ ମାନର ଭିତ୍ତିଭୂମି ସହିତ ସମସ୍ତ ଅତ୍ୟାଧୁନିକ ବିଶ୍ୱ ସ୍ତରୀୟ ସୁବିଧା ଉପଲବ୍ଧ ହେବ। ଆଇ.ସି.ଟି. ଶ୍ରେଣୀଗୃହ, ବିଜ୍ଞାନଗାର, ବିଶ୍ୱ ସ୍ତରୀୟ ଉନ୍ନତ ମାନର କ୍ରୀଡ଼ା ଭିତ୍ତିଭୂମି, ଖେଳପଡିଆ, ପାଠାଗାର, ଶିଶୁ ଉଦ୍ୟାନ, ସ୍ମାର୍ଟ କ୍ଲାସରୁମ ଏବଂ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରାବଧାନ ଅନୁଯାୟୀ ପିଲାମାନେ ମୂଲ୍ୟବୋଧ ଭିତ୍ତିକ ଗୁଣାତ୍ମକ ଶିକ୍ଷା ଲାଭ କରିବେ। ଏଥିସହିତ ପ୍ରାରମ୍ଭିକ ବୈଷୟିକ ତାଲିମ ବ୍ୟବସ୍ଥା ଏହି ବିଦ୍ୟାଳୟର ମୁଖ୍ୟ ଆକର୍ଷଣ ହେବ, ଯାହା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିବ ବୋଲି ଶିକ୍ଷାଧିକାରୀ ଶ୍ରୀ ବାରିକ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ଇଂ. ଅକ୍ଷୟ କୁମାର ପାଣି ଅତିଥି ଭାବେ ଯୋଗ ଦେଇ କହିଲେ ପ୍ରଖ୍ୟାତ ଶିକ୍ଷାବିତ୍, କବି ତଥା ସମାଜ ସଂସ୍କାରକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ମହାନ ଆଦର୍ଶ ଓ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ହାସଲ ଦିଗରେ ଏହି ଆଦର୍ଶ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଏକ ନୂତନ ଯୁଗର ଆରମ୍ଭ କରିବ ବୋଲି ମତବ୍ୟକ୍ତ କରିଥିଲେ।

ଗାଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରତୃତୀୟ ପର୍ଯ୍ୟାୟ ବ୍ରହ୍ମଗିରି ରେ ଦୁଇଟି ଭିତ୍ତିପ୍ରସ୍ତର ସ୍ଥାପନ

ବ୍ରହ୍ମଗିରି, ୭।୧୧ :(ମନ୍ଥନ)ଶୁକ୍ରବାର ଦିନ ରାଜ୍ୟ ସରକାର ତରଫରୁ ତୃତୀୟ ପର୍ଯ୍ୟାୟ ଗାଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଘୋଷଣା କରାଯାଇଛି । ଏନେଇ ବିଧିବଦ୍ଧ ଭାବେ ଓଡିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀ ମୋହନ ଚରଣ ମାଝୀ ଭିଡ଼ିଓକନଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।ତୃତୀୟ ପର୍ଯ୍ୟାୟରେ ବ୍ରହ୍ମଗିରି ବ୍ଲକରେ ଦୁଇଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମ ହେଲା କୁଶୁବେଣ୍ଠି ଗ୍ରାମପଞ୍ଚାୟତ ର କୁଶୁବେଣ୍ଠି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଅନ୍ୟ ଟି ଗଦାରୋଡ଼ଙ୍ଗ ଗ୍ରାମ ପଞ୍ଚାୟତ ର ଗଦାରୋଡ଼ଙ୍ଗ ଗ୍ରାମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଅନୁଷ୍ଠିତ ହେବ । ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ଖୋଦ ମୁଖ୍ୟମନ୍ତ୍ରୀ କହିଛନ୍ତି । ସେକହିଛନ୍ତି ଅବଶିଷ୍ଟ ପ୍ରାଥମିକ ବିଦ୍ୟାଳୟର ଗୁଡିକୁ ଆମେ ଖୁବୁ ଶୀଘ୍ର ଏହି ଗାଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଯୋଜନା ରେ ଅନ୍ତର୍ଭୁକ୍ତ କରିବୁ । ଏହି କାର୍ଯ୍ୟକ୍ରମ ରେ ଜେଇ ଏସ ଏସ ଏ ପୁରୀ ଆଚାର୍ଯ୍ୟ ସୁଧୀର ପଣ୍ଡା, ଏବିଇଓ ବ୍ରହ୍ମଗିରି କୁମାର ପାତ୍ର ,ଏବିଇଓ ସୁରେନ୍ଦ୍ର ସେଠୀ ,ଶୋଭାଗ୍ୟ ପ୍ରଧାନ୨ ,ନବଘନ ସାହୁ ,ଶିକ୍ଷାବିତି ଅକ୍ଷୟ କୁମାର ସାହୁ ,ପ୍ରଶାନ୍ତ ବେହେରା,ଶଶୀଭୂଷଣ ଜେନା ,ବିଶ୍ୱନାଥ ପ୍ରଧାନ,ବିଶ୍ୱରଞ୍ଜନ ପ୍ରଧନ ଉପସ୍ଥିତ ଥିଲେ ।

ଲୋୟୋଲା ସ୍କୁଲ୍ ଟାଇଁସର ଠାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ

କୁଚିଣ୍ଡା,୭।୧୧ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଲୋୟୋଲା ସ୍କୁଲ୍ ଟାଇଁସର ଠାରେ, ଅଧକ୍ଷ ସାଓ୍ୱାରି ମୁଥୁ ଏସ୍ ଜେ ଙ୍କ ତତ୍ୱାବଧାନରେ ଆକର୍ଷଣୀୟ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଛାତ୍ରଛାତ୍ରୀମାନଙ୍କର କଳାତ୍ମକ ପ୍ରତିଭା ଅନ୍‌ୱେଷଣ, ସୃଜନଶୀଳତା ଏବଂ ଭାରତର ସଂସ୍କୃତି ଐତିହ୍ୟକୁ ଉପଲବ୍ଧି କରିବା ପାଇଁ ଉତ୍ସାହିତ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ




ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।ଏହି ପ୍ରତିଯୋଗିତା ସିଷ୍ଟର ଆଲିନ୍ ପ୍ରତିମା ତିର୍କୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କରିସ୍ମା ଲାକ୍ରା,ଜ୍ୟୋତ୍ସ୍ନା ଏବଂ ଫାଦର ଇଗ୍ନାସିୟସ୍ ଡୁଙ୍ଗ୍ ଡୁଙ୍ଗ୍ ଏଥିରେ ବିଚାରକ ଭାବରେ ଯୋଗ ଦେଇ କୃତିତ୍ୱଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ।ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ ସୁନ୍ଦର ଡିଜାଇନ୍, ଉଜ୍ଜ୍ୱଳ ରଙ୍ଗ ଏବଂ ପାରମ୍ପରିକ ଶୈଳୀ ମାଧ୍ୟମରେ ନିଜର କଳ୍ପନାଶକ୍ତି ଓ କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କୁ ନିଜର ଲୁକ୍କାୟିତ ପ୍ରତିଭାର ବିକାଶ କରିବା ସହ ଭାରତୀୟ ପାରମ୍ପରିକ କଳା ଓ ସାଂସ୍କୃତିକ ମୂଲ୍ୟବୋଧକୁ ବୁଝିବାର ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା।ଶିକ୍ଷକ-ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କର ଆନ୍ତରିକ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା,୭।୧୧ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ଅଧୀନ ୬ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ମିଳିଥିବା ବେଳେ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଳିସାହି ପଞ୍ଚାୟତ ଅଧୀନ ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ମଧୁମିତା ରଥ, ସ୍ଥାନୀୟ ବିଡିଓ ଅଙ୍କୁର ଅଭିଳାଷ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲୁରୀ ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା ଓ ସିଦ୍ଧାର୍ଥ ମହାପାତ୍ର ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଇଓ କୈଳାସ ଚନ୍ଦ୍ର କର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାଶ, କଳିଙ୍ଗ ଚନ୍ଦ୍ର ନାଏକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଖଳିସାହି ସମେତ ସିଂଘାପଡା, କିଆଝର, କୁମ୍ଭାରପଡ଼ା, ରୟତ ଡୋଳମରା ଓ ଶାଳଝରିଆ ଆଦି ପଞ୍ଚାୟତର ୬ ଗୋଟି ବିଦ୍ୟାଳୟ ସହ ଭାପୁର ବ୍ଲକର ୫ ଗୋଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଥିବା ବେଳେ କ୍ୟାମ୍ପସକୁ ନୂଆରୂପ ମିଳିବ ବୋଲି ବ୍ଲକ ପ୍ରଶାସନ କହିଛି।

ବାଣ ବଜାରରେ ଲାଗିଛି ଭିଡ଼, ଜମୁଛି ବେପାର


ବୁଗୁଡ଼ା,୭।୧୧ :(ମନ୍ଥନ) ଆଲୋକର ପର୍ବ ଦୀପାବଳି ପାଇଁ ବୁଗୁଡ଼ାରେ ଖୋଲିଛି ସ୍ୱତନ୍ତ୍ର ବାଣ ବଜାର । ସ୍ଥାନୀୟ ଶକ୍ତିନଗରସ୍ଥିତ ଏକ ବିଲମାଳରେ ଗତ ଗୁରୁବାରଠାରୁ ବାଣ ବିକ୍ରି ଆରମ୍ଭ ହୋଇଛି । ବାଣ ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ବାଣ ଦୋକାନରେ ବିକ୍ରି କରୁଛନ୍ତି । ବାଣ କିଣିବା ପାଇଁ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ତେବେ ସବୁଜ ବାଣ ଲୋଗ ଥିବା ବିଭିନ୍ନ କମ୍ପାନୀର ବାଣ ଦୋକାନରୁ ମିଳୁଛି । ଅଧିକ ଶବ୍ଦ ହେଉନଥିବା



ବାଣ ବିକ୍ରିକୁ ବ୍ୟବସାୟୀ ଗୁରୁତ୍ୱ ଦେଇଛନ୍ତି । ଛୋଟ ଛୁଆଙ୍କ ଠାରୁ ବଡ ଲୋକ ଫୁଟାଉଥିବା ବାଣ ଓ ଆଲୁଅ ସୃଷ୍ଟିକାରୀ ବିଭିନ୍ନ ବାଣ ବିକ୍ରି ହେଉଛି । ବିଶେଷକରି ନଳବଣ୍ଟା, ତିଗିରିଆ , କଳାପଥର , ରାଇପୁର ଓ ଶିବକାଶୀରୁ ଆସିଥିବା ବାଣର ଚାହିଦା ଅଧିକ ରହୁଥିବା ବେଳେ ଅପରାହ୍ନରୁ ରାତ୍ରୀ ପର୍ଯ୍ୟନ୍ତ ବାଣ ଦୋକାନରେ ଭିଡ ରହୁଛି । କୌଣସି ଅଘଟଣ ଘଟିବା ଆଶଙ୍କାରେ ବାଣ ଷ୍ଟଲ ନିକଟରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି । ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି ।

ମଣ୍ଡଳ ଗାଁରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଶୁଭାରମ୍ଭ

ପାଟଣାଗଡ, ୭।୧୧ :(ମନ୍ଥନ)ବଲାଙ୍ଗିର ଜିଲ୍ଲାର ବେଲପଡ଼ା ବ୍ଲକ ଅନ୍ତର୍ଗତ ମଣ୍ଡଳ, ବେଲପଡ଼ା,କାନୁଟ, ପଣ୍ଡ୍ରିଜୋର,ମଧପୁର କୁ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଘୋଷିତ ହୋଇଥିଲା। ସେଥିପାଇଁ ଆଜି ମଣ୍ଡଳ ଅଭୟ ପ୍ରସାଦ ଠାକୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କରିବା ପାଇଁ ଧୁମ୍ ଧାମରେ ଶୁଭାରମ୍ଭ କାର୍ଯ୍ୟ ହୋଇଥିବା ବେଳେ ପୂଜକ ଭାବେ ସମ୍ଭୁପ୍ରସାଦ ପାଢ଼ୀ ଭୂମି ପୂଜନ କରିଥିଲେ।ଏହି ଶୁଭାରମ୍ଭ କାର୍ଯ୍ୟ ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅଭିନବ ମିଶ୍ର ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା।ଏହି ଉତ୍ସବରେ ମୁଖ୍ୟ ଅତିଥି



ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସାରଥୀ ସାହୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଅନିମା ଦାଶ, ସରପଞ୍ଚ ଶ୍ରୀମତୀ ସସ୍ମିତା ସେଠ, ମଣ୍ଡଳ କଲେଜର ଅଧକ୍ଷ ଶ୍ରୀଯୁକ୍ତ ଅଶୋକ ପୁରୋହିତ, ବିଦ୍ୟାଳୟ ସ୍ଥାପନ କରିଥିବା ଅଭୟ ପ୍ରସାଦ ଠାକୁର ଙ୍କ ସୁପୁତ୍ର ମୋହନଦାସ ଠାକୁର, ବିଦ୍ୟାଳୟର ଉପ ସଭାପତି ଗଜରାଜ ପସାୟତ ମନୋରଞ୍ଜନ ପୁରୋହିତ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମର ଆୟୋଜନ ପ୍ରଧାନଶିକ୍ଷକ ବୁଲୁ ବଗର୍ତ୍ତି ଙ୍କ ଦ୍ୱାରା ହୋଇଥିବା ବେଳେ ସି ଆର ସି ସି ଦିନବନ୍ଧୁ ତାଣ୍ଡି ସହଯୋଗ କରିଥିଲେ। ମଣ୍ଡଳ ଗାଁ ର ଭଦ୍ରବ୍ୟକ୍ତି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉପଭୋଗ କଲେ ।ଉକ୍ତ କାର୍ଯ୍ୟକ୍ରମରେ ବଳଦେବ ପାଢ଼ୀ ମଞ୍ଚ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସ୍ୱାଙ୍ଗ କରିଥିଲେ।



ବାଉଁସ ମୁଳିରେ ବାଡେଇ ପୋଲିସ ମୁଣ୍ଡ ଫଟାଇଦେଲେ;୩ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୭।୧୧ :(ମନ୍ଥନ) ଡେଲାଙ୍ଗ ଥାନା ହାଟଡେଲାଙ୍ଗ ଫାଣ୍ଡି ପୋଲିସକୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇଦେବା ଘଟଣା ଏବେ ଡେଲାଙ୍ଗରେ ଚର୍ଚ୍ଚା ର ବିଷୟ ହୋଇଛି । ଏହି ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠୁଛି ପୋଲିସ ଗଣ୍ଡଗୋଳ ଛଡାଇବାକୁ ଯାଇ କାହିଁକି ଆକ୍ରମଣର ଶିକାର ହେଲା । ସେମାନେ ପୋଲିସକୁ ମାଡ ମାରିବାକୁ ପଛାଇଲେ ବି ନାହିଁ । ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମିଳିଥିବା ସୁଚନା ମୁତାବକ ହାଟଡେଲାଙ୍ଗ ଫାଣ୍ଡି ନିକଟରେ ଥିବା ଫଳ ଦୋକାନୀ ଓ ଚାର୍ଟ ଦୋକାନୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ ପାଟିତୁଣ୍ଡ ଭଳି ଘଟଣା ଘଟି ଉଗ୍ରରୁପ ଧାରଣ କରିଥିଲା । ଖବର ପାଇ ଫାଣ୍ଡି ପୋଲିସ କନେଷ୍ଟବଳ ମିଥୁନ ସିଂହ ସେଠାରେ ପହଂଚି ଉଭୟଙ୍କୁ ବୁଝାସୁଝା କରିଥିଲେ । ଗଣ୍ଡଗୋଳ ସମୟରେ କାହିଁକି ପୋଲିସ ହସ୍ତକ୍ଷେପ କଲା କହି ଏଥିରେ ଗୋଟେ ପକ୍ଷ ଉତକ୍ଷିପ୍ତ ହୋଇ ଅଶିଳ ଭାଷାରେ ଗାଳିଗୁଲଜ କରି ଏକ ବାଉଁସ ମୁଳିରେ ମିଥୁନଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ମୁଣ୍ଡ ଫାଟି ତଳେ ପଡିଯିବା ପରେ ମଧ୍ୟ ଫଳ ଟ୍ରେ ରେ ଆକ୍ରମଣ କରିଚାଲିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି ।



ପୋଲିସ ପହଂଚି ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ସୁଧା ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଆହତ କନେଷ୍ଟବଳ ମିଥୁନଙ୍କୁ ପ୍ରଥମେ ଡେଲାଙ୍ଗ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଧରିବାକୁ ଯାଇ ଆକ୍ରୋଶର ଶିକାର ହୋଇଛନ୍ତି। ଏନେଇ କନେଷ୍ଟବଳ ସୁଧାଂଶୁ ଶେଖର ଦଳେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ୩୫୭/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସହ ୩ଜଣ ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଅଶୋକ କୁମାର ସାହୁ (୫୦),ଟୁଟୁ ସାହୁ (୪୩), ଦିଲିପ ସାହୁ ଓରଫ ଦିଲୁ (୩୨)ସମସ୍ତଙ୍କ ଗ୍ରାମ ହାଟ ଡେଲାଙ୍ଗ ଅଟେ । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଳଣ କରାଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୁଚନା ଦେଇଛନ୍ତି ।

ବୈଦିକ ଟେକ୍ନୋ ସ୍କୁଲରେ ୧୬ତମ ବିଜ୍ଞାନ ମେଳା ଅନୁଷ୍ଠିତ



ପିପିଲି,୭।୧୧ :(ମନ୍ଥନ)ପିପିଲି ବ୍ଲକ୍ ଛକ ନିକଟସ୍ଥ ବୈଦିକ ଟେକ୍ନୋ ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି ବିଦ୍ୟାଳୟର ୧୬ତମ ବିଜ୍ଞାନ ମେଳା। ବିଦ୍ୟାଳୟର ଅଧକ୍ଷା ଶୁଭଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ୟୁକେଜି ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଲି ଶିକ୍ଷା ବିଭାଗର ଯୋଜନା ସଂଯୋଜକ ଡକ୍ଟର ପବନି ପ୍ରଧାନ, ବିଆରପି ଅଳକା ବେହେରା, ଏସିଏସ୍ କଲେଜର ପ୍ରଫେସର ଅକ୍ଷୟ ଦାସ, ଶିକ୍ଷାବିତ୍ ସାରଦା ନନ୍ଦ ପ୍ରଧାନ, ସହଯୋଗୀ ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ ଓ ମାଣିକ ପ୍ରଭା ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଏହାର ଉପଯୋଗିତା, ବୈଜ୍ଞାନିକ ଚିନ୍ତାଧାରା ଓ ବ୍ୟବହାରିକ ଦିଗ ସମ୍ପର୍କରେ ମୂଲ୍ୟାଙ୍କନ କରିଥିଲେ। ମେଳାରେ ସ୍ମାର୍ଟ ଡଷ୍ଟବିନ୍, ଅଟୋମେଟିକ୍ ସ୍ନେକ୍ ଟ୍ରାପ୍, ସୋଲାର ସିଷ୍ଟମ୍, ସ୍ୱୟଂଚାଳିତ ଟ୍ରାଫିକ୍ ନିୟନ୍ତ୍ରଣ, ବାୟୁ ପ୍ରଦୂଷଣରୁ ସୁରକ୍ଷା ଏବଂ ଜଳଚକ୍ର ଉପରେ ଆଧାରିତ ପ୍ରକଳ୍ପଗୁଡ଼ିକ ବିଶେଷ ଆକର୍ଷଣ ସାଜିଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରକଳ୍ପର କାର୍ଯ୍ୟପ୍ରଣାଳୀ ଓ ଉପକାରିତା ସମ୍ପର୍କରେ ଅତିଥିମାନଙ୍କୁ ବୁଝାଇଥିଲେ। ଏଭଳି ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନଶୀଳତା, ଅନୁସନ୍ଧାନମନସ୍କତା ଓ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଥିସହ ଉତ୍କୃଷ୍ଟ ପ୍ରକଳ୍ପ ପ୍ରସ୍ତୁତ କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ଫଳାଫଳ ଆଗାମୀ ବାର୍ଷିକ ଉତ୍ସବରେ ଘୋଷଣା କରାଯିବା ସହ ସେମାନଙ୍କୁ ସମ୍ମାନିତ କରାଯିବ ବୋଲି ବିଦ୍ୟାଳୟର ଅଧକ୍ଷା ଶୁଭଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

ମା' ଶ୍ୟାମାକାଳୀ ପୂଜା ଉପଲକ୍ଷେ କଳସ ଯାତ୍ରା

ବୁଗୁଡା, ୭।୧୧ :(ମନ୍ଥନ)ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଶ୍ରୀ ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ମା' ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ଶନିବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟସ୍ଥ ବାଘୁଆ ନଦୀପଠାରେ ପୁରୋହିତ ଉମାତନୟ ହୋତା ଓ ଗୋଦାବରୀଶ ହୋତା ପ୍ରମୁଖ ଯଥାବିଧି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ନଳିନୀକାନ୍ତ



ଦୋରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶତାଧିକ ମହିଳା ଓ ପୁରୁଷ କଳସରେ ନଦୀରୁ ଜଳ ଘେନି ଗ୍ରାମ୍ୟ ପରିକ୍ରମା କରି ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପଠାରେ ପହଞ୍ଚି ଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଦସ୍ୟଙ୍କ ସମେତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା ।

ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କୁ ଅଶ୍ଳିଳ ଗାଳି ଗୁଳଜ ସହ ହତ୍ୟା ଧମକ

ବଳଙ୍ଗା,୭।୧୧ :(ମନ୍ଥନ)ବଳଙ୍ଗା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କୁ ଅଶ୍ଳିଳ ଗାଳି ଗୁଳଜ ସହ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଭୁତପଦା ଗ୍ରାମର ସୁବାସ ବେହେରାଙ୍କ ପତ୍ନୀ ବନିତା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବନିତା ବାମନାଳ ପଞ୍ଚାୟତର ବିଜେପିର ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଗତମାସ ୨୦ତାରିଖ ରାତିରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାମନାଳ ମଣ୍ଡପ ବୁଲିବାକୁ ଆସିଥିଲା ବେଳେ ଭୂତପଦା ଗ୍ରାମର ଦିପୁ ମଳିକ ନାମକ ଜଣେ ଯୁବକ ଅଶ୍ଳିଳ ଭାଷାରେ ଗାଳି ଗୁଳଜ କରିଥିଲା। ସେଠାରେ ଉପସ୍ଥିତ ଥିବା ବନିତା ଦିପୁକୁ ପ୍ରତିବାଦ କରିବାରୁ ସେ ବନିତାଙ୍କୁ ଗାଳି ଗୁଳଜ କରିଥିଲା। ପରେ ବନିତା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ମଣ୍ଡପ ବୁଲାଇ ଛାଡିବା ପରେ ଘରକୁ ଫେରୁଥିଲେ। ଦିପୁ ଏକ ବାଇକ ଆଣି ବାନିତାଙ୍କୁ ଗାଳି ଗୁଳଜ କରିବା ସହ ଜୀବନରୁ ମାରିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଯାଜପୁର ରୋଡ୍ ସବ୍‌ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଏବେ ଚର୍ଚ୍ଚା

ଯାଜପୁର,୭।୧୧ :(ମନ୍ଥନ) ଯାଜପୁର ରୋଡ୍ ସବ୍‌ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଜେଲ୍ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ପରିବାର ଲୋକେ ଏହାକୁ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଜେଲ୍ ଭିତରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ କିପରି ଘଟିଲା, ତାହାକୁ ନେଇ ଉଠିଛି ଅନେକ ପ୍ରଶ୍ନ। ମୃତକ ହେଉଛନ୍ତି କଳିଙ୍ଗନଗର ଥାନା ଅନ୍ତର୍ଗତ ନିମପଲ୍ଲୀ ଗ୍ରାମର ଅବିନାଶ ବିଶ୍ୱାଳ। ଏକ ପୋକ୍ସୋ ମାମଲାରେ ଅଭିଯୁକ୍ତ ହୋଇ ଅବିନାଶ ବିଶ୍ୱାଳ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ଗତ ଅଗଷ୍ଟ ୩୦ ତାରିଖରେ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ କାରାଗାରରୁ ଯାଜପୁର ରୋଡ୍ ସବ୍‌ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଗତକାଲି ମଧ୍ୟାହ୍ନରେ ଜେଲ୍ ପରିସରରେ ଥିବା ମେଡିକାଲ୍ କକ୍ଷରେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବର ପାଇ କୋରେଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ତଦନ୍ତ କରିଛି। ସବୁଦିନ ପାଇଁ ରାସ୍ତାରୁ କଂଟା ହଟାଇବା ପାଇଁ ଝିଅ ଘର ଲୋକଙ୍କ ଠାରୁ ସୁପାରୀ ନେଇ ଯୁବକଙ୍କୁ ଜେଲ ଭିତରେ ଥିବା ଅବସ୍ଥାରେ ଯୋଜନା ବଦ୍ଧ ହତ୍ୟା କରିଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଏଥିସହ ଉଚ୍ଚ ସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟରେ ସାମିଲ ହେଲା ସୋଲର ଉନ୍ନୀତ ପ୍ରକଳ୍ପ ବିଦ୍ୟାଳୟ



ବଡ଼ଚଣା,୭।୧୧ :(ମନ୍ଥନ)ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଉନ୍ନିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ଆଭାଷୀ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଅମର କୁମାର ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ।ବିଇଓ ଲୋପାମୁଦ୍ରା ରାଉତରାୟ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ଆର୍ତ୍ତତ୍ରାଣ ପୁଷ୍ଟି, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବିଭାଗ ଚନ୍ଦ୍ର ନନ୍ଦ,ବ୍ଲକ ଅଧାକ୍ଷା ଙ୍କ ପ୍ରତିନିଧି ନିରଞ୍ଜନ ସେନାପତି,ସିଆରସିସି କିର୍ତ୍ତୀ ଚନ୍ଦ୍ର ମହାନ୍ତି ,ମାଧବାନନ୍ଦ ମହାପାତ୍ର,,ପୂର୍ବତନ ସରପଞ୍ଚ ନୀଳମଣୀ ରାଉତ,ପ୍ରଧାନ ଶିକ୍ଷୟତ୍ରୀ ସଙ୍ଗିତା ରଥ,ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସେଠୀ,ସରପଞ୍ଚ ବିଜୟ କୁମାର ସ୍ୱାଇନ,ସଞ୍ଜୟ ବେହେରା,ସୁଧାଂଶୁ ପ୍ରହରାଜ ଶ୍ରୀକାନ୍ତ ପ୍ରହାରାଜ ,ସରପଞ୍ଚ ପ୍ରତିନିଧି ଗଙ୍ଗାଧର ଦାସ,ଦୀପକ ସାହୁ ,ସଭାପତି ରଞ୍ଜନ କୁମାର ସାହୁ,, ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଉତ୍ତମ କୁମାର ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଯୁବ ସଭାପତି ସବ୍ୟସାଚୀ ମହାନ୍ତୀ,ସୁଶାନ୍ତ ସାହୁ,ଅକ୍ଷୟ ବେହେରା,ଧନଞ୍ଜୟ ଲେଙ୍କା,ଜୟନ୍ତ କୁମାର ନାଥ,ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।ପରିଚିଳନା ସଭାପତି କ୍ଷେତ୍ରବାସୀ ବାରିକ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ୫ କୋଟି ବ୍ୟୟ ଅଟକଳ ରେ ଆଦର୍ଶ ବିଦ୍ୟାଳୟ ର ପରିକଳ୍ପନା ପାଇଁ ମାନ୍ୟବର ବିଧାୟକ ଓ ରାଜ୍ୟ ସରକାର ଙ୍କୁ ଅଞ୍ଚଳ ?ବାସୀ କୃତଜ୍ଞତା ଜଣାଇ ଛନ୍ତି।

ଗଞ୍ଜେଇ ଚାଷ କରି ଜେଲ ଗଲେ ଅଭିଯୁକ୍ତ

ରାଇଘର,୭।୧୧ :(ମନ୍ଥନ)ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ରେ ଆଜି ଗଞ୍ଜେଇ ଚାଷ କରି ଜଣେ ଅଭିଯୁକ୍ତ କୋର୍ଟର ଦ୍ୱାରସ୍ତ ହୋଇଥିବା ଖବର ଏବେ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ଛକୌଣସି ଏକ ବିଶେଷ ସୂତ୍ରରୁ ରାଇଘର ପୋଲିସ ଖବର ପାଇବା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପୋଲିସ କାର୍ଯ୍ୟାଳୟ ଠାରୁ ମାତ୍ର ୨୦କିଲୋମିଟର(ଉତ୍ତର-ପୂର୍ବ ଦିଗରେ)ଦୂରରେ ରହିଛି ବିନୟପୁର ଗ୍ରାମ । ଉକ୍ତ ଗ୍ରାମର ସ୍ୱର୍ଗତ ଜଗନ୍ନାଥ ମାଝୀଙ୍କ ପୁଅ ତିଳଚନ୍ଦ ମାଝୀ (୩୫)୪୬୭ ଟି ଗଞ୍ଜେଇ ଗଛ ନିଜ ଘର ପାଖରେ ଲଗେଇଥିଲେ । ଏ ଖବର ରାଇଘର ପୋଲିସ କୌଣସି ଏକ ବିଶେଷ ସୂତ୍ରରୁ ଜାଣିପାରିବା ପରେ ରାଇଘର ଆଇଆଇସି ଟିକଚେନ ବାହାବେଳ କାଟୁଆଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମେନକା ସାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ପହଂଚି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ । ପରେ ନିଶାଦ୍ରବ୍ୟ ନିରୋଧ ଆଇନ ଅନୁସାରେ ଥାନାରେ କେସ ନଂ ୨୯୩ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

ପତ୍ନୀକୁ ନିର୍ଯାତନା ଦେଇ ସ୍ୱାମୀର ଦ୍ୱିତୀୟ ବିବାହ

ବଳଙ୍ଗା,୭।୧୧ :(ମନ୍ଥନ)ବଳଙ୍ଗା ଥାନା ଅନ୍ତର୍ଗତ ବିଶ୍ୱନାଥ ଦେଉଳୀ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯ୍ୟାତନା ଦେଇ ଘରୁ ବାହାର କରିଦେବା ସହ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ବିଶ୍ୱନାଥ ଦେଉଳି ଗ୍ରାମର ସନ୍ତୋଷ ନାୟକଙ୍କ ପତ୍ନୀ ସରସ୍ୱତୀ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଆଜକୁ ୭ବର୍ଷ ତଳେ ସନ୍ତୋଷ ଓ ସରସ୍ୱତୀ ପରସ୍ପରକୁ ଭଲପାଇ ଉଭୟ ପରିବାର ସହମତିରେ ବିବାହ କରିଥିଲେ । ବର୍ତ୍ତମାନ ଉଭୟଙ୍କ ୬ବର୍ଷର ଝିଅ ଓ ୩ବର୍ଷର ପୁଅ ଅଛନ୍ତି। ଗତ ୩ବର୍ଷ ତଳେ ସନ୍ତୋଷ ଅନ୍ୟ ଏକ ଯୁବତୀଙ୍କୁ ନେଇ ଘରଛାଡି ପଳାଇଲେ। ସରସ୍ୱତୀ ଶାଶୁଘରେ ପୁଅ ଝିଅଙ୍କୁ ନେଇ ରହିବା ଭିତରେ ଶାଶୁ ଓ ଦେଢ଼ଶୁର ତାଙ୍କୁ ଖାଇବାକୁ ନଦେଇ ନିର୍ଯ୍ୟାତନା ଦେବାରୁ ସରସ୍ୱତୀ ପିଲା ଛୁଆଙ୍କୁ ଧରି ବାପଘରକୁ ଆସି ରହୁଥିଲେ। ଗତ କିଛି ଦିନତଳେ ସ୍ୱାମୀ ସନ୍ତୋଷ ଘରକୁ ଆସିଥିବା ଖବର ପାଇ ସରସ୍ୱତୀ ଶାଶୂ ଘରକୁ ଯିବାରେ ସେଠାରେ ସନ୍ତୋଷ ଦ୍ୱିତୀୟ ବିବାହ କରିଥିବା ଯୁବତୀକୁ ରଖିବା ସହ ସରସ୍ୱତୀଙ୍କୁ ରଖିବାକୁ ମନାକରି ଅଶ୍ଳିଳ ଭାଷାରେ ଗାଳି ଗୁଳଜ ମାଡ଼ ମାରିଥିଲେ। ସରସ୍ୱତୀ ତାଙ୍କ ବାପା ଓ ଭାଇଙ୍କୁ ଖବର ଦେବାରେ ସେମାନେ ଘଟଣା ସ୍ଥଳରେ ପହଁଚି ପ୍ରତିବାଦ କରିବାରୁ ସନ୍ତୋଷ ହାତରେ ଏକ କଟୁରୀ ଧରି ସରସ୍ୱତୀଙ୍କ ବାପାଙ୍କୁ ହାଣିବାକୁ ଗୋଡାଇଥିଲା। ପାଟି ଶୁଣି ସାହି ଲୋକେ ଆସି ସନ୍ତୋଷକୁ ବୁଝାସୁଝା କରିବାରେ ସେ ଦ୍ୱିତୀୟ ବିବାହ କରିଥିବା ଯୁବତୀକୁ ରଖିବା ସହ ସରସ୍ୱତୀ ଏଠାକୁ ଆସିଲେ ତାକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଏମ୍ସ ପବ୍ଲିକ ସ୍କୁଲରେ ଗଣକବିଙ୍କ ୧୪୪ ତମ ଜୟନ୍ତୀ ସମାରୋହ


ମାହାଙ୍ଗା, ୭।୧୧ :(ମନ୍ଥନ)ଓଡ଼ିଶାର ପ୍ରଥିତଯଶା ସାରସ୍ୱତ ସାଧକ, ଗୀତିନାଟ୍ୟ ର ମୁକୁଟ ବିହିନ ସମ୍ରାଟ୍ ଗଣକବି ବୈଷ୍ଣବ ପାଣିଙ୍କ ୧୪୪ ତମ ଜୟନ୍ତୀ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ବେଳେ, ମାହାଙ୍ଗା ସାରସ୍ୱତ ସେବାମଞ୍ଚ ପକ୍ଷରୁ ଏମ୍ସ ପବ୍ଲିକ ସ୍କୁଲ ଖନ୍‌ଦୋଳ ଠାରେ ଏହି ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା କ୍ଷସାହିତ୍ୟିକ ଡକ୍ଟର ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାହିତ୍ୟ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଏହି ଉତ୍ସବକୁ ଏମ୍ସ ପରିଚାଳନା ସମିତି ଚେୟାରମ୍ୟାନ ରବୀନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ । ସାହିତ୍ୟିକ ଡକ୍ଟର ଭାବଗ୍ରାହୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣକବି ଜଣେ କାଳଜୟୀ ସ୍ରଷ୍ଟା ଥିଲେ ବୋଲି କହିଥିଲେ ଥିଲେ । ମୁଖ୍ୟ ବକ୍ତାଭାବେ ରସରାଜ ବୀର କିଶୋର ସ୍ୱାଇଁ ଗଣକବିଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଏମ୍ସ ପବ୍ଲିକ ସ୍କୁଲ ଅଧକ୍ଷ ରଶ୍ମିରଂଜନ ଦାଶ ଇଂରାଜୀ ନାଟକ ଏବଂ ଗଣକବିଙ୍କ ନାଟକର ତୁଳନାତ୍ମକ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତାଭାବେ ଏମ୍ସ ପବ୍ଲିକ ସ୍କୁଲର ପରିଚାଳକ ଶାରଦା ପ୍ରସାଦ ପଣ୍ଡା ଗଣକବିଙ୍କ ସାହିତ୍ୟରେ ଶିଶୁ ମାନର ଭାବନା ପ୍ରତିଫଳିତ ବୋଲି କହିଥିଲେ । ସାହିତ୍ୟିକ ରାଜକିଶୋର ମୁଣ୍ଡି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ,ଶିକ୍ଷୟିତ୍ରୀ ଆକାଂକ୍ଷା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ସାମ୍ବାଦିକ ରମେଶ ଦାସ, ରବିନାରାୟଣ ଦାସ, ଦାମୋଦର ପରିଡା,ଗୋବିନ୍ଦ ଚନ୍ଦ୍ର ବେହୁରା,ଶିକ୍ଷୟିତ୍ରୀ ମମତା ବାରିକ, ରେଣୁବାଳା ମିଶ୍ର, ସ୍ମିତା ସାମଲ, ପ୍ରିୟଙ୍କା ସ୍ୱାଇଁ, ଚିନ୍ମୟୀ ମହାପାତ୍ର, ପ୍ରଦାୟିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପରିଡା, ରୋଜାଲିନ ବାରିକ, କନକଲତା ମିଶ୍ର, ହୃଷିକେଶ ସ୍ୱାଇଁ, ଗାୟତ୍ରୀ ସେନାପତି,ଶରଣ୍ୟ ରଞ୍ଜନ, ଏବଂ ଶୁଭଦର୍ଶିନୀ ମିଶ୍ର,ଭବ୍ୟକାନ୍ତ ଦାସ ପ୍ରମୁଖ ଯୋଗଦେଇ ଗଣକବିଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

ପୋଲିସ ପ୍ରଶାସନ ପକ୍ଷରୁ ଯାଜପୁର ସହର ରେ ଫ୍ଲାଗ ମାର୍ଚ୍ଚ

ଯାଜପୁର,୭।୧୧ :(ମନ୍ଥନ)ଯାଜପୁର ର ଗଣପର୍ବ କାଳୀପୂଜା ରେ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଯାଜପୁର ସହର ରେ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ଆଇଜି ଡ଼ ସତ୍ୟଜିତ ନାୟକ, ଯାଜପୁର ଏସପି ଯସ ପ୍ରତାପ ଶ୍ରୀମାଲ ସାମିଲ ହୋଇ ସହର ରେ ଶାନ୍ତି ବଜାୟ ରଖିବା ପାଇଁ ସଚେତନ କରିଥିଲେ। ସହର ରେ କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ସହ ଶାନ୍ତି ପ୍ରତିଷ୍ଠା ଲାଗି ୨୨ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି। ପୂର୍ବରୁ କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପୋଲିସର ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି । ଏହି ଫ୍ଲାଗ୍ ମାର୍ଚ୍ଚ ମାଧ୍ୟମରେ ସହରବାସୀଙ୍କୁ ସୁରକ୍ଷାର ବାର୍ତ୍ତା ଦେବା ସହ ଅସାମାଜିକଙ୍କୁ କଡ଼ା ଚେତାବନୀ ଦେଇଛି ପୋଲିସ। କାଳୀପୂଜା ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜେ, ସେଥିପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହାସହ ଆଇନଶୃଙ୍ଖଳା ରକ୍ଷା କରିବା ସହ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସାଧାରଣ ଜନତାଙ୍କୁ ଅପିଲ୍ କରିଛି ଯାଜପୁର ପୋଲିସ।ଏହି ଫ୍ଲାଗ ମାର୍ଚ୍ଚ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ମାନେ ସାମିଲ ହୋଇ ସହର ରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ଯାଜପୁର ଥାନା ରୁ ବାହାରି ସହର ପରିକ୍ରମା କରିଥିଲା।

ଧନତେରାସ୍ ପାଇଁ ଗହଣା ଦୋକାନରେ ଭିଡ

ବୁଗୁଡ଼ା ,୭।୧୧ :(ମନ୍ଥନ)ଧନତେରାସ୍‌ପର୍ବ ଆଣିଛି ଧନୀକଙ୍କ ମଧ୍ୟରେ ଉତ୍ସାହ । ଏହି ଦିନରେଘରକୁ କିଛି ନୂଆ ଦ୍ରବ୍ୟ ଆଣିଲେ କୁଆଡେ ପରିବାରପାଇଁ ଶୁଭ ବୋଲି ବିଶ୍ୱାସ ରହିଛି। ବିଶେଷକରିସୁନାଗହଣା ଓ ରୁପା ଭଳି ଦ୍ରବ୍ୟ କିଣି ଘରକୁ ଆଣିଲେଅଧିକ ଶୁଭ ବୋଲି କୁହାଯାଏ । ଏହି ପର୍ବ ଅନ୍ୟରାଜ୍ୟରେ ବହୁଳ ଭାବେ ପାଳିତ ହେଉଥିବା ବେଳେପରିବାର ଗହଣା କିଣିଥାନ୍ତି। କିଛି ବର୍ଷ ହେଲା ଏହି ପର୍ବଓଡ଼ିଶାର ବିଭିନ୍ନ ସହରରେ ଲୋକେ ପାଳନ କରୁଥିବାଦେଖିବାକୁ ମିଳୁଛି। ଏହି ଦିନ



ସୁନା, ରୂପାର ଗହଣାକିଣିବାକୁ ମହିଳାମାନେ ବେଶ୍ ଆଗ୍ରହ ଦେଖାଇଥାନ୍ତି ।ବୁଗୁଡ଼ା ସହରରେ ଅନେକ ସୁନା ଅଳଙ୍କାର ଦୋକାନରହିଥିବା ବେଳେ ସବୁ ଦୋକାନରେ ବେଶ୍ ଭଲବ୍ୟବସାୟ ହୋଇଛି । ଚଳିତବର୍ଷ ଧନତେରାସ୍ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଶନିବାର ସନ୍ଧ୍ୟାପର୍ଯ୍ୟନ୍ତ ରହିଛି ବୋଲି ଦୋକାନୀମାନେ କହିଛନ୍ତି । ଫଳରେ ଶୁକ୍ରବାର ସନ୍ଧ୍ୟାରୁ ହିଁ ବୁଗୁଡ଼ା ସହରର ସୁନା ଦୋକାନଗୁଡ଼ିକରେ ଗହଳି ଦେଖିବାକୁ ମିଳିଥିଲା । ଏଥି ସହ ଲଟେରୀ ବ୍ୟବସ୍ଥା ଏବଂ ଦାମୀ ଉପହାର ମୋହରେ ପଡି ସହରକୁ ଆଜି ସୁନା କିଣିବା ପାଇଁ ଗ୍ରାମାଞ୍ଚଳରୁ ଲୋକେ ଆସିଥିବା ଦେଖିବାକୁ ମିଳିଥିଲା ଛ ଛୋଟ ବଡ଼ ସବୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା । ଏହି ଦୁଇଦିନ ମଧ୍ୟରେ ସହରରେ କୋଟି କୋଟି ଟଙ୍କାର ସୁନାରୁପା ଗହଣା ବିକ୍ରି ହେବା ନେଇ ଜଣାଯାଇଛି ।

ବିରଜା ମହିଳା ମହାବିଦ୍ୟାଳୟର ସମସ୍ୟା ନେଇ ଛାତ୍ରୀଙ୍କ ପକ୍ଷରୁ ଦାବିପତ୍ର

ଯାଜପୁର,୭।୧୧ :(ମନ୍ଥନ) ବିରଜା ମହିଳା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରୀମାନଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କଲେଜର +୨ ଓ +୩ ରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀ ପାଠ ପଢୁଛନ୍ତି କିନ୍ତୁ କଲେଜରେ ଗୋଟିଏ ବାଥରୁମ୍ ଥିବାରୁ ଛାତ୍ରୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। କମନ୍ ରୁମ୍ ନାହିଁ, ସାଇକେଲ ଷ୍ଟାଣ୍ଡ ନ ଥିବାରୁ ପ୍ରାୟ ସମୟରେ ସାଇକେଲ ଚୋରି ହେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସେହିପରି କଲେଜରେ ପିଇବା ପାଣି ସମସ୍ୟା ଦେଖା ଦେଇଛି। ଫ୍ୟାନ ଖରାପ ହୋଇ ଯାଇ ଥିବାରୁ ପାଠ ପଢ଼ିବା ସମ୍ଭବ ହେଉନି। ଏହି କଲେଜର +୩ର ନୂତନ ଶ୍ରେଣୀ ଗୃହ ମେଡିକାଲ୍ କଲେଜ ପାର୍ଶ୍ୱରେ ନିର୍ମାଣ ହୋଇଥିଲେ ସୁଦ୍ଧା ଅଦ୍ୟବଧି କଲେଜକୁ ହସ୍ତାନ୍ତର କରାଯାଇନାହିଁ । ନୂତନ ଶ୍ରେଣୀ ଗୃହ ପାଇବା ନିମନ୍ତେ କଲେଜ୍ ର ଅଧକ୍ଷ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଆଜି କଲେଜର +୩ ବିଭାଗର ଛାତ୍ରୀ ମାନେ କଲେଜ୍ ର ବିଭିନ୍ନ ସମସ୍ୟା ଓ ନୂତନ କଲେଜ ପାଇବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

କାଳୀପୂଜା ରେ ଅନୁଷ୍ଠିତ ମିନାବଜାରକୁ ବନ୍ଦ ନେଇ ସାମ୍ବାଦିକ ସମ୍ମିଳନୀ

ଯାଜପୁର,୭।୧୧ :(ମନ୍ଥନ)ଯାଜପୁର ର ଗଣପର୍ବ ଭାବେ କାଳୀପୂଜା ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ବେଳେ ଗତ କିଛି ବର୍ଷ ବର୍ଷ ଧରି ଏହାକୁ ଶ୍ରୀହିନ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଯାଜପୁର ସହରର ଶାନ୍ତି କମିଟି,କାଳୀ ପୂଜା କମିଟି ଏବଂ ପୌରସଂସ୍ଥା ସହିତ ସମନ୍ୱୟ ରକ୍ଷା କରି କାଳୀପୂଜା ଆୟୋଜନ କରିବା ପରିବର୍ତ୍ତେ ଏହାର ବିପରିତ କାମ କରୁଥିବା ଅଭିଯୋଗ ହୋଇଛି। ଗତ ଦୁଇ ବର୍ଷ ଧରି କାଳୀପୂଜା ସମୟରେ ହେବାକୁ ଥିବା ମିନାବଜାରକୁ ବନ୍ଦ କରି ସହରବାସୀଙ୍କୁ ମାନସିକ ଆଘାତ ଦିଆଯାଉଥିବା କାଳୀପୂଜା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ସହରର ସମସ୍ତ ପୂଜା କମିଟି ପକ୍ଷରୁ ମିନା ବଜାର କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ କାହା ପ୍ରସ୍ତାବରେ ମିନା ବଜାରକୁ ବନ୍ଦ କରାଯାଇଛି ବୋଲି ପୂଜା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି। ପ୍ରମୋଦିନି ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂଜା କମିଟି ର ସଭାପତି କର୍ଣ୍ଣାଟ କେଶରୀ ଦାସଙ୍କ ସମେତ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ,ଶାନ୍ତି କମିଟି ସଦସ୍ୟ ବଟକୃଷ୍ଣ ମହାପାତ୍ର,ରାଜିବ ମହାନ୍ତି,ସମରଜିତ ମହାନ୍ତି,ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ରାଜଧାନୀରେ ଅପରାଧର ଛାୟା

ଭୁବନେଶ୍ୱରର ସୁରକ୍ଷା କେବଳ ପୁଲିସ ଗାଡ଼ିର ସାଇରନ୍‌ରେ ନୁହେଁ, ଅପରାଧ ଘଟିବା ପୂର୍ବରୁ ତାହାକୁ ଚିହ୍ନଟ କରି ରୋକିବାର କ୍ଷମତାରେ ରହିଛି । ରାଜଧାନୀର ରାସ୍ତାରେ ଯଦି ଗୁଳି ଫୁଟେ, ବୋମା ମିଳେ, ଖୋଲାଖୋଲି ଧମକ ଦିଆଯାଏ ଏବଂ ନିରୀହ ଲୋକଙ୍କ ଜୀବନ ଅସୁରକ୍ଷିତ ହୁଏ, ତେବେ ପ୍ରଶ୍ନ କେବଳ ଅପରାଧୀ କିଏ ତାହା ନୁହେଁ; ପ୍ରଶ୍ନ ହେଉଛି—ଅପରାଧ ଘଟିବା ପୂର୍ବରୁ ତାହାର ସଙ୍କେତ ପୁଲିସର ନଜରକୁ କାହିଁକି ଆସିଲା ନାହିଁ । ନଭେମ୍ବର ୫ ତାରିଖରେ ସିସୁପାଳଗଡ଼ ଅଞ୍ଚଳରେ ଅବୈଧ ଅସ୍ତ୍ର କିଣାକୁ ନେଇ ଆୟୋଜିତ ଏକ ଆସରରେ ଗୁଳି ଚାଳନା ହୋଇ ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ପୁଲିସ ଆଠ ଜଣଙ୍କୁ ଗିରଫ କରିଥିବା ଏବଂ ଅସ୍ତ୍ର କେଉଁଠାରୁ ଆସିଲା ତାହାର ତଦନ୍ତ କରୁଥିବା ଖବର ପ୍ରକାଶ ପାଇଛି । ଏହି ଘଟଣାରେ ପରିବାର ପକ୍ଷରୁ ନିରପେକ୍ଷ ତଦନ୍ତ ଦାବି ମଧ୍ୟ ଉଠିଛି ।ଏହାକୁ ମାତ୍ର ଏକ ଦୁର୍ଭାଗ୍ୟଜନକ ଘଟଣା କହି ଭୁଲିଯିବା ଠିକ୍ ହେବ ନାହିଁ; ଏହା ଅବୈଧ ଅସ୍ତ୍ରର ଯୋଗାଣ, ଅପରାଧୀଙ୍କ ସାହସ, ସ୍ଥାନୀୟ ସୂଚନା ସଂଗ୍ରହ ଏବଂ ପ୍ରତିରୋଧମୂଳକ ପୁଲିସ ବ୍ୟବସ୍ଥାର ଗଭୀର ପରୀକ୍ଷା ।ରାଜଧାନୀ ଭୁବନେଶ୍ୱର କେବଳ ଓଡ଼ିଶାର ପ୍ରଶାସନିକ କେନ୍ଦ୍ର ନୁହେଁ, ଏହା ରାଜ୍ୟର ମର୍ଯ୍ୟାଦା, ଆଧୁନିକତା, ଶିକ୍ଷା, ସଂସ୍କୃତି ଓ ନାଗରିକ ସଭ୍ୟତାର ପରିଚୟ । ଏଠାକୁ ପ୍ରତିଦିନ ହଜାର ହଜାର ଲୋକ ଚାକିରି, ବ୍ୟବସାୟ, ଶିକ୍ଷା, ଚିକିତ୍ସା ଓ ନିଜର ସ୍ୱପ୍ନ ପୂରଣ ପାଇଁ ଆସନ୍ତି । ଏପରି ଏକ ସହରରେ ଯଦି ଅବୈଧ ବନ୍ଧୁକ ଆଣି ଉତ୍ସବ ପାଳନ କରିବାର ସାହସ ଅପରାଧୀମାନେ ଦେଖାଇପାରନ୍ତି, ତେବେ ସାଧାରଣ ନାଗରିକଙ୍କ ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ଗୋଟିଏ ପରିବାରର ଯୁବକ ଜୀବନ ହରାଇବା କେବଳ ଏକ ପରିବାରର ଦୁଃଖ ନୁହେଁ, ଏହା ସମଗ୍ର ସମାଜ ପାଇଁ ଚେତାବନୀ । ଆଜି ପ୍ରଶ୍ନ ଉଠୁଛି—ବନ୍ଧୁକ କିଏ ଆଣିଲା, କେଉଁଠାରୁ ଆଣିଲା, କାହା ସହଯୋଗରେ ଆଣିଲା, ଏହାର ପୂର୍ବରୁ ସେହି ଅସ୍ତ୍ର କେତେ ହାତ ବଦଳାଇଥିଲା ଏବଂ ଏହି ଅବୈଧ କାରବାର ସମ୍ପର୍କରେ କୌଣସି ସୂଚନା ପୁଲିସ ପାଖରେ ଥିଲା କି ନାହିଁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ଗିରଫଦାରୀରେ ମିଳିବ ନାହିଁ; ଏଥିପାଇଁ ଅସ୍ତ୍ରର ଉତ୍ସରୁ ଆରମ୍ଭ କରି ତାହାର ଯୋଗାଣକାରୀ, ମଧ୍ୟସ୍ଥ, ଗ୍ରାହକ ଓ ସମ୍ଭାବ୍ୟ ଅପରାଧିକ ସମ୍ପର୍କ ପର୍ଯ୍ୟନ୍ତ ତଦନ୍ତ ପହଞ୍ଚିବା ଆବଶ୍ୟକ । ଗୁଳି ଚାଳନା ପରେ ପୁଲିସ ପହଞ୍ଚିବା ହେଉଛି ଆଇନଗତ କର୍ତ୍ତବ୍ୟର ଗୋଟିଏ ଅଂଶ; କିନ୍ତୁ ଗୁଳି ଚାଳନାର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ସନ୍ଦେହଜନକ ଅସ୍ତ୍ର କାରବାରକୁ ଚିହ୍ନଟ କରିବା ହେଉଛି ପୁଲିସର ପ୍ରକୃତ ଦକ୍ଷତା । ଏଠାରେ ଆମର ପ୍ରଶ୍ନ ପୁଲିସ କର୍ମଚାରୀଙ୍କ ପରିଶ୍ରମକୁ ଅସ୍ୱୀକାର କରିବା ନୁହେଁ । ଅନେକ ପୁଲିସ କର୍ମଚାରୀ ଦିନରାତି ନିଜ ପରିବାରଠାରୁ ଦୂରରେ ରହି ଆଇନଶୃଙ୍ଖଳା ରକ୍ଷା କରୁଛନ୍ତି । କିନ୍ତୁ ସଂସ୍ଥାର କାର୍ଯ୍ୟଦକ୍ଷତାକୁ ଭାବନାରେ ନୁହେଁ, ପରିଣାମରେ ମାପିବାକୁ ପଡ଼ିବ । ପୁଲିସ ଗାଡ଼ି ରାସ୍ତାରେ ଘୂରିବା ଦୃଶ୍ୟମାନ ପାଟ୍ରୋଲିଂ; କିନ୍ତୁ ଅପରାଧୀଙ୍କ ଯୋଜନା, ଅବୈଧ ଅସ୍ତ୍ରର ଗତିବିଧି, ଅପରାଧୀ ଗୋଷ୍ଠୀର ସମ୍ପର୍କ ଓ ଅପରାଧପ୍ରବଣ ଅଞ୍ଚଳର ପରିବର୍ତ୍ତିତ ପରିସ୍ଥିତି ଆଗୁଆ ଜାଣିବା ହେଉଛି ଗୁପ୍ତ ସୂଚନା ବ୍ୟବସ୍ଥାର ପ୍ରକୃତ ପରୀକ୍ଷା । ଏହି ଦୁଇଟି ବ୍ୟବସ୍ଥା ପରସ୍ପରର ପରିପୂରକ; ଗୋଟିଏ ଦୁର୍ବଳ ହେଲେ ଅନ୍ୟଟିର ସଫଳତା ମଧ୍ୟ ଅଧୁରା ରହିଯାଏ । ବରଗଡ଼, ଲକ୍ଷ୍ମୀସାଗର, କ୍ୟାପିଟାଲ, ଧଉଳି ଓ ଲିଙ୍ଗରାଜ ଥାନା ଅଞ୍ଚଳ ସମେତ ସମଗ୍ର ରାଜଧାନୀରେ ଅପରାଧପ୍ରବଣ ସ୍ଥାନ, ରାତ୍ରିକାଳୀନ ଯାତାୟାତ, ନିର୍ଜନ ରାସ୍ତା, ନିର୍ମାଣାଧୀନ ସ୍ଥାନ, ବସ୍ତି ଅଞ୍ଚଳ ଓ ଅସ୍ଥାୟୀ ଆଡ୍ଡାଗୁଡ଼ିକର ନିୟମିତ ମୂଲ୍ୟାଙ୍କନ ହେବା ଦରକାର । ଏହି ଅଞ୍ଚଳଗୁଡ଼ିକର ନାମ ଉଲ୍ଲେଖ କରିବାର ଅର୍ଥ ସେଠାରେ ସମସ୍ତେ ଅସୁରକ୍ଷିତ କିମ୍ବା ଅପରାଧ ବଢ଼ିଛି ବୋଲି ଅଭିଯୋଗ କରିବା ନୁହେଁ; ବରଂ ପ୍ରତ୍ୟେକ ଥାନା ନିଜ ଅଞ୍ଚଳର ବାସ୍ତବ ସ୍ଥିତି ଅନୁଯାୟୀ ସୁରକ୍ଷା ଯୋଜନା ପ୍ରସ୍ତୁତ କରୁ ବୋଲି ଦାବି । କେଉଁ ସ୍ଥାନରେ ରାତିରେ ଅଧିକ ଗତିବିଧି ରହୁଛି, କେଉଁଠାରେ ଅବୈଧ ମଦ ଓ ନିଶାଦ୍ରବ୍ୟ କାରବାରର ଅଭିଯୋଗ ମିଳୁଛି, କେଉଁଠାରେ ଅସାମାଜିକ ଗୋଷ୍ଠୀ ଜମା ହେଉଛନ୍ତି, କେଉଁ ଅପରାଧୀ ଜାମିନରେ ବାହାରି ପୁଣି ଅପରାଧରେ ଲିପ୍ତ ହେବାର ଆଶଙ୍କା ରହିଛି— ଏସବୁ ତଥ୍ୟର ଆଧାରରେ ପୁଲିସର କାର୍ଯ୍ୟଯୋଜନା ହେବା ଆବଶ୍ୟକ । ରାଜ୍ୟରେ ଅପରାଧ ନିୟନ୍ତ୍ରଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାଧ ମାନଚିତ୍ର ପ୍ରସ୍ତୁତି, ଗୁପ୍ତ ସୂଚନା ସଂଗ୍ରହ ଓ ପାଟ୍ରୋଲିଂକୁ ଅଧିକ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦେଇଥିବା ଖବର ପ୍ରକାଶ ପାଇଛି ।ଏହା ଏକ ସଠିକ୍ ଦିଗ; କିନ୍ତୁ ନିର୍ଦ୍ଦେଶ ଜାରି ହେବା ଓ ତାହାର ଫଳ ତୃଣମୂଳ ସ୍ତରରେ ଦେଖାଯିବା ମଧ୍ୟରେ ଯେଉଁ ଦୂରତା ରହିଛି, ତାହାକୁ ଦୂର କରିବା ହେଉଛି ପୁଲିସ ପ୍ରଶାସନର ଦାୟିତ୍ୱ । ରାଜଧାନୀରେ ପ୍ରଥମ ଛଅ ମାସରେ ନିବନ୍ଧିତ ଜ୍ଞାତବ୍ୟ ଅପରାଧ ମାମଲା ସଂଖ୍ୟା ବୃଦ୍ଧି ପାଇଥିବା ନେଇ ପ୍ରକାଶିତ ତଥ୍ୟ ମଧ୍ୟ ଗଭୀର ସମୀକ୍ଷା ଦାବି କରୁଛି । ଏହି ବୃଦ୍ଧିରେ ଅଭିଯୋଗ ନିବନ୍ଧନର ସୁବିଧା ଓ ଛୋଟଖାଟ ଘଟଣାର ଅଧିକ ରିପୋର୍ଟିଂ ଭଳି କାରଣ ଥାଇପାରେ; ତେଣୁ ସମସ୍ତ ବୃଦ୍ଧିକୁ ଅପରାଧୀଙ୍କ ସଂଖ୍ୟା ବଢ଼ିବା ବୋଲି ଧରିନେବା ଠିକ୍ ନୁହେଁ । ତଥାପି ହତ୍ୟା, ଡକାୟତି, ଲୁଟ୍, ଅବୈଧ ଅସ୍ତ୍ର ଓ ନିଶାଦ୍ରବ୍ୟ ସମ୍ପର୍କିତ ମାମଲାକୁ ପୃଥକ୍ ଭାବେ ବିଶ୍ଳେଷଣ କରିବା ଅତ୍ୟନ୍ତ ଜରୁରୀ ।ରାଜଧାନୀ ପୁଲିସର ନିଜସ୍ୱ ତଥ୍ୟ ଅନୁଯାୟୀ ନଗରାଞ୍ଚଳରେ ତିରିଶରୁ ଅଧିକ ପୁଲିସ ସହାୟତା ଯାନ କାର୍ଯ୍ୟକରୁଛି ଏବଂ ନିୟନ୍ତ୍ରଣ କକ୍ଷକୁ ପ୍ରତିଦିନ ବହୁ ସଂଖ୍ୟକ ଫୋନ୍ ଆସୁଛି ।ଏହା ଏକ ସଂସ୍ଥାଗତ ସମ୍ପଦ; କିନ୍ତୁ ଯାନ ସଂଖ୍ୟା କିମ୍ବା ଫୋନ୍ କଲ୍‌ର ସଂଖ୍ୟା ମାତ୍ରରୁ ସୁରକ୍ଷାର ସଫଳତା ପ୍ରମାଣିତ ହୁଏ ନାହିଁ । କେଉଁ ଅଭିଯୋଗରେ କେତେ ସମୟରେ ପୁଲିସ ପହଞ୍ଚିଲା, କେତେ ଘଟଣାକୁ ଅପରାଧ ଘଟିବା ପୂର୍ବରୁ ରୋକାଗଲା, କେତେ ଅବୈଧ ଅସ୍ତ୍ର ଜବତ ହେଲା ଏବଂ ପୁନରାବୃତ୍ତି ଅପରାଧ କେତେ କମିଲା—ଏହାର ନିୟମିତ ମୂଲ୍ୟାଙ୍କନ ହେବା ଉଚିତ । ପ୍ରତ୍ୟେକ ଥାନାରେ ଅପରାଧ ବିଶ୍ଳେଷଣ ପାଇଁ ଏକ ସକ୍ରିୟ ଦଳ ରହିବା ଦରକାର । ସ୍ଥାନୀୟ ବ୍ୟବସାୟୀ, ରାତ୍ରି ପାଳିରେ କାମ କରୁଥିବା କର୍ମଚାରୀ, ଗୃହରକ୍ଷୀ, ସୁରକ୍ଷାକର୍ମୀ, ଗାଡ଼ିଚାଳକ ଓ ସାଧାରଣ ନାଗରିକଙ୍କଠାରୁ ଆଇନସମ୍ମତ ଭାବେ ସୂଚନା ସଂଗ୍ରହ କରିବାର ବ୍ୟବସ୍ଥା ହେଉ । ଲୋକଙ୍କୁ ଭୟଭୀତ କରି ନୁହେଁ, ବିଶ୍ୱାସ ଜିତି ସୂଚନା ମିଳିଥାଏ । ଅଭିଯୋଗକାରୀଙ୍କ ପରିଚୟ ଗୋପନ ରଖିବା, ସୂଚନାଦାତାଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଅଭିଯୋଗକୁ ଅବହେଳା ନକରିବା ଏହି ବ୍ୟବସ୍ଥାର ମୂଳ ଆଧାର ହେବା ଉଚିତ । ଅବୈଧ ବନ୍ଧୁକ କେବଳ ଜଣେ ବ୍ୟକ୍ତିଙ୍କ ହାତରେ ପହଞ୍ଚି ନଥାଏ; ଏହା ପଛରେ ଏକ ଯୋଗାଣ ଶୃଙ୍ଖଳ ରହିଥାଏ । ତେଣୁ ଗୋଟିଏ ଗୁଳିକାଣ୍ଡ ପରେ କେବଳ ଘଟଣାସ୍ଥଳରେ ଥିବା ଲୋକଙ୍କୁ ଧରି ତଦନ୍ତ ବନ୍ଦ କରିଦେଲେ ଚାଲିବ ନାହିଁ । ଅସ୍ତ୍ର କେଉଁ ରାସ୍ତାରେ ସହରକୁ ଆସିଲା, ତାହାର ମୂଲ୍ୟ କିଏ ଦେଲା, ଏହା ପୂର୍ବରୁ କେଉଁଠାରେ ବ୍ୟବହାର ହୋଇଛି କି ନାହିଁ, ଅନ୍ୟ ଅପରାଧୀ ଗୋଷ୍ଠୀ ସହ ଏହାର ସମ୍ପର୍କ ଅଛି କି ନାହିଁ—ସବୁ ଦିଗରୁ ତଦନ୍ତ ହେବା ଆବଶ୍ୟକ । ଅପରାଧୀଙ୍କୁ ଆଇନର ଭୟ ରହିବା ଦରକାର, କିନ୍ତୁ ପୁଲିସର କାର୍ଯ୍ୟ ଆଇନର ସୀମା ମଧ୍ୟରେ ହେବା ଆହୁରି ଜରୁରୀ । ନିର୍ଦ୍ଦୋଷଙ୍କୁ ହଇରାଣ କରିବା, ମିଥ୍ୟା ମାମଲାରେ ଫସାଇବା କିମ୍ବା ଆଇନବହିର୍ଭୂତ ପଦକ୍ଷେପ ନେବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ନଷ୍ଟ ହୁଏ । ଦୃଢ଼ ପୁଲିସିଂର ଅର୍ଥ ହେଉଛି ଦ୍ରୁତ ତଦନ୍ତ, ନିର୍ଭୁଲ ପ୍ରମାଣ ସଂଗ୍ରହ, ନିରପେକ୍ଷ ଗିରଫଦାରୀ ଓ ଆଇନସମ୍ମତ ଦଣ୍ଡ ସୁନିଶ୍ଚିତ କରିବା । ଅପରାଧୀଙ୍କୁ ଆଇନର ଶାସନ ଅନୁଭବ କରାଇବାକୁ ହେବ, ଆଇନକୁ ହାତକୁ ନେବାକୁ ନୁହେଁ । ଏହି ସମୟରେ ପୁଲିସ କମିଶନର, ଉପପୁଲିସ କମିଶନର ଓ ଥାନା ଅଧିକାରୀମାନଙ୍କୁ ଏକ ସ୍ପଷ୍ଟ ଦାୟିତ୍ୱ ବଣ୍ଟନ କରିବାକୁ ପଡ଼ିବ । ପ୍ରତ୍ୟେକ ଥାନା ଅଞ୍ଚଳର ଅପରାଧ ସମୀକ୍ଷା ପ୍ରତି ସପ୍ତାହରେ ହେଉ; ଅବୈଧ ଅସ୍ତ୍ର, ନିଶାଦ୍ରବ୍ୟ, ଧମକ, ଚାନ୍ଦା ଆଦାୟ ଓ ଗୋଷ୍ଠୀଗତ ହିଂସା ଉପରେ ଅଲଗା ନଜର ରହୁ; ରାତ୍ରି ପାଟ୍ରୋଲିଂର ସମୟ ଓ ଅଞ୍ଚଳକୁ ଅପରାଧ ତଥ୍ୟ ଅନୁଯାୟୀ ପରିବର୍ତ୍ତନ କରାଯାଉ; ଗୁରୁତ୍ୱପୂର୍ଣ୍ଣ ଛକ, ବଜାର, ଯାତାୟାତ କେନ୍ଦ୍ର ଓ ଅପରାଧପ୍ରବଣ ସ୍ଥାନରେ ଥିବା ଦୃଶ୍ୟ ନିରୀକ୍ଷଣ ଯନ୍ତ୍ରଗୁଡ଼ିକ ସଠିକ୍ ଭାବେ କାମ କରୁଛି କି ନାହିଁ ଯାଞ୍ଚ ହେଉ । ଏହା ସହିତ ଅପରାଧ ରୋକିବା ପାଇଁ ଯୁବକମାନଙ୍କୁ ନିଶା ଓ ଅପରାଧ ଜଗତରୁ ଦୂରେଇ ରଖିବାର ସାମାଜିକ ପ୍ରୟାସ ମଧ୍ୟ ଆବଶ୍ୟକ । ମାତାପିତା, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସଂଗଠନ ଓ ସ୍ଥାନୀୟ ପ୍ରଶାସନ ଏଥିରେ ଭାଗୀଦାର ହୁଅନ୍ତୁ । ନାଗରିକମାନେ ମଧ୍ୟ ସନ୍ଦେହଜନକ ଅସ୍ତ୍ର କାରବାର, ଧମକ ବା ହିଂସାର ସୂଚନା ମିଳିଲେ ନିଜେ ଆଇନ ହାତକୁ ନନେଇ ପୁଲିସକୁ ଜଣାନ୍ତୁ ।

ଦୀପାବଳି ଓ କାଳୀପୂଜା : ଆଧ୍ୟାତ୍ମିକଚେତନାର ମହୋତ୍ସବ

ଦଶରଥ ହେମ୍ବ୍ରମ୍

ପୁଣ୍ୟଭୂମି ଭାରତରେ ବାରମାସରେ ତେରପର୍ବ ପାଳିତ ହୁଏ । ପ୍ରତ୍ୟେକ ପର୍ବ ପଛରେ କିଛି ଧାର୍ମିକ ବିଶ୍ୱାସ, ପୌରାଣିକ କାହାଣୀ, ସାମାଜିକ ପରମ୍ପରା ଓ ସାଂସ୍କୃତିକ ମହତ୍ତ୍ୱ ରହିଛି । ଏହି ସମସ୍ତ ପର୍ବ ମଧ୍ୟରେ ଦୀପାବଳି ଓ କାଳୀପୂଜା ହେଉଛି ଅତ୍ୟନ୍ତ ଆକର୍ଷଣୀୟ ଓ ମହତ୍ତ୍ୱପୂର୍ଣ୍ଣ । ପ୍ରତିବର୍ଷ କାର୍ତ୍ତିକ ଅମାବାସ୍ୟା ତିଥିରେ ଏହି ପର୍ବ ପାଳନ କରାଯାଏ । ଅମାବାସ୍ୟାର ଘନ ଅନ୍ଧକାରକୁ ଦୂର କରିବା ପାଇଁ ଲୋକମାନେ ନିଜ ଘର, ଅଗଣା, ଦାଣ୍ଡଦୁଆର ଓ ମନ୍ଦିରରେ ଦୀପ ଜାଳିଥାଆନ୍ତି । ଆଲୋକରେ ଝଲସି ଉଠେ ସମଗ୍ର ପରିବେଶ । ଏହି ପର୍ବ କେବଳ ଆଲୋକର ଉତ୍ସବ ନୁହେଁ, ବରଂ ମନରୁ ଅଜ୍ଞାନତା, ଅହଂକାର, ହିଂସା, ଈର୍ଷା ଓ ଅନ୍ୟାୟକୁ ଦୂର କରି ଜ୍ଞାନ, ପ୍ରେମ, ସତ୍ୟ ଓ ଶାନ୍ତିର ଆଲୋକ ଜାଳିବାର ଏକ ପ୍ରତୀକ । ଦୀପାବଳି ପର୍ବ ଆସିବାର କିଛିଦିନ ପୂର୍ବରୁ ଲୋକମାନେ ନିଜ ଘରଦ୍ୱାର ସଫାସୁତୁରା କରିବା ସହିତ ଘରକୁ ରଙ୍ଗ ଦେଇ ସଜାଇଥାଆନ୍ତି । ଦୋକାନବଜାରରେ ନୂଆ ପୋଷାକ, ମିଠା, ମାଟିଦୀପ, ମହମବତୀ, ଫୁଲ ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀର ଭିଡ଼ ଦେଖିବାକୁ ମିଳେ । ଦୀପାବଳି ଦିନ ସକାଳୁ ଲୋକମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରନ୍ତି । ଘରର ଦାଣ୍ଡଦୁଆରରେ ମୁରୁଜ ଓ ଝୋଟି ପକାଯାଏ । ସନ୍ଧ୍ୟା ହେଲେ ଘରର ଚାରିପାଖରେ ମାଟିଦୀପ, ତେଲଦୀପ ଓ ମହମବତୀ ଜଳାଯାଏ । ଅନେକ ସ୍ଥାନରେ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରି ଧନ, ସମ୍ପତ୍ତି, ସୁଖ ଓ ସମୃଦ୍ଧି କାମନା କରାଯାଏ । ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ମିଠା ଓ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରନ୍ତି ।

ଦୀପାବଳି ପାଳନ ପଛରେ ଅନେକ ପୌରାଣିକ କାହାଣୀ ଓ ଲୋକବିଶ୍ୱାସ ରହିଛି । ହିନ୍ଦୁ ଧର୍ମର ପ୍ରସିଦ୍ଧ ରାମାୟଣ ଅନୁସାରେ, ଚଉଦ ବର୍ଷର ବନବାସ ଶେଷ କରି ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରି ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ଫେରିଥିଲେ । ତାଙ୍କର ଏହି ବିଜୟ ଓ ପ୍ରତ୍ୟାବର୍ତ୍ତନରେ ଆନନ୍ଦିତ ହୋଇ ଅଯୋଧ୍ୟାବାସୀମାନେ ନଗରୀରେ ଅସଂଖ୍ୟ ଦୀପ ଜାଳି ସେମାନଙ୍କୁ ସ୍ୱାଗତ କରିଥିଲେ । ସେହି ପରମ୍ପରାକୁ ସ୍ମରଣ କରି ଦୀପାବଳି ପାଳନ କରାଯାଏ ବୋଲି ବିଶ୍ୱାସ ରହିଛି । ଅନ୍ୟ ଏକ ପୌରାଣିକ ବିଶ୍ୱାସ ଅନୁସାରେ, ଏହି ଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁର ନାମକ ଅସୁରକୁ ବଧ କରି ଦେବତା ଓ ମାନବଜାତିକୁ ତାହାର ଅତ୍ୟାଚାରରୁ ମୁକ୍ତ କରିଥିଲେ । ତେଣୁ ଏହି ପର୍ବକୁ ଅନ୍ୟାୟ ଓଅତ୍ୟାଚାର ଉପରେ ନ୍ୟାୟର ବିଜୟ ଭାବେ ମଧ୍ୟ ଦେଖାଯାଏ । ଦୀପାବଳି ସହିତ କାଳୀପୂଜାର ମଧ୍ୟ ଗଭୀର ଧାର୍ମିକ ମହତ୍ୱ ଅଛି । ବିଶେଷକରି ଓଡିଶା ସମେତ ପଶ୍ଚିମବଙ୍ଗ ଆସାମ ଓ ତ୍ରିପୁରା ଆଦି ରାଜ୍ୟରେ କାଳୀପୂଜାର ବିଶେଷପ୍ରସିଦ୍ଧ ଅର୍ଜନ କରଛି । ମା' କାଳୀ ହେଉଛନ୍ତି ଶକ୍ତି, ସାହସ, ନ୍ୟାୟ ଓ ଦୁଷ୍ଟସଂହାରର ପ୍ରତୀକ । ସେ ଅନ୍ୟାୟ, ଅତ୍ୟାଚାର ଓ ଅଶୁଭ ଶକ୍ତିର ବିନାଶକ । ମା'ଙ୍କର ଉଗ୍ରରୂପ ଦୁଷ୍ଟଶକ୍ତି ପାଇଁ ଭୟଙ୍କର ହୋଇଥିବାବେଳେ ଭକ୍ତମାନଙ୍କ ପାଇଁ ସେ ମମତାମୟୀ ଓ ମଙ୍ଗଳମୟୀ ଜନନୀ । ପୌରାଣିକ କଥା ଅନୁସାରେ, ପ୍ରାଚୀନ କାଳରେ ରାକ୍ଷସମାନଙ୍କ ଅତ୍ୟାଚାରରେ ଦେବତା ଓ ମାନବମାନେ ଅତିଷ୍ଠ ହୋଇପଡ଼ିଥିଲେ । ରକ୍ତବୀଜ ନାମକ ଏକ ଭୟଙ୍କର ଅସୁର ଦେବତାମାନଙ୍କୁ ପରାସ୍ତ କରି ତ୍ରିଭୁବନରେ ଆତଙ୍କ ସୃଷ୍ଟି କରିଥିଲା । ତାହାର ଶରୀରରୁ ରକ୍ତର ଗୋଟିଏ ବୁନ୍ଦା ଭୂମିରେ ପଡ଼ିଲେ ସେଥିରୁ ଆଉ ଜଣେ ରକ୍ତବୀଜ ସୃଷ୍ଟି ହେଉଥିଲା । ତେଣୁ ତାକୁ ପରାସ୍ତକରିବା ଦେବତାମାନଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଥିଲା । ଶେଷରେ ଦେବୀ ଦୁର୍ଗାଙ୍କ କ୍ରୋଧରୁ ମା' କାଳୀଙ୍କ ଆବିର୍ଭାବ ହୋଇଥିଲା । ମା' କାଳୀ ନିଜର ଅସୀମ ଶକ୍ତି ବଳରେ ରକ୍ତବୀଜ ଓ ଅନ୍ୟ ଅସୁରମାନଙ୍କୁ ସଂହାର କରିଥିଲେ । ଏହି କାହାଣୀ ମାଧ୍ୟମରେ ମା' କାଳୀଙ୍କ ଅସୀମ ଶକ୍ତି ଓ ଦୁଷ୍ଟଦମନକାରୀ ରୂପ ପ୍ରକାଶ ପାଇଥାଏ । କାଳୀପୂଜା ଦିନ ଭକ୍ତମାନେ ଘର ଓ ପୂଜାମଣ୍ଡପକୁ ସୁନ୍ଦର ଭାବରେ ସଜାଇଥାଆନ୍ତି । ବିଭିନ୍ନ ସ୍ଥାନରେ ମା' କାଳୀଙ୍କର ସୁନ୍ଦର ମୃଣ୍ମୟ ପ୍ରତିମା ନିର୍ମାଣ କରାଯାଇ ଆକର୍ଷଣୀୟ ମଣ୍ଡପରେ ସ୍ଥାପନ କରାଯାଏ । ମା'ଙ୍କୁ ଫୁଲ, ଚନ୍ଦନ, ସିନ୍ଦୂର, ଧୂପ, ଦୀପ ଓ ବିଭିନ୍ନ ପୂଜାସାମଗ୍ରୀରେ ସଜାଯାଏ । ପୁରୋହିତଙ୍କ ଦ୍ୱାରା ମନ୍ତ୍ରୋଚ୍ଚାରଣ, ଚଣ୍ଡୀପାଠ ଓ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଏ । ମା'ଙ୍କ ନିକଟରେ ଫଳମୂଳ, ମିଠା, ନଡ଼ିଆ ଓ ବିଭିନ୍ନ ଭୋଗ ଅର୍ପଣ କରାଯାଏ । କେତେକ ସ୍ଥାନରେ ପାରମ୍ପରିକ ପ୍ରଥା ଅନୁସାରେ ବଳିଦାନର ବିଧି ମଧ୍ୟ ରହିଛି । ରାତିରେ ମା'ଙ୍କ ଆରତି, ଭଜନ, କୀର୍ତ୍ତନ ଓ

ମନ୍ତ୍ରପାଠରେ ପୂଜାମଣ୍ଡପ ମୁଖରିତ ହୋଇଉଠେ । ଭକ୍ତମାନେ ମା'ଙ୍କ ଦର୍ଶନ କରି ପରିବାରର ସୁଖ, ନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରନ୍ତି । ଦୀପାବଳି ଓ କାଳୀପୂଜା ଆମ ଧାର୍ମିକ ଓ ସାଂସ୍କୃତିକ ଜୀବନର ଦୁଇଟି ଅବିଚ୍ଛେଦ୍ୟ

ଅଙ୍ଗ । ଦୀପାବଳି ଆମକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଯିବାର ପ୍ରେରଣା ଦିଏ । ଅନ୍ୟପକ୍ଷରେ କାଳୀପୂଜା ଆମକୁ ଅନ୍ୟାୟ ଓ ଅସତ୍ୟ ବିରୋଧରେ ଲଢ଼ିବାର ସାହସ ଓ ଶକ୍ତି ପ୍ରଦାନ କରେ । ମଣିଷ ମନରେ ଭକ୍ତି, ଶ୍ରଦ୍ଧା, ଏକତା, ପ୍ରେମ ଓ ଭାଇଚାରାର ଭାବନା ଜାଗ୍ରତ ହେବା ସହିତ ଧାର୍ମିକ ନିଷ୍ଠା ଏବଂ ସାମାଜିକ ସଦ୍‌ଭାବନା ପ୍ରତିଫଳିତ ହୁଏ । ପ୍ରକୃତରେ, ଦୀପାବଳିର ଦୀପ କେବଳ ଘରକୁ ଆଲୋକିତ ନ କରି ଆମ ହୃଦୟ ଓ ଜୀବନକୁ

ମଧ୍ୟ ଜ୍ଞାନ, ସତ୍ୟ ଓ ମାନବିକତାର ଆଲୋକରେ ଉଦ୍‌ଭାସିତ କରୁ- ଏହା ହିଁ ଏହି ମହାନ୍ ପର୍ବର ମୂଳ ବାର୍ତ୍ତା ।

ବାଲେଶ୍ୱର, ମୋ-୯୩୩୭୪୦୪୨୫୪

ଦୀପାବଳୀର ଇତିକଥା

ମୁରଲୀଧର ସାମଲ

ଭାରତର ପ୍ରାୟ ସବୁ ରାଜ୍ୟରେ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥାଏ । ଏଭଳି ସର୍ବଭାରତୀୟ ଲୋକୋତ୍ସବ ବିରଳ । ନେପାଳରେ ତ ନିଶ୍ଚୟ ପାକିସ୍ଥାନର କେତେକ ହିନ୍ଦୁ ବହୁଳ ଅଞ୍ଚଳରେ ମଧ୍ୟ ଦୀପାବଳି ପର୍ବ ପାଳିତ ହୋଇଥାଏ । ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କାରଣରୁ ଏହି ଉତ୍ସବ ପାଳନ କରିଥାନ୍ତି । ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ମୀପୂଜାକୁ କେନ୍ଦ୍ର କରି ଦିଓଲି ବା ଦୀପାବଳି ପାଳୁଥିବା ବେଳେ ଦକ୍ଷିଣ ଭାରତ ପବିତ୍ର ନଦୀଗୁଡ଼ିକରେ ପୁଣ୍ୟାର୍ଥୀ ସ୍ନାନାଦି କର୍ମରେ ଏହି ଉତ୍ସବ ପାଳନ କରିଥାଆନ୍ତି । ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ ।

କେବେ ଏହାର ଆରମ୍ଭ ସେଥିରେ ସଂଶୟ ଅଛି । ନାନା ମୁନିର ନାନା ମତ ଥିଲେ ମଧ୍ୟ ହିନ୍ଦୁ ଧର୍ମର ନାନା ପ୍ରକାର ଭୟଭୀତର ସଂସ୍କାରରୁ ଏ ଉତ୍ସବର ଆରମ୍ଭ ବୋଲି କେତେ ମତ ଦିଅନ୍ତି । ହିନ୍ଦୁ ମାନଙ୍କର ଧାରଣା ଯେ ସେମାନଙ୍କ ପୂର୍ବପୁରୁଷ ପାପ କର୍ମର ଫଳ ସ୍ୱରୂପ ମୃତ୍ୟୁ ପରେ ଯମଲୋକରେ ନାନା କଷ୍ଟ ଭୋଗନ୍ତି । ଯମ ଲୋକ ଅନ୍ଧକାରଚ୍ଛନ୍ନ ସ୍ଥାନ । ସେଠାରୁ ସେମାନଙ୍କର ଆଲୋକ ରାଜ୍ୟକୁ ଫେରି ଆଣିବା ପାଇଁ ବର୍ଷକରେ ଥରେ ଏ ସବୁ ଫିକର । ପୂର୍ବ ପୁରୁଷ ଆକାଶରେ ଆଲୋକର ରୋଶଣି ଦେଖି ମର୍ତ୍ତ୍ୟ ଲୋକକୁ ଫେରି ଆସିବେ ଏବଂ ସେମାନଙ୍କ ଜୀବିତ ବଂଶଧରଙ୍କୁ ଆଶୀର୍ବାଦ କରିବେ ସମାଜରେ ଏ ପ୍ରକାର ବିଶ୍ୱାସ ପ୍ରଚଳିତ । ଇତିହାସରେ ଦୀପାବଳି ଉତ୍ସବର ସୂଚନା ମିଳେ । ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି । ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକରେ ଦୀପାବଳି ଉତ୍ସବର ଉଲ୍ଲେଖ ଅଛି । ଆଲବେରୁନିଙ୍କ ଭ୍ରମଣ ବୃତ୍ତାନ୍ତରେ ଦୀପାବଳି ଉତ୍ସବ କଥା ଲେଖା ଅଛି । ଆବୁଲ ଫଜଲ ତାଙ୍କ 'ଆଇନ-ଇ-ଆକବରି' ଗ୍ରନ୍ଥରେ ନିଜ ହାତରେ ଜଳାଇଥିବା ଦୀପ କଥା ଲେଖିଛନ୍ତି । ସମ୍ରାଟ ଦୀପାବଳି ଦିନ ପ୍ରଦୀପ ଜଳାନ୍ତି । ଆଜି ମଧ୍ୟ ଗୁଜୁରାଟର ବରଦା ସଂଗ୍ରହାଳୟରେ ସଯତ୍ନେ ରଖା ହୋଇଛି ସମ୍ରାଟ ଜଳାଇଥିବା ସେଇ ବିଶାଳ ଦୀପ । ସପ୍ତଦାଶ ଶତାବ୍ଦୀ ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣ କରିବାକୁ ଆସିଥିଲେ ସେମାନେ ସମସ୍ତେ ସମ୍ରାଟ ମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଉତ୍ସବ ଦେଖିଥିଲେ ।

ହିନ୍ଦୁ ମହାକାବ୍ୟ 'ମହାଭାରତ'ରେ ଦୀପାବଳିର ଗୁଣକୀର୍ତ୍ତନ କରାଯାଇଛି । ଦୀପ ତେଜଃ ପଦାର୍ଥ ଏବଂ ସର୍ବଦା ଉର୍ଦ୍ଧ୍ୱଗାମୀ । ଦୀପ ଜଳାଇଲେ ମନୁଷ୍ୟ ତେଜସ୍ୱୀ ଏବଂ ଉଚ୍ଚାକାଂକ୍ଷୀ । ସେକାଳର ମଣିଷ ଏସବୁ ଧାରଣାରୁ ଦୀପ ଜଳାଇ ଆସିଛି ଏବଂ ଆଜିଯାଏ ଏଇସବୁ ଧାରଣା ଅବ୍ୟାହତ । ଦୀପ ଜଳାଇବା ପବିତ୍ର କାର୍ଯ୍ୟ ବୋଲି ମନେ କରାଯାଏ । ଦୀପାବଳି ଉତ୍ସବରେ ହିନ୍ଦୁମାନଙ୍କ ଘରେ ଘରେ ଲକ୍ଷ୍ମୀପୂଜା ହୁଏ । ଗୃହିଣୀମାନେ ଏଇ ପୂଜା ଘିଅ ଦୀପ ଜଳାଇ ଅନିଦ୍ରା ରହନ୍ତି । ସେମାନଙ୍କ ଧାରଣା ଏଇ ପୂଜାରେ ଲକ୍ଷ୍ମୀ ଦେବୀ ସନ୍ତୁଷ୍ଟ ହୋଇ ଧନ ସମ୍ପତ୍ତି ଦାନ କରନ୍ତି । ଏହି ଦିନ ରାମଚନ୍ଦ୍ର ରାବଣ ବଧକର ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରଦିନ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା । ଅମାବାସ୍ୟା ରାତିରେ ଅଯୋଧ୍ୟା ନଗରୀରେ ଖୁସିର ଲହରି ଖେଳିଯାଇଥିଲା । ସେବେଠାରୁ ଏହି ଦିନ ବାଣ ଫୁଟାଇ ଦୀପ ଜଳାଇ ଏଇ ଉତ୍ସବ ପାଳନ କରାଯାଉଛି । ରାଜା ବିକ୍ରମାଦିତ୍ୟ ହନୁମାନଙ୍କୁ ପରାଜିତ କିଚି ଦେଶରୁ ସଂପୂର୍ଣ୍ଣ ରୂପେ ବିତାଡ଼ିତ କରିଥିଲେ । ଏଇ କାରଣରୁ ରାଜସ୍ଥାନର ଅଧିବାସୀ ରାଜ୍ୟବ୍ୟାପୀ ଆଲୋକ ସଜ୍ଜାଇ ଦୀପାବଳି ପାଳନ୍ତି । ଦୀପାବଳି ଅମାବାସ୍ୟା ପୂର୍ବ ଦିନ 'ନରକ ଚତୁର୍ଦ୍ଦଶୀ' । ଦକ୍ଷିଣ ଭାରତର ଅଧିବାସୀ ଏହି ଦିନଟିକୁ ବେଶ ଗୁରୁତ୍ୱ ଦେଇଥାଆନ୍ତି । ଇତିହାସ କୁହେ ଏକଦା ନରକାସୁରର ଅତ୍ୟାଚାରରେ ଦକ୍ଷିଣ ଭାରତର ଲୋକମାନେ ଅତିଷ୍ଠ ହୋଇ ଉଠିଥିଲେ । ନରକାସୁର ଅନ୍ତଃପୁରରେ ପ୍ରାୟ ଷୋହଳ ହଜାର ରମଣୀକୁ ବନ୍ଦୀ କରି ରଖିଥିଲା । ଲୋକେ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ ଏବଂ ଶ୍ରୀକୃଷ୍ଣ, ସତ୍ୟଭାମାଙ୍କ ସହାୟତାରେ ନରକାସୁରକୁ ବଧକରି ସେମାନଙ୍କୁ ଉଦ୍ଧାର କରିଥିଲେ । ଏହି କାହାଣୀକୁ ସ୍ମରଣ କରି ଲୋକେ ଅମାବାସ୍ୟାରେ ଦୀପ ଜଳାଇ କୃଷ୍ଣଙ୍କ ବିଜୟ ତିଥିକୁ ମନେ ରଖିଥାଆନ୍ତି । ମହାରାଷ୍ଟ୍ରରେ ବଳି ରାଜାଙ୍କୁ ସ୍ମରଣକରି ମରାଠୀମାନେ ଦୀପାବଳି ପାଳିଥାଆନ୍ତି । ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ଗୃହତ୍ୟାଗ ଦିବସକୁ ସ୍ମରଣକରି ମୂଳତଃ ଦୀପାବଳି ଉତ୍ସବର ଆୟୋଜନ କରିଥାନ୍ତି । ସେମାନଙ୍କର ବିଶ୍ୱାସ, ଦୀପାବଳିର ଆଲୋକମାଳା ଭଳି ବୁଦ୍ଧଙ୍କ ବାଣୀ ବିଶ୍ୱରେ ସର୍ବତ୍ର ସହଜରେ ବିଚ୍ଛୁରିତ ହୋଇପାରିବ । ଜୈନ ଧର୍ମଗୁରୁ ତୀର୍ଥଙ୍କର ମହାବୀରଙ୍କର କାର୍ତ୍ତିକ ଅମାବାସ୍ୟା ରାତିରେ ମହାନିର୍ବାଣ ହୋଇଥିଲା । ସେହି ସମୟରେ ତାଙ୍କର ପ୍ରଧାନ ଶିଷ୍ୟମାନେ ପାୱାପୁରୀରେ ବ୍ୟାପକ ଆଲୋକ ଝଲମଲ ବ୍ୟବସ୍ଥା କରିଥିଲେ । କାର୍ତ୍ତିକ ମାସରେ ଅମୃତସର ସ୍ୱର୍ଣ୍ଣମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥାଏ । ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ସନ୍ନ୍ୟାସଗ୍ରହଣ ଓ ମୃତ୍ୟୁ, କାର୍ତ୍ତିକ ଆମାବାସ୍ୟାରେ ହୋଇଥିବାରୁ ଶିଖମାନେ ଦୀପାବଳି ପାଳନ କରିଥାଆନ୍ତି । ଶିଖ ମାନଙ୍କ ପଞ୍ଚମ ଗୁରୁ ଅର୍ଜୁନ ସିଂ ଅମାବାସ୍ୟା ଦିନ ଅମୃତସର ଦରବାର ସାହେବ ଗୁରୁଦ୍ୱାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଶିଖମାନଙ୍କ ଷଷ୍ଠଗୁରୁ ହରଗୋବିନ୍ଦ ସିଂ ଜାହାଙ୍ଗୀରଙ୍କ ବିରୋଧରେ ସଶସ୍ତ୍ର ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ । ଗୁରୁ ଓ ତାଙ୍କ ଅନୁଚରଙ୍କୁ ଗୋୱାଲିୟର ଦୁର୍ଗରେ ଜାହାଙ୍ଗୀର ବନ୍ଦୀ କରି ରଖିଥିଲେ । ଶିଖମାନଙ୍କ ପ୍ରତାପ ଓ ରାଜ୍ୟବ୍ୟାପୀ ବିପ୍ଳବ ଦେଖି ସମ୍ରାଟ ଜାହାଙ୍ଗୀର ସମସ୍ତଙ୍କୁ ଏହିଦିନ ମୁକ୍ତ କରିଥିଲେ । ହରଗୋବିନ୍ଦ ସିଂଙ୍କ ବିଜୟ ଉତ୍ସବ ଭାବେ ଏହି ଦିନଟି ପାଳନ କରାଯାଏ ।

ଏହି ଆଲୋକ ସଜ୍ଜାର ଆୟୋଜନ କରି ମଣିଷ କାହିଁକି ଉତ୍ସବର ସାମିଲ ହେଲା ସେ ସଂକ୍ରାନ୍ତରେ ବିଜ୍ଞାନୀମାନଙ୍କ ଧାରଣା, ଆଦିମ ମଣିଷର ଭୂତପ୍ରେତ ଭୟ ଓ ଅନିଷ୍ଟକାରୀ ଶକ୍ତି ଭୟରୁ ରକ୍ଷା ପାଇବା ପାଇଁ ଆଲୋକ ଜଳାଉଥିଲେ । ପର୍ବପର୍ବାଣୀ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସ୍ମରଣ କରିବା ନିମନ୍ତେ ଏପରି ଧାରା ପ୍ରଚଳିତ ।

ଜ୍ୟୋତି ବିହାର, ବିଡ଼ାନାସୀ, କଟକ, ଦୂରଭାଷ : ୭୯୭୮୮୪୧୭୪୧


ଦୀପାବଳି ପ୍ରଦୂଷଣ : ପରିବେଶ ପାଇଁ ବିପଦ

ଅଲେଖ ଚନ୍ଦ୍ର ସାମଲ

ଆନନ୍ଦ ଆଲୋକର ମହୋତ୍ସବ ହେଉଛି ଦୀପାବଳି । ଏହି ଦିନରେ ମା'କାଳୀଙ୍କ ପୂଜା ଆରାଧନା କରାଯାଇଥାଏ । ଏହା ସହିତ ଓଡ଼ିଶାରେ ଏହି ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ ବଡୁଆ ରୀତିନୀତି ପାଳନ କରାଯାଇଥାଏ । ପିତୃଗଣଙ୍କ ଆଶୀର୍ବାଦ କାମନାର ପରମ୍ପରା ଅନେକ ଦିନରୁ ରହିଛି । ଆମ୍ଭ ମାନଙ୍କ ଜୀବନରେ ଦୀପର ଭୂମିକାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେ ଠାକୁରଘରେ, ଚଉରାମୂଳେ, ଦେବାଳୟରେ ଦୀପ ଦେଖିଥାଉ ଏବଂ ପ୍ରଦୀପ ପ୍ରଜ୍ୱଳନ ମଧ୍ୟ କରିଥାଉ । ପବିତ୍ର କାର୍ତ୍ତିକ ମାସରେ ପ୍ରତିଦିନ ଅନେକଙ୍କ ଘରେ ଦୀପ ପ୍ରଜ୍ୱଳନ କରାଯାଏ । ତେବେ ଏହି ଆନନ୍ଦ ଉଲ୍ଲାସର ଦୀପ ପ୍ରଜ୍ୱଳନ ଭିତରେ ଆମେ ପରିବେଶଜନିତ ଦିଗଟି ଆଲୋକପାତ କରୁଛୁ ।

ଦିନଥିଲା ମାଟି ଦୀପଟି ଯାହାକି ପୋଡ଼ା ମାଟି ଦୀପ ଭାବରେ ପରିଚିତ । ଏଥିରେ ରାଶି, ଜଡ଼ା, ନଡ଼ିଆ, ସୋରିଷ ଓ ଗୁଆଘିଅ ବ୍ୟବହାର କରାଯାଇ ଦୀପ ଜଳା ହେଉଥିଲା । ଏହି ପ୍ରାକୃତିକ ଇନ୍ଧନ ସମଗ୍ର ପରିବେଶ ପାଇଁ ଉପଯୋଗୀ ଥିଲା କିନ୍ତୁ ବର୍ତ୍ତମାନ ଅନେକ ପରିମାଣରେ ମହମବତୀ ବ୍ୟବହାର ହେଉଛି । ପ୍ଲାଷ୍ଟିକ ତିଆରି ଅନେକ ବିଭିନ୍ନ ଆଖି ଝଲସା ବିଜୁଳି ବତୀ ଦୀପର ସ୍ଥାନରେ ବ୍ୟବହାର କରାଯାଉଛି । ଘର ଠାରୁ ଦେବାଳୟ, ରାସ୍ତା ଠାରୁ ପ୍ରତିଷ୍ଠାନ ସବୁଠି ରଙ୍ଗବିରଙ୍ଗର ଏହି ବିଜୁଳି ବତୀର ମାଳା ଝଲସି ଉଠୁଥିବାବେଳେ ଏହି ଆଲୋକ ପ୍ରଦୂଷଣ ଆମ ପରିବେଶ ପାଇଁ କ୍ଷତିକାରକ । ପ୍ରାୟତଃ ଦୀପାବଳି ସମୟରେ ଚୀନ ତିଆରି ସ୍ୱଳ୍ପ ମୂଲ୍ୟର ଏଲଇଡ଼ି ଲାଇଟ ଅନେକ ପରିମାଣରେ ବ୍ୟବହାର ହେଉଛି । କମ ଦାମ ଓ ପ୍ରାୟତଃ ଦୁଇ ଚାରି ବର୍ଷ ରହିପାରୁଥିବାରୁ ଏହାର ଚାହିଦା ମଧ୍ୟ ବଢୁଛି । ଏହା କେବଳ ପରିବେଶ ପାଇଁ ଯେ ଅନୁପଯୋଗୀ ତାହା ନୁହେଁ ବରଂ ଏଥିରୁ ବିଚ୍ଛୁରିତ ହେଉଥିବା ବ୍ଲୁ ଲାଇଟ ଆମ ଆଖି ପାଇଁ ବିପଦ ସୃଷ୍ଟି କରିଥାଏ । ଏହା ବ୍ଲୁ ପଲ୍ୟୁସନ କାରକ ମଧ୍ୟ । ସେହିପରି ଏହା ବନ୍ୟଜନ୍ତୁ ମାନଙ୍କ ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପଡ଼ିଥାଏ । ଉଚ୍ଚ ଆଲୋକିତ ଏଲଇଡି ଲାଇଟ ଅନେକ ପ୍ରାଣୀଙ୍କର ସର୍କାଡିର୍ୟନ ରିଦମକୁ ବ୍ୟାହତ କରିଥାଏ । କାରଣ ରାତ୍ରୀଚର ପ୍ରାଣୀମାନେ ସେମାନଙ୍କର କାର୍ଯ୍ୟକଳାପ ଡାଞ୍ଚା, ପ୍ରଜନନ ଓ ସ୍ଥାନାନ୍ତରଣ କ୍ରିୟା ପାଇଁ ପ୍ରାକୃତିକ ଆଲୋକ ଉପରେ ଅଧିକ ନିର୍ଭରଶୀଳ ହେଉଥିବାରୁ ଉଚ୍ଚ ଆଲୋକର ଏଲଇଡି ଲାଇଟ ସେମାନଙ୍କ ପାଇଁ କାଳ ସଦୃଶ ହୋଇଥାଏ । ବେଳେ ବେଳେ ଉଜ୍ଜ୍ୱଳ ଆଖି ଝଲସା ତୀକ୍ଷଣ ଆଲୋକ ଗୁଡ଼ିକ ଗାଡ଼ି ଚାଳକଙ୍କ ପାଇଁ ଦୁର୍ଘଟଣାର କାରଣ ମଧ୍ୟ ହୋଇଥାଏ ।

ସେହିପରି ଅଧିକ ପରିମାଣର ବିଜୁଳି ବତୀର ଆଲୋକମାଳା କେବଳ ପ୍ରଦୂଷଣ ଘଟାଇ ନଥାଏ ଏହା ବରଂ ଆମ ତାପଜ ବିଦ୍ୟୁତ ବ୍ୟବସ୍ଥା ପାଇଁ ଚାପ ସୃଷ୍ଟି କରିଥାଏ । ତାପଜ ବିଦ୍ୟୁତ ଉତ୍ପାଦନର ଉତ୍ସ ହେଉଛି କୋଇଲା



ବା ଜୀବାଶ୍ମ ଅଙ୍ଗାର । ଏହି ଇନ୍ଧନ ଯେତେ ପୋଡ଼ିବ ବାୟୁ ମଣ୍ଡଳରେ ସେହିପରି ପରିମାଣର କାର୍ବନ ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଉତ୍ପାଦନ ମିଶିବ । ଏହା ବ୍ୟତୀତ ବିଜୁଳି ଦୀପ ପ୍ରାୟତଃ ନିମ୍ନମାନର ପ୍ଲାଷ୍ଟିକରେ ତିଆରି ହୋଇଥିବାରୁ ଅଳ୍ପ ଦିନରେ ନଷ୍ଟ ହୋଇଯାଏ ଏବଂ ଏହା ଆବର୍ଜନା ଭାବରେ ଏଣେତେଣେ ଫିଙ୍ଗା ଯାଏ । ଏହା ଅନେକ ବର୍ଷ ଧରି ବିଘଟିତ ହୋଇ ନପାରି ଜୈବିକ ପରିବେଶ ପ୍ରତି ଅତ୍ୟନ୍ତ ଘାତକ ବିପଦ ସୃଷ୍ଟି କରେ । ଅନେକ ମଧ୍ୟ ଜାଣି ନଥିବେ ବର୍ତ୍ତମାନ ସମୟରେ ଯେଉଁ କୃତ୍ରିମ ମହମର ବ୍ୟବହାର ଆମେ ଦେଖୁଛୁ ଏଥିରେ ପାରଫିନ ଭଳି ରାସାୟନିକ ପଦାର୍ଥ ମିଶୁଥିବାରୁ ଅନେକ ପରିମାଣର ମହମବତୀ ଜଳିବା ଦ୍ୱାରା ଏହା ପରିବେଶ ପାଇଁ ଅତ୍ୟନ୍ତ ଘାତକ । ଏସବୁ ଭିତରେ ଅନେକଙ୍କ ଭିତରେ ପରମ୍ପରାର ଅନୁସରଣର ଭାବନା ରହିଛି । ମାଟି ଦୀପରେ ଦେଶୀ ତେଲ ବ୍ୟବହାର କରି ଦୀପାବଳି ପାଳନ କରୁଛନ୍ତି । ଅନେକ ଭାବରେ ପୋଲାଙ୍ଗ, ଜଡ଼ାତେଲ ପରିବେଶ ପାଇଁ ଅନୁକୂଳ । ଏଥିରୁ ପ୍ରଥମତଃ ଅଧିକ ଧୂଆଁ ବାହାରି ନଥାଏ ବରଂ ଏହା ଜୈବିକ ପରିବେଶରେ ଏକ ପ୍ରକାର ବିଶୋଧନ କାର୍ଯ୍ୟ କରିଥାଏ । ତେବେ ପୋଲାଙ୍ଗ ତେଲର ସ୍ୱତନ୍ତ୍ରତା ହେଉଛି ଏଥିରେ କାର୍ବନ ଡାଇଅକ୍ସାଇଡ଼ ଖୁବ କମ ରହିଥାଏ ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ତେଲ ଜଳିଲେ ସେଥିରୁ ସଲଫର ଅକ୍ସାଇଡ଼ ଉତ୍ପନ୍ନ ହୋଇନଥାଏ ଯାହା ବାୟୁମଣ୍ଡଳକୁ ସବୁଠୁ ଅଧିକ ବିଷାକ୍ତ କରିଥାଏ । ପୁଣି ଜଡ଼ାତେଲରେ ଦୀପ ଜଳିବା ସମୟରେ ଯେଉଁ ଧୂଆଁ ନିର୍ଗତ ହୁଏ ତାହା ବାୟୁମଣ୍ଡଳରେ ଥିବା ସୀସା ଭଳି ବିଭିନ୍ନ ଭାରୀ ଧାତୁକୁ ଶୋଷଣ କରିନିଏ ଫଳରେ ବାୟୁ ପ୍ରଦୂଷଣ କମ ହୁଏ ।

ଆଲୁଅ ଅନ୍ଧାରର କାହାଣୀ ହେଉଛି ଦୀପାବଳି । ଏହା କେବଳ ଦୀପ ପ୍ରଜ୍ୱଳନ ବା ପରମ୍ପରାର ଦିନ ନୁହଁ । ଏହି ମଙ୍ଗଳନାଶୀ ପ୍ରଦୀପ ପ୍ରଜ୍ୱଳନ ପଛରେ ଏହା ଯେତିକି ଅନ୍ଧାର ବିନାଶ କରିଥାଏ ସେତିକି ଶିକ୍ଷାପ୍ରଦ ମଧ୍ୟ । ଆମର ମହାନ ଭାରତୀୟ ପରମ୍ପରାରେ ଅଗ୍ନି ଓ ତେଲ ଉଭୟ ପବିତ୍ର ଭାବେ ବିବେଚିତ । ପୁଣି ଶୁଦ୍ଧ ଶକ୍ତି ହୋଇଥିବାରୁ ବୈଦିକ ରୀତିନୀତିରେ ଅଗ୍ନିତତ୍ତ୍ୱର ବିଭିନ୍ନ ତାତ୍ପର୍ଯ୍ୟ କଥା ଉଲ୍ଲେଖ ଅଛି । ଆମ ଓଡ଼ିଆଙ୍କ ଘରେ ଘରେ ସଞ୍ଜ ଓ ସକାଳେ ଘର ଦ୍ୱାର ମୁହଁରେ ଚଉରାମୂଳରେ ସଞ୍ଜବତୀ ପ୍ରଦାନ କରିବାର ଅନେକ ସୁପ୍ରାଚୀନ ପ୍ରଥାଟି ରହିଛି । ପ୍ରଦୀପ ପ୍ରଜ୍ୱଳନ ସମୟରେ ଆମ୍ଭେମାନେ ପରିବେଶଗତ ଦିଗଟିକୁ ଭଲ ଭାବେ ଚିନ୍ତା କରିବା ଉଚିତ । ବିପୁଳ ବିଜୁଳି ବତୀର ବ୍ୟବହାର ଦ୍ୱାରା ଆମେ ଏକ ପ୍ରକାର ବିଦ୍ୟୁତ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛୁ । ସେହିପରି ଅନେକ ପରିମାଣରେ ନିମ୍ନମାନର ତେଲ ଦୀପରେ ବ୍ୟବହାର କରାଯାଉଥିବାରୁ ଏହା ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ତେଣୁ ଆଲୋକର ମହାପାର୍ବଣ ସମୟରେ ଆମେ ଆଧାତ୍ମିକ ଭାବନା ଭିତରେ ପରିବେଶର ଦିଗଟିକୁ ଟିକିଏ ଭଲ ଭାବେ ଦେଖିଲେ ଦୀପାବଳିଟି ଅଧିକ ଶିକ୍ଷାପ୍ରଦ ହେବ ଆମ ସମସ୍ତଙ୍କ ପାଇଁ ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩



ଭାରତରେ ପ୍ରତିବର୍ଷ ନଷ୍ଟ ହେଉଛି ୧.୨୨ ଲକ୍ଷ କୋଟି ଟଙ୍କାର ଖାଦ୍ୟ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ଭାରତରେ ଖାଦ୍ୟ ନଷ୍ଟ ହେବାର ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଦେଶରେ ପ୍ରତି ବର୍ଷ ପ୍ରାୟ ୧.୨୨ ଲକ୍ଷ କୋଟି ଟଙ୍କାର ଖାଦ୍ୟ, ଥାଳିରେ ପହଞ୍ଚିବା ପୂର୍ବରୁ ନଷ୍ଟ ହୋଇଯାଉଛି। ଏକଥା ଆମେ କହୁ ନାହୁଁ। କ୍ଲାଇମେଟ ଇଣ୍ଡେକ୍ସର ଏକ ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।ଏହାର ଦୁଇଟି ପ୍ରମୁଖ୍ୟ କାରଣ ରହିଛି। ଗୋଟାଏ ହେଲା ଫଳ ଓ ପନିପରିବାକୁ ରଖିବାକୁ ଦେଶରେ କୋଲ୍ଡ ଷ୍ଟୋରେଜର ଘୋର ଅଭାବ ଓ ଦ୍ୱିତୀୟଟି ହେଲା ମୌସୁମିରେ ପରିବର୍ତ୍ତନ ଓ ବଢୁଥିବା ଗରମ। ଏଥିପାଇଁ ପ୍ରତିବର୍ଷ ଏତେ ପରିମାଣରେ ଖାଦ୍ୟ ନଷ୍ଟ ହେଉଛି।ଦେଶର ମୋଟ ତଟକା ଉତ୍ପାଦନରୁ କେବଳ ମାତ୍ର ୪ ପ୍ରତିଶତ ସାମଗ୍ରୀକୁ କୋଲ୍ଡ ଷ୍ଟୋରେଜ୍‌ରେ ରଖିବାକୁ ସୁବିଧା ମିଳୁଛି। ବାକିଗୁଡ଼ିକୁ ବିଭିନ୍ନ ଘରୋଇ ଶୈଳୀରେ ରଖାଯାଉଛି। ଫଳରେ ଅନେକ ଫଳ ଓ ପନିପରିବା ନଷ୍ଟ ହେଉଛି। ଖାଇବା ନଷ୍ଟ ହେବାରୁ ବଜାରେ ଜନିଷର ଅଭାବ ଦେଖା ଦେଉଛି। ଆଉ ଜିନିଷ ଅଭାବ ଦେଖା ଦେବା ପରେ ମହଙ୍ଗା ପରିସ୍ଥିତି ସୃଷ୍ଟି ହୋଇ ଏହା ସାଧାରଣ ଲୋକଙ୍କ ବଜେଟ୍ ବିଗାଡୁଛି।ରିପୋର୍ଟ ଅନୁସାରେ ଦେଶରେ ୩୦ ରୁ ୪୦ ପ୍ରତିଶତ ଫଳ ଓ ପନିପରିବା ବଜାର ବଜାର କିମ୍ବା ଗ୍ରାହକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ହିଁ ନଷ୍ଟ ହୋଇଯାଉଛି।



ସେହିପରି ସଠିକ୍ ରକ୍ଷଣାବେକ୍ଷଣ ଓ ପରିବହନର ଅଭାବ ଯୋଗୁ ୫ରୁ ୬ ପ୍ରତିଶତ ଖାଦ୍ୟ ଶସ୍ୟ ରାସ୍ତାରେ ହିଁ ଖରାପ ହୋଇଯାଉଛି। ଏଥିରୁ ଖାଦ୍ୟ ମୁଦ୍ରାସ୍ଫୀତି ୮.୨୦ ପ୍ରତିଶତ ପହଞ୍ଚିଯାଇପାରେ।ଭାରତରେ ଏଭଳି ସ୍ଥିତି ନେଇ କ୍ଲାଇମେଟ୍ ଟ୍ରେଣ୍ଡ୍ସର ରିସର୍ଚ୍ଚ ମୁଖ୍ୟ ପଲକ ବାଲିଆନ କିନ୍ତୁ ଚାଷ କିମ୍ବା ଚାଷୀକୁ ନୁହେଁ ପୂରା ସିଷ୍ଟମକୁ ଦାୟୀ କରିଛନ୍ତି। ପଲକଙ୍କ କହିବା ଅନୁସାରେ ଭାରତରେ ଖାଦ୍ୟ ଶସ୍ୟ ଓ ଫଳ- ପନିପରିବା ନଷ୍ଟ ହେବା କେବଳ ଚାଷବାସର ସମସ୍ୟା ନୁହେଁ। ବରଂ ପୂରା ଭିତ୍ତିଭୂମୀ ଓ ସପ୍ଲାଇ ଚେନ୍‌ରେ ବିଫଳତା।ଏକ ତୃତୀଂଶ ଫଳଓ ପନିପରିବା ଗ୍ରାହକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ହିଁ ନଷ୍ଟ ହୋଇଯାଉଛି। ତା' ଉପରେ ପୁଣି ଭୀଷଣ ଗରମ ଓ ଅବେଳରେ ହେଉଥିବା ବର୍ଷା।ର ମାତ୍ର ଏହି କ୍ଷତିକୁ ଆହୁରି ବଢ଼ାଇ ଦେଉଛି। ତେଣୁ ଏଥିରୁ ଦେଶରେ ଖାଦ୍ୟ ଶସ୍ୟକୁ ସୁରକ୍ଷା ଦେବାକୁ ହେଲେ ଆମର କୋଲ୍ଡ ଷ୍ଟୋରେଜ୍ ଫେସିଲିଟକୁ ସୁଧାରିବାକୁ ହେବ। ଏବଂ ପରିବହନ ଦିଗରେ ଉନ୍ନତି ଆଣିବାକୁ ପଡ଼ିବ ବୋଲି ପଲକ ବାଲିଆନ ପରାମର୍ଶ ଦେଇଛନ୍ତି।

ଡିଜିଟାଲ୍ ବ୍ୟାଙ୍କ ଦେବାଳିଆ ହେବାରୁ ଆର୍ଥିକ ସଙ୍କଟରେ ପାରାଗୁଏ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ପୂର୍ବତନ ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନାଙ୍କୁ ନଜରବନ୍ଦୀ କରାଯାଇଛି। ମହାଭିଯୋଗ ପ୍ରକ୍ରିୟା ପରେ କର୍ତ୍ତୃପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସାଂସଦମାନେ ତାଙ୍କୁ ମହାଭିଯୋଗ କରି ପଦରୁ ବହିଷ୍କାର କରିବାର କିଛି ସମୟ ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଡିଜିଟାଲ୍ ବ୍ୟାଙ୍କ ଉଏନୋ ଦେବାଳିଆ ହେବା ଯୋଗୁଁ ସୃଷ୍ଟି ହୋଇଥିବା ରାଜନୈତିକ ଏବଂ ଆର୍ଥିକ ସଙ୍କଟ ମଧ୍ୟରେ ଏପରି ସ୍ଥିତି ଉପୁଜିଛି। ଅଧିକାରୀମାନେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ତାଙ୍କ ବିରୋଧରେ ଅଭିଯୋଗ ଚୂଡ଼ାନ୍ତ ନକରିଛନ୍ତି ସେପର୍ଯ୍ୟନ୍ତ ପେନାଙ୍କୁ ନଜରବନ୍ଦୀ ରଖାଯିବ। ପ୍ରଦର୍ଶନକାରୀ ଆସିନସିଅନରେ ପେନାଙ୍କ ବାସଭବନ ବାହାରେ ପ୍ରତିବାଦ କରିଥିଲେ। ପୁଲିସ ତାଙ୍କ ଘର ଚାରିପାଖରେ ସୁରକ୍ଷା ଘେରାବନ୍ଦୀ ବଜାୟ ରଖିଛି।ପାରାଗୁଏରେ ୟୁନୋ ବ୍ୟାଙ୍କ ଏକ ବଡ଼ ଡିଜିଟାଲ୍ ବ୍ୟାଙ୍କ ଥିଲା, ଯାହାର ପ୍ରାୟ ୨୯ ଲକ୍ଷ ଗ୍ରାହକ ଥିଲେ। ଦେଶର ଜନସଂଖ୍ୟା ପ୍ରାୟ ୬୧ ଲକ୍ଷ। ଅର୍ଥାତ୍



ପ୍ରାୟ ଅଧା ଜନସଂଖ୍ୟା ଏହା ସହିତ ଜଡ଼ିତ ଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହାର ସଲଭେନ୍ସି ବା ଆର୍ଥିକ କ୍ଷମତା ଦୁର୍ବଳ ରହିଥିବା ଜାଣିବା ପରେ ବ୍ୟାଙ୍କର ନିୟନ୍ତ୍ରଣ ନିଜ ହାତକୁ ନେଇଥିଲା। ନିୟାମକ ବ୍ୟାଙ୍କକୁ ନିଜ ଅକ୍ତିଆରକୁ ନେଇଥିଲେ। ଫଳରେ ଲକ୍ଷ ଲକ୍ଷ ଲୋକଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ଗ୍ରାହକମାନେ ସଞ୍ଚୟର ନଗଦ ଉଠାଇ ପାରିନଥିଲେ। ଏହା ସହିତ କ୍ରୟ ପାଇଁ ସେମାନଙ୍କର କାର୍ଡ ବ୍ୟବହାର କରିପାରି ନଥିଲେ। ଏହା ଦେଶରେ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରି ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା।ପେନା ତାଙ୍କ ରାଜନୈତିକ ପ୍ରଭାବ ବ୍ୟବହାର କରି ସରକାରୀ ପାଣ୍ଠିକୁ ୟୁନୋ ବ୍ୟାଙ୍କରେ ରଖିଥିବାସାଂସଦମାନେ ଅଭିଯୋଗ ଆଣିଥିଲେ। ରାଜ୍ୟ ପେନସନ ପାଣ୍ଠି ମଧ୍ୟ ବ୍ୟାଙ୍କରେ ଜମା ରହିଥିଲା। ନିୟାମକମାନେ ବିପଦପୂର୍ଣ୍ଣ ଋଣକୁ ଅଣଦେଖା କରିଥିଲେ। ସେନେଟ୍ ସର୍ବସମ୍ମତିକ୍ରମେ ତାଙ୍କୁ ପଦରୁ ବହିଷ୍କାର କରିଥିଲା। ଉପରାଷ୍ଟ୍ରପତି ପେଡ୍ରୋ ଆଲେନା ନୂତନ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ।ବିଶ୍ୱାସ ଭଙ୍ଗ ଅଭିଯୋଗରେ ପେନାଙ୍କ ବିରୋଧରେ ପବ୍ଲିକ ପ୍ରସିକ୍ୟୁଟରମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବତନ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ପେନା ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଏହିଘଟଣାକୁ ପାରାଗୁଏରେ ବର୍ଷବର୍ଷ ଧରି ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ବୋଲି ବିବେଚନା କରାଯାଉଛି।

କର୍ଣ୍ଣାଟକ ପେଟ୍ରୋଲରେ ଅଧିକ ଇଥାନଲ ଅଭିଯୋଗକୁ ଖାରଜ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ଗତ କିଛି ଦିନ ହେଲା କର୍ଣ୍ଣାଟକରେ ପେଟ୍ରୋଲ ଓ ଇଥାନଲକୁ ନେଇ ଦେଶରେ ଜୋରଦାର ଚର୍ଚ୍ଚା ହେଉଛି। କାରଣ ରାଜ୍ୟର କିଛି ପେଟ୍ରୋଲ ପମ୍ପର ପେଟ୍ରୋଲରେ ଇଥାନଲର ମାତ୍ରା ଅଧିକ ରହୁଥିବା, ଯାହା ନିର୍ଦ୍ଧାରିତ ସୀମାର ୨୬ରୁ ୩୧ ପ୍ରତିଶତ ଅଧିକ ରହୁଥିବାର ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ ବିତର୍କ ଆରମ୍ଭ ହେବା ପରେ କେନ୍ଦ୍ର ସରକାର ଶନିବାର ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି। ସରକାର ଏପରି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ସମସ୍ତ ସମ୍ପର୍କିତ ନମୁନା ପାସ୍ ହୋଇଥିବା କହିଛନ୍ତି।ମାମଲାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ଦେଶରେ ଚାଲିଥିବା କ୍ୱାଲିଟି ଯାଞ୍ଚ ଅଭିଯାନରେ କର୍ଣ୍ଣାଟକରୁ ସଂଗୃହୀତ ସମସ୍ତ ୫୬ଟି ନମୁନା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିଛି। ଉଲ୍ଲେଖଯୋଗ୍ୟ ଯେ କିଛି ରିପୋର୍ଟରେ ଦାବି କରାଯାଇଥିଲା ଯେ କର୍ଣ୍ଣାଟକ ରାଜ୍ୟର ପେଟ୍ରୋଲପମ୍ପ ମାନଙ୍କରେ ମିଳୁଥିବା ଇ-୨୦ ପେଟ୍ରୋଲରେ ୨୬ରୁ ୩୧ ପ୍ରତିଶତ ଇଥାନଲ ମିଶ୍ରଣ ହେଉଛି, ଯାହା ନିର୍ଦ୍ଧାରିତ ସୀମା ଠାରୁ ଯଥେଷ୍ଟ ଅଧିକ। ପେଟ୍ରୋଲିୟମ ମନ୍ତ୍ରାଳୟ ଅନୁଯାୟୀ ଦେଶର ୩ଟି ପ୍ରମୁଖ ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଓ ଏଚପିସିଏଲ ଦ୍ୱାରା ଯୋଗାଇ ଦିଆଯାଉଥିବା ଇ-୨୦ ପେଟ୍ରୋଲ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ମାନଦଣ୍ଡ ଆଇଏସ୧୭୦୨୧ ସମ୍ପୂର୍ଣ୍ଣ ଭାବେ ପାଳନ କରୁଛି।ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରୁ ମୋଟ ୮୩୯ଟି ନମୁନା ସଂଗ୍ରହ କରାଯାଇଥିଲା। ଏହି ନମୁନାଗୁଡିକ ସମସ୍ତ ଗୁଣାତ୍ମକ ମାନଦଣ୍ଡ ପୂରଣ କରୁଛନ୍ତି। କର୍ଣ୍ଣାଟକରୁ ଆସିଥିବା ୫୬ଟି ନମୁନାରେ ୧୯ରୁ ୨୦ ପ୍ରତିଶତର ସଠିକ ଇଥାନଲ ପରିମାଣ ଥିଲା। ସେପଟେ ତୈଳ ବିପଣନ କମ୍ପାନୀମାନେ ଅକ୍ଟୋବର ୨୦୨୬ରେ କର୍ଣ୍ଣାଟକର ପେଟ୍ରୋଲର ନମୁନା ଯାଞ୍ଚ ପାଇଁ ପରୀକ୍ଷଣ ପଦ୍ଧତୀ ଉପରେ ପ୍ରଶ୍ନ ଉଠାଇଛନ୍ତି। କମ୍ପାନୀମାନେ କହିଛନ୍ତି ଯେ ପରୀକ୍ଷଣ ପଦ୍ଧତୀ ଆଇନଗତ ଓ ବୈଷୟିକ ପ୍ରକ୍ରିୟା ସହ ଅସଙ୍ଗତ ଥିଲା। ଏଣୁ ତୈଳବିପଣନ କମ୍ପାନୀମାନେ ସତ୍ୟ ଉନ୍‌ମୋଚନ ପାଇଁ ଏକ ସ୍ୱାଧୀନ ତଦନ୍ତ ଦାବି କରିଛନ୍ତି।

ବିଜେପିକୁ ଟାର୍ଗେଟ୍ କଲେ ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଦେଶର ଗଣତନ୍ତ୍ର, ନିର୍ବାଚନୀ ବ୍ୟବସ୍ଥା ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ଥିତିକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ। ଗତ ୧୨ ବର୍ଷ ମଧ୍ୟରେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକର ବ୍ୟାପକ କ୍ଷତି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ନିକଟ ଅତୀତରେ ଦେଶର ଅନେକ ନିର୍ବାଚନରେ ଅନିୟମିତତା ହୋଇଥିବା ଏବଂ ନିର୍ବାଚନ ଚୋରି କରାଯାଇଥିବା ଯଥେଷ୍ଟ ପ୍ରମାଣ ମିଳିଥିବା ସେ ଦାବି କରିଛନ୍ତି। ଏହି ମନ୍ତବ୍ୟକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଏ ଜର୍ଣ୍ଣି ଅଫ୍ ଲଭ୍' ଆସନ୍ତା ୧୦ ନଭେମ୍ବରରେ ବିଶ୍ୱବ୍ୟାପୀ ପ୍ରକାଶ ପାଇବାକୁ ଥିବାବେଳେ ଏହା ପୂର୍ବରୁ 'ଦି ହିନ୍ଦୁ'କୁ ଦେଇଥିବା ସାକ୍ଷାତକାରରେ ସେ ଏହି ସବୁ ପ୍ରସଙ୍ଗ ଉଠାଇଛନ୍ତି। ସୋନିଆଙ୍କ କହିବା ଅନୁଯାୟୀ, ଗତ ୧୨ ବର୍ଷ ମଧ୍ୟରେ ଦେଶର ଗଣତାନ୍ତ୍ରିକ ଢାଞ୍ଚା, ସାମ୍ବିଧାନିକ ସଂସ୍ଥା ଓ ଜାତୀୟ ବ୍ୟବସ୍ଥାର ଗୁରୁତର କ୍ଷତି ହୋଇଛି। ସରକାର ପରିବର୍ତ୍ତନ ହେଲେ ମଧ୍ୟ ଏହି ବ୍ୟବସ୍ଥାଗୁଡ଼ିକୁ ପୁନର୍ବାର ସୁସ୍ଥ କରିବା ପାଇଁ ଦୀର୍ଘ ସମୟ ଓ ରାଜନୈତିକ ଦଳଗୁଡ଼ିକର ସମ୍ମିଳିତ ପ୍ରୟାସ ଆବଶ୍ୟକ ହେବ। ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ସହ ଦେଶର କ୍ଷତିକୁ ସେମାନେ ଏବେ ବୁଝିବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।୨୦୨୯ ଲୋକସଭା ନିର୍ବାଚନରେ ବିଜେପି କ୍ଷମତାରୁ ହଟିଲେ ରାଜନୀତି ପୁଣି ନୀତି ଓ କାର୍ଯ୍ୟକ୍ରମକୁ ନେଇ ପ୍ରତିଯୋଗିତାରେ ପରିଣତ ହେବ କି ବୋଲି ପ୍ରଶ୍ନର ଉତ୍ତରରେ ସୋନିଆ କହିଛନ୍ତି, ସେ ନିରାଶାବାଦୀ ନୁହନ୍ତି। ଦେଶବାସୀ ଉତ୍ତମ



ଶାସନ ବ୍ୟବସ୍ଥାକୁ ପୁଣି ଥରେ ସ୍ୱାଗତ କରିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ନିର୍ବାଚନୀ ଅନିୟମିତତାକୁ ନେଇ କଂଗ୍ରେସ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ମଧ୍ୟ ଦଳ ପ୍ରତିବାଦ କରୁଛି। ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ କଂଗ୍ରେସର ଆପତ୍ତି ରହିଛି। ଦଳର ଅଭିଯୋଗ ଏହି ପ୍ରକ୍ରିୟାରେ ଭୋଟରଙ୍କ ଅଧିକାର ଓ ନିର୍ବାଚନର ସ୍ୱଚ୍ଛତା ପ୍ରଭାବିତ ହେଉଛି। ସୋନିଆଙ୍କ ମତରେ, ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ସମାନ ସୁଯୋଗ ମିଳୁନାହିଁ। ନିର୍ବାଚନ ଆୟୋଗ ସମେତ ବିଭିନ୍ନ ସଂସ୍ଥା ଉପରେ ସରକାରଙ୍କ ପ୍ରଭାବ ରହିଥିବା, ମୁଖ୍ୟଧାରାର ଗଣମାଧ୍ୟମକୁ ନିୟନ୍ତ୍ରଣ କରାଯାଉଥିବା, ଅର୍ଥବଳର ବ୍ୟବହାର ଓ ଧର୍ମର ରାଜନୈତିକ ଶୋଷଣ ହେଉଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସୋନିଆ ଗାନ୍ଧୀ କହିଛନ୍ତି, କଂଗ୍ରେସ କେବେ ବି ବିଜେପି ଓ ଆର୍‌ଏସ୍‌ଏସ୍ ସହିତ ବିଚାରଧାରାଗତ ସାଲିସ୍ କରିନାହିଁ ଓ ଭବିଷ୍ୟତରେ ମଧ୍ୟ କରିବ ନାହିଁ। ସମାନ ବିଚାରଧାରାର ରାଜନୈତିକ ଦଳଗୁଡ଼ିକ ସହ ମିଶି କଂଗ୍ରେସ କାର୍ଯ୍ୟ କରୁଛି। ଦଳର ଭବିଷ୍ୟତ ଧୀରେ ଧୀରେ ଉନ୍ନତ ହେଉଥିବା ଏବଂ ଦଳୀୟ କର୍ମୀମାନେ ଦେଶର ପ୍ରତ୍ୟେକ ଗାଁ ଓ ଜିଲ୍ଲାରେ ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଲଢେଇ ଜାରି ରଖିଥିବା ସେ ଦାବି କରିଛନ୍ତି।ବିଜେପିର ପାଲଟା ଜବାବ ସୋନିଆଙ୍କ ଅଭିଯୋଗକୁ ନେଇ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପାଲଟା ପ୍ରଶ୍ନ ଉଠାଇଛନ୍ତି। ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତିକୁ ମନେ ପକାଇ ସେ କହିଛନ୍ତି, ସେହି ସମୟରେ ଗଣତନ୍ତ୍ରର କଣ୍ଠରୋଧ କରାଯାଇଥିଲା। ବିଭିନ୍ନ ଦଳର ନେତାମାନଙ୍କୁ କାରାଗାରରେ ରଖାଯିବା ସହ ସାମ୍ବାଦିକମାନଙ୍କ ସ୍ୱରକୁ ଦମନ କରାଯାଇଥିଲା। ଏହାକୁ କଂଗ୍ରେସ ଭୁଲିଯିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ କଂଗ୍ରେସକୁ ସମାଲୋଚନା କରିଛନ୍ତି। ନଅଟି ରାଜ୍ୟରେ କଂଗ୍ରେସ ଦୀର୍ଘ ୪୦ ବର୍ଷ ଧରି କ୍ଷମତାରେ ନଥିବା କଥା ଉଠାଇବା ସହ ଜରୁରୀକାଳୀନ ପରିସ୍ଥିତିର ଉଦାହରଣ ଦେଇଛନ୍ତି।

ଏବେ ଉପାନ୍ତ ଅଞ୍ଚଳରେ ରହିବ ନେଟୱର୍କ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ଏବେ ଭାରତର ପାହାଡ଼ ଜଙ୍ଗଲଭରା ଉପାନ୍ତ ଅଞ୍ଚଳରେ ଟାୱର ନଥିଲେ ବି ମୋବାଇଲ୍‌ରେ ରହିବ ନେଟୱର୍କ। ବିନା କଲ ଡ୍ରପରେ ଗ୍ରାହକ ନିରବିଚ୍ଛିନ୍ନ କଲିଂ ଓ ଇଣ୍ଟରନେଟ୍ର ସୁବିଧା ପାଇପାରିବେ। ଭାରତର ଟେଲିକମ ସଂସ୍ଥା ଟ୍ରାଇ ଏଭଳି ନିୟମ ଆଣିବାକୁ ସୁପାରିଶ କରିଛି। ଯେଉଁଥିରେ ଆପଣଙ୍କର ସ୍ମାର୍ଟଫୋନ ସିଧାସଳକ ମହାକାଶରେ ଥିବା ସାଟେଲାଇଟ ସହ ସଂଯୋଗ ହୋଇପାରିବ। ଯାହାଫଳରେ ନେଟୱର୍କ ପାଇଁ ଆଉ ଟାୱରର ଆବଶ୍ୟକତା ପଡ଼ିବ ନାହିଁ।ଏହି ନୂଆ ବ୍ୟବସ୍ଥାରେ ଏୟାରଟେଲ୍ ଓ ଜିଓ ଭଳି ଟେଲିକମ କମ୍ପାନୀଗୁଡ଼ିକୁ ମହଙ୍ଗା ସାଟେଲାଇଟ ସିଷ୍ଟମ ଲଗାଇବା ଆବଶ୍ୟକ ପଡ଼ିବ ନାହିଁ। ସେମାନେ ଚାହିଁଲେ ସାଟେଲାଇଟ ବନାଉଥିବା କମ୍ପାନୀଗୁଡ଼ିକ ଠାରୁ ନେଟୱର୍କ ଭଡ଼ାରେ ନେଇ ଗ୍ରାହକଙ୍କୁ ସେବା ଯୋଗାଇପାରିବେ। ଏଥିପାଇଁ କମ୍ପାନୀଗୁଡ଼ିକୁ ସାରା ଦେଶରେ ୨୦ ବର୍ଷପର୍ଯ୍ୟନ୍ତ କାମ କରିବାକୁ ଲାଇସେନ୍ସ ଦିଆଯିବ।ଏହି ନୂଆ ଯୋଜନାର ଖାସ କଥା ହେଲା ଡାଇରେକ୍ଟ ଟୁ ଡିଭାଇସ୍ ଟେକ୍ନୋଲୋଜୀ। ଟ୍ରାଇ ଏଥିପାଇଁ ସ୍ପେକ୍ଟ୍ରମର ବ୍ୟବହାର କରିବାକୁ ସୁପାରିଶ କରିଛି। ଯେଉଁଥିରେ ଆପଣଙ୍କର ସାଧାରଣ ସ୍ମାର୍ଟଫନ ବିନା କୌଣସି ଅତିରିକ୍ତ ଡିଭାଇସରେ ସିଧା ମହାକାଶରେ ଥିବା ସାଟେଲାଇଟ ସହ ସଂଯୋଗ ହୋଇପାରିବ।

ଆମେରିକାରେ ତେଲେଙ୍ଗାନାର ମେଧାବୀ ଛାତ୍ରୀ ନିଖୋଜ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ଆମେରିକାର ବୋଷ୍ଟନ୍ ସହରରୁ ଜଣେ ୨୩ ବର୍ଷୀୟା ଭାରତୀୟ ଛାତ୍ରୀ ନିଖୋଜ ହୋଇଯିବା ଘଟଣା ସାମ୍ନାକୁ ଆସିଛି। ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲା କାନାଗାଲ୍ ମଣ୍ଡଳ ଅନ୍ତର୍ଗତ ଶଦୁଲ୍ଲାପୁର ଗ୍ରାମର ଶ୍ରୀଜା ରେଡ୍ଡୀ ନାମକ ଏହି ଛାତ୍ରୀଜଣକ ନଭେମ୍ବର ୨ ତାରିଖ ରାତିରୁ ସନ୍ଦିଗ୍ଧ ଭାବେ ନିଖୋଜ ଥିବା ବେଳେ, ତାଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଛି। ଏହି ଘଟଣା ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି କରିଛି।ସୂଚନାଯୋଗ୍ୟ ଯେ, ଶ୍ରୀଜା ଉଚ୍ଚଶିକ୍ଷା ପାଇଁ ଦେଢ଼ ବର୍ଷ ପୂର୍ବେ ଆମେରିକା ଯାଇଥିଲେ ଏବଂ ପାଠପଢ଼ା ସହ ସେଠାରେ ଏକ ପାର୍ଟ-ଟାଇମ୍ ଚାକିରି ମଧ୍ୟ କରୁଥିଲେ। ବୋଷ୍ଟନ୍ ପୁଲିସ ବିଭାଗ ଅନୁଯାୟୀ, ନଭେମ୍ବର ୨ ତାରିଖ ରାତି ପ୍ରାୟ ୯:୪୫ ସମୟରେ ଶ୍ରୀଜା ଡୋରଚେଷ୍ଟରସ୍ଥିତ ଏଡିସନ୍ ଗ୍ରୀନ୍ ଅଞ୍ଚଳରେ ଥିବା ନିଜ ବାସଭବନରୁ ସନ୍ଧ୍ୟାକାଳୀନ ଭ୍ରମଣ ପାଇଁ ବାହାରିଥିଲେ। ମାତ୍ର ତା'ପରଠାରୁ ତାଙ୍କର କୌଣସି ପତ୍ତା ମିଳିନାହିଁ। ନଭେମ୍ବର ୩ ତାରିଖରେ ଶ୍ରୀଜାଙ୍କ ସାଙ୍ଗମାନେ ବୋଷ୍ଟନ୍ ପୁଲିସରେ ଏ ନେଇ ଏତଲା ଦେବା ସହ ନାଲଗୋଣ୍ଡାରେ ରହୁଥିବା ତାଙ୍କ ବାପା କୋୟା ଯାଦାଗିରି ରେଡ୍ଡୀ ଓ ମା' ରୂପାଙ୍କୁ ସୂଚନା ଦେଇଥିଲେ। ବୋଷ୍ଟନ୍ ପୁଲିସ ଏକ ଆନୁଷ୍ଠାନିକ 'ନିଖୋଜ ବ୍ୟକ୍ତି' ଆଲର୍ଟ ଜାରି କରିବା ସହ ସାଧାରଣ ଜନତାଙ୍କୁ ଶ୍ରୀଜାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ତୁରନ୍ତ ଜଣାଇବାକୁ ନିବେଦନ କରିଛି। ଝିଅକୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଶ୍ରୀଜାଙ୍କ ପରିବାର ବୈଦେଶିକ ମନ୍ତ୍ରଣାଳୟ ଓ ପ୍ରଶାସନର ସାହାଯ୍ୟ ଲୋଡ଼ିଛନ୍ତି। ପୁଲିସ ଏହି ସମ୍ବେଦନଶୀଳ ମାମଲାର ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ଭାବେ ଆଇନୋଜେଟଙ୍କ ନାମ ହେବ ଘୋଷଣା

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ଇସ୍ରାଏଲର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ସେନେଇ ରବିବାର ଘୋଷଣା କରିବେ ରାଷ୍ଟ୍ରପତି ଆଇଜାକ୍ ହର୍ଜଗ। ସରକାର ଗଠନ ପାଇଁ ୬୧ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଗାଦି ଆଇଜେନକୋଟଙ୍କ ମେଣ୍ଟକୁ ୬ଟି ଦଳର ୬୭ ସାଂସଦ ସମର୍ଥନ କରିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ପାଖରେ ମାତ୍ର ୪୬ ସାଂସଦଙ୍କ ସମର୍ଥନ ଥିବା କୁହାଯାଉଛି। ଏହି କାରଣରୁ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନର ପ୍ରଥମ ସୁଯୋଗ ନଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଇସ୍ରାଏଲରେ ଏପର୍ଯ୍ୟନ୍ତ କୌଣସି ଏକକ ଦଳ ସ୍ପଷ୍ଟ ଅଧିକାଂଶ ହାସଲ କରିପାରିନାହିଁ। ସେଥିପାଇଁ ଏଠାରେ ପ୍ରାୟତଃ ମେଣ୍ଟ ସରକାର ଗଠିତ ହୋଇଆସୁଛି।ରାଷ୍ଟ୍ରପତି ହର୍ଜ ?ଗ ଗୁରୁବାର ନୂଆ ସଂସଦକୁ ନିର୍ବାଚିତ ସମସ୍ତ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ।

ବିହାର ରାଜନୀତିରେ ବଡ଼ ହଲଚଲ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ବିହାରରେ କିଛି ବଡ଼ ରାଜନୈତିକ ଓଲଟପାଲଟ ହେବାକୁ ଯାଉଛି କି ରାଷ୍ଟ୍ରୀୟ ଜନତା ଦଳର ଜଣେ ନେତାଙ୍କ ଦାବି ପରେ ଏହି ପ୍ରଶ୍ନ ଉଠିଛି। ଆରଜେଡିର ବରିଷ୍ଠ ବିଧାୟକ ଭାଇ ବୀରେନ୍ଦ୍ର ଦାବି କରିଛନ୍ତି ଯେ ବିହାରରେ ଶୀଘ୍ର ରାଜନୈତିକ 'ଖେଳ' ଦେଖିବାକୁ ମିଳିବ। ସେ ଏହା ମଧ୍ୟ କହିଛନ୍ତି ଯେ ଘଡ଼ଇ ଭିତରେ ସବୁକିଛି ଠିକ୍ ନାହିଁ ଏବଂ ଶୀଘ୍ର ଏଠାରେ ବଡ଼ 'ବ୍ଲାଷ୍ଟ' ହେବ। ଭାଇ ବୀରେନ୍ଦ୍ର ଆଉ କହିଛନ୍ତି, ନୀତିଶ କୁମାର ଓ ନିଶାନ୍ତ ବୁଝିସାରିଛନ୍ତି କିଏ କେଉଁ ପାର୍ଟି ସହ ମିଶି ଖେଳ କରୁଛି, ଏବଂ କିପରି ଗଖଡ଼ ନିର୍ବାଚନରେ JDUକୁ ହରାଇଦିଆଗଲା। ଏବେ ନୂଆ ଖେଳ ଶୀଘ୍ର ହେବ, ଅଛ୍ର ଅପେକ୍ଷା କରନ୍ତୁ ଫ ଆରଜେଡି ନେତାଙ୍କ ଏହି ବୟାନ ପରେ ବିହାରର ରାଜନୈତିକ ମହଲରେ ନୂଆ ଅଟକଳ ଆରମ୍ଭ ହୋଇଛି। ରାଜ୍ୟରେ କିଛି ନୂଆ ରାଜନୈତିକ ସମୀକରଣ ଗଢ଼ିଉଠିବ କି ନାହିଁ, ସେନେଇ ଚର୍ଚ୍ଚା ଜୋର ଧରିଛି।ଅନ୍ୟପଟେ ଜଡ଼ିୟୁର ପ୍ରବକ୍ତା ନୀରଜ କୁମାର, ଭାଇ ବୀରେନ୍ଦ୍ରଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଛନ୍ତି। ସେ କହିଛନ୍ତି ଯେ ଆରଜେଡି ନେତାଙ୍କ ଏହି ବୟାନ ନିରାଶାଜନକ, ଆଧାରହୀନ ଏବଂ କେବଳ ଅଫବାହ ପ୍ରଚାର। ସେ କହିଛନ୍ତି, ଭାଇ ବୀରେନ୍ଦ୍ରଙ୍କୁ ପ୍ରଥମେ ନିଜ ଦଳ ଏବଂ ଲାଲୁ ପରିବାର ଭିତରର ଦ୍ୱନ୍ଦ୍ୱ ବିଷୟରେ କହିବା ଉଚିତ।ନୀରଜ କୁମାର ଆହୁରି କହିଛନ୍ତି, “ବିହାରରେ NDA ଲଗାତାର ବିକାଶମୂଳକ କାମ କରୁଛି। ନିକଟରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବାସଭବନରେ ଘଡ଼ଇର ବୈଠକ ହୋଇଥିଲା ଏବଂ ସମସ୍ତେ ସମ୍ରାଟ ସରକାର ପ୍ରତି ନିଜ ଆସ୍ଥା ପ୍ରକାଶ କରିଥିଲେ। ବିହାରରେ ଘଡ଼ଇ ସରକାରର ଏକ ବର୍ଷ ପୂରା ହେବାକୁ ଯାଉଛି। ନଭେମ୍ବର ୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିହାରକୁ ନୂଆ ଉପହାର ଦେବାକୁ ଆସୁଛନ୍ତି।” ଏହିପରି, ଆରଜେଡି ପକ୍ଷରୁ ଦିଆଯାଇଥିବା ରାଜନୈତିକ ଓଲଟପାଲଟର ଦାବିକୁ ଜଡ଼ିୟୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଛି।

ଅଭିଷେକ ବାନାର୍ଜୀଙ୍କ ବାସଭବନ ଉପରେ ଆକ୍ରମଣ ଅଭିଯୋଗ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି):ପଶ୍ଚିମବଙ୍ଗରେ ରାଜନୈତିକ ହିଂସାକୁ ନେଇ ପୁଣି ଆରମ୍ଭ ହୋଇଛି ଆରୋପ-ପ୍ରତ୍ୟାରୋପ। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସାଂସଦ ଅଭିଷେକ ବାନାର୍ଜୀ ଶନିବାର (ନଭେମ୍ବର ୭) ଭୋର ପ୍ରାୟ ୨ଟାରେ ଦକ୍ଷିଣ କୋଲକାତାର କାଳୀଘାଟସ୍ଥିତ ତାଙ୍କ ବାସଭବନ ଉପରେ ବିଜେପି ସମର୍ଥିତ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ତେବେ ପଶ୍ଚିମବଙ୍ଗ ସରକାରଙ୍କ ପଞ୍ଚାୟତ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଦିଲୀପ ଘୋଷ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।ଅଭିଷେକ ବାନାର୍ଜୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ଘଟଣା ସମ୍ପର୍କରେ ଜଣାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଆକ୍ରମଣ ପୂର୍ବରୁ ଲଗାତାର ଦୁଇ ଦିନ ଧରି ତାଙ୍କ କାର୍ଯ୍ୟାଳୟ ଓ ବାସଭବନ ଉପରେ ନଜର ରଖାଯାଇଥିଲା। ଏହାପରେ ରାତି ୨ଟାରେ ଆକ୍ରମଣ କରାଯାଇଥିଲା। ଜଣେ ନିର୍ବାଚିତ ସାଂସଦଙ୍କ ଘର ଯଦି ସୁରକ୍ଷିତ ନୁହେଁ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା କେତେ ଦୂର ସମ୍ଭବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ଭିଡିଓର ସତ୍ୟତାକୁ ସ୍ୱାଧୀନ ଭାବେ ଯାଞ୍ଚ କରିପାରିନାହିଁ ପିଟିଆଇ।ସ୍ଥାନୀୟ ସୂଚନା ଅନୁଯାୟୀ, ଅଭିଷେକଙ୍କ କାଳୀଘାଟସ୍ଥିତ ଘର



ବାହାରେ ବିଜେପି ସମର୍ଥକମାନେ 'ଚୋର' ସ୍ଲୋଗାନ ଦେବାରୁ ଉତ୍ତେଜନା ଆରମ୍ଭ ହୋଇଥିଲା। ଏହାର ଜବାବରେ ସେଠାରେ ଉପସ୍ଥିତ ଟିଏମ୍‌ସି ସମର୍ଥକମାନେ ମଧ୍ୟ ପାଲଟା ସ୍ଲୋଗାନ ଦେଇଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ପଥରମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କିଛି ଟିଏମ୍‌ସି କର୍ମୀ ଗୁରୁତର ଆହତ ହୋଇଥିବା ଅଭିଷେକ କହିଛନ୍ତି। ଜଣେ ଆହତଙ୍କ ପ୍ଲାଷ୍ଟିକ୍ ସର୍ଜରି କରିବାକୁ ପଡ଼ିଥିବା ବେଳେ ଅନ୍ୟ ଜଣଙ୍କ ଆଖି ପାଖରେ ହାଡ଼ ଭାଙ୍ଗିଥିବା ସେ ଦାବି କରିଛନ୍ତି।ଗତ ଛଅ ମାସ ମଧ୍ୟରେ ତାଙ୍କ ଜୀବନ ନେବାକୁ ସପ୍ତମ ଉଦ୍ୟମ ବୋଲି ଅଭିଷେକ ଅଭିଯୋଗ କରିବା ସହ ପୁଲିସ ଓ ନ୍ୟାୟପାଳିକାର ନିଷ୍କ୍ରିୟତାକୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଦିଲୀପ ଘୋଷ ଏହି ଅଭିଯୋଗକୁ ଅଗ୍ରାହ୍ୟ କରି କହିଛନ୍ତି, କ୍ଷମତା ହାତରୁ ଖସିବାକୁ ଲାଗିଲେ ଏଭଳି ଅଭିଯୋଗ ଆସିଥାଏ। କୋଲକାତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳକୁ ନିୟନ୍ତ୍ରଣ କରିଥିଲା। ଘଟଣାର ତଦନ୍ତ ଚାଲିଥିବା ପୁଲିସ ପକ୍ଷରୁ କୁହାଯାଇଛି।

ଭୋଲ୍‌ଟାସର ଚେୟାରମ୍ୟାନ ପଦରୁ ଇସ୍ତଫା ଦେବେ ନୋଏଲ ଟାଟା

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଟାଟା ଗ୍ରୁପର କୁଲିଂ ପ୍ରଡକ୍ଟ ତିଆରି କରୁଥିବା କମ୍ପାନୀ ଭୋଲ୍‌ଟାସ୍‌ର ଚେୟାରମ୍ୟାନ ଓ ଡାଇରେକ୍ଟର ପଦରୁ ଅବସର ନେବେ ନୋଏଲ ଏନ ଟାଟା। ତାଙ୍କୁ ୭୦ ବର୍ଷ ପୂରି ଯାଉଥିବାରୁ ଟାଟା ଗ୍ରୁପର ଗାଇଡଲାଇନ୍ସ ଅନୁସାରେ ସେ ୧୧ ନଭେମ୍ବର ୨୦୨୬ରେ ଅବସର ଗ୍ରହଣ କରିବେ। ଅବସର ପରେ କମ୍ପାନୀର ବୋର୍ଡ ତାଙ୍କୁ ୧୨ ନଭେମ୍ବର ୨୦୨୬ରେ ଚେୟାରମ୍ୟାନ ଏମିରେଟ୍ସ ପଦରେ ନିଯୁକ୍ତି ଦେବ।ଚେୟାରମ୍ୟାନ ଏମିରେଟ୍ସ ପଦ ଏକ ପରାମର୍ଶଦାତାର ପଦବୀ। ବ୍ୟକ୍ତିଙ୍କର ଲମ୍ବା ଅନୁଭବ ପାଇଁ ତାଙ୍କୁ ସମ୍ମାନର ସହ ଏହି ପଦରେ ନିଯୁକ୍ତି ଦିଆଯାଏ। ସେ କମ୍ପାନୀର ଦୈନନ୍ଦିନ କାର୍ଯ୍ୟରେ ସାମିଲ ହେବେ ନାହିଁ। କିନ୍ତୁ ଦରକାର ପଡ଼ିଲେ ପରାମର୍ଶ ଦେଇପାରିବେ।ନୋଏଲ ଟାଟାଙ୍କ ଅବସର ପରେ ସୁନୀଲ ଜିସୁଜାଙ୍କୁ ଭୋଲ୍‌ଟାସ୍‌ର ଚେୟାରମ୍ୟାନ୍ ପଦରେ ନିଯୁକ୍ତି ଦିଆଯିବ। ସୁନୀଲ ବର୍ତ୍ତମାନ ଟାଟା ଗ୍ରୁପର ଏଫ୍‌ଏମ୍‌ସିଜି କମ୍ପାନୀ ଟାଟା କଞ୍ଜ୍ୟୁମର ପ୍ରଡକ୍ଟ୍ସ ଲିମିଟଡ୍‌ର ଡାଇରେକ୍ଟର ଓ ସିଇଓ ଅଛନ୍ତି। ତାଙ୍କ ନେତୃତ୍ୱରେ ଟାଟାର ଏଫ୍‌ଏମ୍‌ସିଜି କମ୍ପାନୀ ଟାଟା ସଲ୍ଟ, ଟାଟା ଟି, ଟେଟଲୀ ଓ ଟାଟା ସମ୍ପନ୍ନ ଭଳି ବ୍ରାଣ୍ଡରେ ଲୁଣ, ଚା' କଫି, ପ୍ୟାକେଜ୍ଡ ଫୁଡ୍ ଓ ବେଭରେଜ୍ ଭଳି ବ୍ୟବସାୟ କରୁଛି। ହେଲେ ନଭେମ୍ବର ୧୨ ତାରିଖରୁ ସୁନୀଲ ଭୋଲ୍‌ଟାସ୍‌ର ଚେୟାରମ୍ୟାନ୍ ଓ ଡାଇରେକ୍ଟର ପଦ ସମ୍ଭାଳିବେ।କମ୍ପାନୀଜ୍ ଆକ୍ଟ ୨୦୧୩ ଅନୁସାରେ ୭୦ ବର୍ଷ ହେବା ପରେ କୌଣସି ବ୍ୟକ୍ତି ଏମ୍‌ଡି କିମ୍ବା ହୋଲ୍-ଟାଇମ୍ ଡାଇରେକ୍ଟର ପଦରେ ରହିପାରିବେ ନାହିଁ, କି ତାଙ୍କର କୌଣସି ପୁନଃ ନିଯୁକ୍ତି ବି ହେବନି। ୧୨ ନଭେମ୍ବର ୧୯୫୬ ମସିହାରେ ଜନ୍ମ ହୋଇଥିବା ନୋଏଲଙ୍କୁ ୨୦୨୬ ନଭେମ୍ବର ୧୨ ତାରିଖକୁ ୭୦ ବର୍ଷ ପୂରୁଛି। ତେଣୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଗ୍ରୁପର ଏହି ପଲିସି ପାଇଁ କିଛିଦିନ ପୂର୍ବରୁ ନୋଏଲ ଟାଟା ଗ୍ରୁପର ରିଟେଲ ଫାର୍ମ ଟ୍ରେଣ୍ଟ ଗ୍ରୁପର ଚେୟାରମ୍ୟାନ ପଦରୁ ଇସ୍ତଫା ଦେଇଥିଲେ । ଏହି ଇସ୍ତଫା ନଭେମ୍ବର ୧୧ ତାରିଖରୁ କାର୍ଯ୍ୟକାରୀ ହେବ।ସୂଚନା ଥାଉକି ନୋଏଲ ଟାଟା ୨୦୦୩ ମସିହାରୁ ଭୋଲଟାସ୍ କମ୍ପାନୀ ସହିତ ଜଡିତ ଥିବା ବେଳେ ୨୦୧୭ରେ ଏହାର ଚେୟାରମ୍ୟାନ ପଦ ସମ୍ଭାଳିଥିଲେ। ସେ ବର୍ତ୍ତମାନ ଟାଟା ଟ୍ରଷ୍ଟ ଚେୟାରମ୍ୟାନ୍ ବି ଅଛନ୍ତି। ଭୋଲଟାସ ବ୍ୟତୀତ ଚଳିତ ବର୍ଷ ନୋଏଲ ଟାଟା ଅନ୍ୟ ବଡ଼ କମ୍ପାନୀଗୁଡ଼ିକର ବୋର୍ଡରୁ ଅବସର ନେବେ। ସେଗୁଡ଼ିକ ମଧ୍ୟରେ ଟାଇଟନ, ଟାଟା ଇନଭେଷ୍ଟମେଣ୍ଟ, ଟାଟା ଷ୍ଟିଲ, ଓ ଟାଟା ଇଣ୍ଟରନ୍ୟାସନାଲ ଆଦି କମ୍ପାନୀ ରହିଛି।



ଦୀପାବଳିରେ ମହୁରତ୍ ଟ୍ରେଡିଂ ନିମନ୍ତେ କୋଟକ ନିଓ ଶୀର୍ଷ ଚୟନିତ ଷ୍ଟକ୍- ଫଣ୍ଡାମେଣ୍ଟାଲ ଓ ଟେକ୍ନିକାଲ ପ୍ରଚଳନ କଲା

ମୁମ୍ବାଇ, ୭।୧୧ (ନି.ପ୍ର) : କୋଟକ ସିକ୍ୟୁରିଟିଜ୍ ଲିମିଟେଡର ରିଟେଲ ଶାଖା କୋଟକ ନିଓ ସମ୍ବତ ୨୦୮୩ ଦୀପାବଳିରେ ମହୁରତ୍ ଟ୍ରେଡିଂ ନିମନ୍ତେ ଶୀର୍ଷ ଚୟନିତ ଷ୍ଟକ୍- ଫଣ୍ଡାମେଣ୍ଟାଲ ଓ ଟେକ୍ନିକାଲ ପ୍ରଚଳନ କରିଛି। ଦୀପାବଳି ଉପଲକ୍ଷେ ସମସ୍ତଙ୍କୁ ଶୁଭକାମନା ଜଣାଇ ଶ୍ରୀକାନ୍ତ ଚୌହାନ, ହେଡ୍ ଇକ୍ୱିଟି ରିସର୍ଚ୍ଚ, କୋଟକ ନିଓ କହିଛନ୍ତି, 'ଦୀର୍ଘକାଳୀନ ସଂଶୋଧନ ଓ ଅସ୍ଥିର ପର୍ଯ୍ୟାୟ ପରେ ସମ୍ବତ ୨୦୮୩ ଦୀର୍ଘସୂତ୍ରୀ ନିବେଶକମାନଙ୍କ ନିମନ୍ତେ ଏକ ଅଧିକ ଗଠନମୂଳକ ବ୍ୟବସ୍ଥା ଉପସ୍ଥାପନ କରୁଛି। ନିଫ୍ଟି ୫୦ ପ୍ରାୟ ୧୮.୫ ଘ ଏଫ୍‌ୱାଇ୨୭ରେ ଏବଂ ୧୬.୦ ଘ ଏଫ୍‌ୱାଇ୨୮ରେ ଉପାର୍ଜନରେ ଟ୍ରେଡିଂ କରୁଛି। ସେହି ସମୟରେ ଆମେ ଆଶା କରୁଛୁ ଯେ ଉପାର୍ଜନ ଅଭିବୃଦ୍ଧି ଆକଳନ ଏଫ୍‌ୱାଇ୨୭ରେ ୧୮% ଏବଂ ଏଫ୍‌ୱାଇ୨୮ରେ ୧୩% ହେବ। ଯଦିଓ ଭୂରାଜନୈତିକ ଘଟଣାକ୍ରମ, ଅଶୋଧିତ ତୈଳ ମୂଲ୍ୟ ଏବଂ ବୈଶ୍ୱିକ ଆର୍ଥିକ ପରିସ୍ଥିତି ନିକଟବର୍ତ୍ତୀ ସମୟରେ ଅସ୍ଥିର ପରିସ୍ଥିତିକୁ ଅଧିକ ରଖିପାରେ, ତଥାପି ଭାରତର ସଂରଚନାମୂଳକ ଅଭିବୃଦ୍ଧି ଧାରା ମଜଭୁତ ରହିଛି। ଆମର ବିଶ୍ୱାସ ଯେ ନିବେଶକମାନେ ସଠିକ ନିମ୍ନସ୍ଥାନ ନିମନ୍ତେ ସମୟ ସ୍ଥିର କରିବାକୁ ଏଡାଇ ତାହା ପରିବର୍ତ୍ତେ ଗୁଣାତ୍ମକ ଲାର୍ଜ ଓ ବଛା ବଛା ମିଡ୍-କ୍ୟାପ ଷ୍ଟକଗୁଡିକୁ ପସନ୍ଦ କରି ମୂଳଦୁଆ ସ୍ତରରେ ଦୃଢ଼ ବ୍ୟବସାୟ କ୍ରମଶଃ ଗଢ଼ତୋଳିବା ସକାଶେ ଅର୍ଥପୂର୍ଣ୍ଣ ସଂଶୋଧନକୁ ବ୍ୟବହାର କରିବା ଉଚିତ। ଚଳିତ ଦୀପାବଳିରେ ମୁଁ ସମସ୍ତ ନିବେଶକ ଏବଂ ସେମାନଙ୍କ ପରିବାରବର୍ଗଙ୍କର ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁଖଶାନ୍ତି କାମନା କରୁଛି ଏବଂ ସମ୍ବତ ୨୦୮୩ ଶୃଙ୍ଖଳିତ ପୁଞ୍ଜିନିବେଶ, ଲାଭଦାୟକ ସୁଯୋଗ ଏବଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଆଣିଦେଉ।'

ଭାରତୀୟ ବୃହତ୍ ଅର୍ଥନୈତିକ ପରିବେଶ ମୂଲ୍ୟ-ଯୁକ୍ତ ବିନିର୍ମାଣରେ ଘରୋଇ କ୍ଷେତ୍ରର ପୁଞ୍ଜିନିବେଶ ସମର୍ଥନରେ ଏକ ସ୍ଥିର ଅଭିବୃଦ୍ଧି ସମ୍ଭାବନାର ପ୍ରସ୍ତାବ ରଖୁଛି। ସେହି ସମୟରେ ମଧ୍ୟପ୍ରାଚ୍ୟରେ ସଂଘର୍ଷ ଓ ଅସ୍ଥିର ବିଦେଶୀ ଆଗମନ କାରଣରୁ ନିକଟ ଭବିଷ୍ୟତର ପରିସ୍ଥିତିଗୁଡ଼ିକ



ଚାଲେଞ୍ଜପୂର୍ଣ୍ଣ ରହୁଥିବାବେଳେ ସ୍ଥିର ଘରୋଇ ସଂସ୍ଥାନଗତ କ୍ରୟ ଲଗାତର ଭାବରେ ଗୁରୁତ୍ୱପୂର୍ଣ୍ଣ ବଜାର ସମର୍ଥନ ଯୋଗାଇ ଦେଉଛି। ମୂଲ୍ୟ ସଂଶୋଧନର ସାମ୍ପ୍ରତିକ ସମୟ ଭାରତୀୟ ଇକ୍ୱିଟିଗୁଡିକୁ ଅଧିକ ଯୁକ୍ତିସଂଗତ ମୂଲ୍ୟାୟନ ଆଡକୁ ଆଗେଇ ନେଇଛି, ଏବଂ ନିଫ୍ଟି-୫୦ ଇଣ୍ଡେକ୍ସ ସମ୍ପ୍ରତି ସୁବିଧାଜନକ ୧୮.୭ ଘ ଏଫ୍‌ୱାଇ୨୭ ଏବଂ ୧୬.୫ ଘ ଏଫ୍‌ୱାଇ୨୮ ଉପାର୍ଜନରେ ଟ୍ରେଡିଂ କରୁଛି। ଉଲ୍ଲେଖଯୋଗ୍ୟ ଯେ ନିଫ୍ଟି-୫୦ ଏଫ୍‌ୱାଇ୨୭ ପ୍ରଥମ ତ୍ରୈମାସିକରେ ଉପାର୍ଜନ ଅଭିବୃଦ୍ଧି ୧୧ଟି ତ୍ରୟମାସିକରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ଦ୍ୱାରା ତାହାଦ୍ୱାରା ଚାଳିତ ମୂଳ କର୍ପୋରେଟ ଉପାର୍ଜନ ତ୍ୱରାନ୍ୱିତ ହୋଇଥିଲେ ମଧ୍ୟ ଏହି ମୂଲ୍ୟାୟନରେ ସମାଯୋଜନ ଘଟିଥିଲା। ଆମେ ଆକଳନ କରୁଛୁ ଯେ ଏହି ମଜଭୁତ ଦୁଇଅଙ୍କ ବିଶିଷ୍ଟ ଗତିଶୀଳତା ଜାରି ରହିବ ଏବଂ ଏଫ୍‌ୱାଇ୨୭ରେ ନିଫ୍ଟି-୫୦ ଉପାର୍ଜନ ଅଭିବୃଦ୍ଧି ପ୍ରାୟ ୧୮% ଏବଂ ଏଫ୍‌ୱାଇ୨୮ରେ ପ୍ରାୟ ୧୩% ରହିବ।

ଆଇପିଓଗୁଡିକ ବଜାର ଅଂଶଗ୍ରହଣକୁ ପରିବ୍ୟାପ୍ତ କରିଛି ଏବଂ ସାନି ପୁଞ୍ଜିନିବେଶ ସୁଯୋଗଗୁଡିକ ସୃଷ୍ଟିକରିଛି। ଯଦିଓ ଏହି ସମସ୍ତ ପ୍ରାଇମେରୀ-ମାର୍କେଟରେ ଇସ୍ୟୁ କରାଯାଉଥିବା ଏହି ସାଧନଗୁଡିକ ସାମୟିକ ଭାବରେ ଘରୋଇ ଲିକ୍ୱିଡିଟିକୁ ଗ୍ରହଣ (କରିନେଉଛି, ତଥାପି ଦୀର୍ଘକାଳୀନ ଭିତ୍ତିରେ ସଫଳ ତାଲିକାଭୁକ୍ତ ନିବେଶଯୋଗ୍ୟ କ୍ଷେତ୍ରର ପରିସରକୁ ବ୍ୟାପକ କରୁଛି। ପରିଶେଷରେ ଏହି ଗତିଶୀଳତା ଆର୍ଥିକ ବଜାରଗୁଡିକୁ ସୁଦୃଢ଼ କରୁଛି, ସମ୍ପତ୍ତି ସୃଷ୍ଟି ନିମନ୍ତେ ଦୀର୍ଘସ୍ଥାୟୀ ସୁଯୋଗଗୁଡିକ ଯୋଗାଇ ଦେଉଛି। ନିକଟ ଭବିଷ୍ୟତର ବୈଶ୍ୱିକ ବୃହତ୍ ସଂଘାତଗୁଡିକ ହେଡ୍‌ଲାଇନ ବଜାର ସୃଷ୍ଟି କରୁଥିବାବେଳେ ଭାରତର ସଂରଚନାମୂଳକ ରୂପାନ୍ତରଣ ଏକ ମଜଭୁତ ଦୀର୍ଘ-ସୂତ୍ରୀ ସୁଯୋଗ ଯୋଗାଇ ଦେଉଛି, ଯାହା ସ୍ୱଳ୍ପକାଳୀନ ବୈଶ୍ୱିକ କୋଳାହଳ ମଧ୍ୟରେ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଛି। ନକରାତ୍ମକ ମନୋଭାବ ଏବଂ ମୂଲ୍ୟାୟନରେ ଉନ୍ନତି ସାଧନ ମଧ୍ୟରେ ବଢୁଥିବା ବ୍ୟବଧାନ ଶୃଙ୍ଖଳିତ, ଦୀର୍ଘ-ସୂତ୍ରୀ ନିବେଶକମାନଙ୍କ ନିମନ୍ତେ ଅଧିକ ଗଠନମୂଳକ ବ୍ୟବସ୍ଥା ସୃଷ୍ଟି କରୁଛି। ନିବେଶକମାନେ ପର୍ଯ୍ୟାୟକ୍ରମିକ ସଞ୍ଚୟ ଜରିଆରେ ମୂଳଦୁଆ ସ୍ତରରେ ଦୃଢ଼ ବ୍ୟବସାର ଏକ ବିବିଧିକୃତ ପୋର୍ଟଫୋଲିଓ କ୍ରମଶଃ ନିର୍ମାଣ କରିବା ସମ୍ପର୍କରେ ବିଚାର କରିବା ଉଚିତ। ଏହି ଆଭିମୁଖ୍ୟ ନିକଟ-ଭବିଷ୍ୟତର ଅସ୍ଥିର ପରିସ୍ଥିତି ପରିଚାଳନାରେ ସହାୟତା କରିପାରିବ ଏବଂ ତାହାସହିତ ଭବିଷ୍ୟତର ବଜାର ପୁନରୁଦ୍ଧାରରେ ଅଂଶଗ୍ରହଣକୁ ବଜାୟ ରଖିବ। ସମସ୍ତଙ୍କୁ ଏକ ଆନନ୍ଦଦାୟକ ଦୀପାବଳି ଏବଂ ଅତ୍ୟନ୍ତ ସମୃଦ୍ଧିଶୀଳ ସମ୍ବତ ୨୦୮୩ କାମନା କରୁଛୁ।

ବିଶ୍ୱ ମଂଚରେ ଆଇଟିଏଲ୍‌ର ଉପସ୍ଥିତିକୁ ମିଳିଲା ନୂଆ ସ୍ୱୀକୃତି



ଭୁବନେଶ୍ୱର, ୭।୧୧ (ନି.ପ୍ର) : ଇଂଟରନ୍ୟାସନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ)ର ପରିଚାଳନା ନିର୍ଦ୍ଦେଶକ ଡଃ ଦୀପକ ମିତଲଙ୍କୁ ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା। ଗତ ୨୭ ଅକ୍ଟୋବର ୨୦୨୬ରେ ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ଲିଚ୍‌ଟାନ୍‌ଷ୍ଟିନର କ୍ରାଉନ୍ ପ୍ରିନ୍ସ, ଏଚ୍.ଏସ୍.ଏଚ୍. ହେରିଡିଟାରୀ ପ୍ରିନ୍ସ ଆଲୋଇସ୍‌ଙ୍କ ସମ୍ମାନରେ ଆୟୋଜିତ ଏକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଏହି ନିମନ୍ତ୍ରଣ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅବସର ଏହି ଘରୋଇ ଟ୍ରାକ୍ଟର ନିର୍ମାତା କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା ଏବଂ ଭାରତର ବିକାଶ ଯାତ୍ରାରେ ଆଇଟିଏଲର ବର୍ଦ୍ଧିତ ବିଶ୍ୱସ୍ତରୀୟ ସ୍ଥିତିକୁ ପ୍ରତିଫଳନ କରିଥିଲା। ଇଏଫଟିଏ ଟ୍ରେଡ ଆଣ୍ଡ ଇକୋନୋମିକ ପାର୍ଟନରସିପ ଆଗ୍ରିମେଂଟ (ଟିଇପିଏ) ଅଧିନରେ ଦ୍ୱିପାକ୍ଷିକ ଓ ଅର୍ଥନୈତିକ ସହଯୋଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶୀର୍ଷ ୟୁରୋପୀୟ ଶିଳ୍ପପତିଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ସହ ଏଚ.ଏସ.ଏଚ କ୍ରାଉନ ପ୍ରିନ୍ସ ଆଲୋଇସ୍‌ଙ୍କ ଏହି ଭାରତ ଗସ୍ତ ଭାରତ ଓ ଲିଚ୍‌ଟାନ୍‌ଷ୍ଟିନ ମଧ୍ୟରେ ଦ୍ରୁତ ବେଗରେ ମଜଭୁତ ହେଉଥିବା ଦ୍ୱିପାକ୍ଷିକ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ସୂଚିତ କରୁଛି।

ଏସମ୍ପର୍କରେ ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡଃ ଦୀପକ ମିତଲ କହିଛନ୍ତି, 'ଆନ୍ତର୍ଜାତୀୟ ମଂଚରେ ଭାରତର ବର୍ଦ୍ଧିତ ସକ୍ରିୟତା ଓ ପ୍ରତିଷ୍ଠାକୁ ପ୍ରତିଫଳିତ କରୁଥିବା ଏଭଳି ଏକ କାର୍ଯ୍ୟକ୍ରମର ଅଂଶ ହେବା ଏକ ଗୌରବର ବିଷୟ। ଲିଚ୍‌ଟାନ୍‌ଷ୍ଟିନର କ୍ରାଉନ୍ ପ୍ରିନ୍ସ ଆଲୋଇସ୍‌ଙ୍କ ସମ୍ମାନରେ ଆୟୋଜିତ ମଧ୍ୟାହ୍ନ ଭୋଜନରେ ଯୋଗ ଦେବା ପାଇଁ ମୋତେ ନିମନ୍ତ୍ରଣ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଏହି ଆଲୋଚନା ଆଇଟିଏଲ ଭଳି ଭାରତୀୟ ଘରୋଇ କମ୍ପାନୀଗୁଡିକର ବିଶ୍ୱସ୍ତରୀୟ ସ୍ଥିତିକୁ ରେଖାଙ୍କିତ କରିଛି, ଯେଉଁଠାରେ ଭାରତରୁ ରପ୍ତାନି ହେଉଥିବା ପ୍ରତି ୩ଟି ଟ୍ରାକ୍ଟର ମଧ୍ୟରୁ ଗୋଟିଏ ସୋନାଲିକା କିମ୍ବା ସୋଲିସ୍ ବ୍ରାଣ୍ଡର ହୋଇଥାଏ।'

ପଟିଆ ଜେଡ୍ ଇଷ୍ଟେଟ୍ ଟାୱାରରେ ଟ୍ରେଣ୍ଡସ୍‌ର ନୂଆ ଅବତାର


ଭୁବନେଶ୍ୱର, ୭।୧୧ (ନି.ପ୍ର) : ଭାରତର ସର୍ବବୃହତ୍ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଫ୍ୟାଶନ୍ ଷ୍ଟୋର ମଧ୍ୟରୁ ଅନ୍ୟତମ ତଥା ରିଲାଏନ୍ସ ରିଟେଲ୍‌ର ଅଂଶବିଶେଷ, ଟ୍ରେଣ୍ଡସ୍ ପକ୍ଷରୁ ଭୁବନେଶ୍ୱରର ପଟିଆସ୍ଥିତ ଜେଡ୍ ଇଷ୍ଟେଟ୍ ଟାୱାରରେ ନବୀକରଣ ହୋଇଥିବା ଷ୍ଟୋରର ପୁନଃଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଲୋକପ୍ରିୟ ଓଡ଼ିଆ ଅଭିନେତ୍ରୀ ଭୂମିକା ଦାଶ ଉପସ୍ଥିତ ରହିଥିଲେ। ଭୂମିକା ଦାଶ ଫିତା କାଟି ନବୀକରଣ ଷ୍ଟୋରର ଶୁଭାରମ୍ଭ କରିବା ସହ ଷ୍ଟୋର ପରିସର ବୁଲି ଦେଖିଥିଲେ। ଏହି ସମୟରେ ସେ ମହିଳା, ପୁରୁଷ ଓ ଶିଶୁଙ୍କ ପୋଷାକ ସମେତ ବିଭିନ୍ନ ଫ୍ୟାଶନ୍ ସାମଗ୍ରୀର ନୂତନ କଲେକ୍ସନମାନ ଦେଖିଥିଲେ।



ତାଙ୍କ ଉପସ୍ଥିତି ଏହି ଉତ୍ସବକୁ ଆହୁରି ଆକର୍ଷଣୀୟ ଓ ଉତ୍ସବମୁଖର କରିଥିଲା। ନବୀକରଣ ପରେ ଷ୍ଟୋରର ନୂଆ ରୂପ, ଆଧୁନିକ ସାଜସଜ୍ଜା ଏବଂ ବିଭିନ୍ନ ପ୍ରକାରର ଫ୍ୟାଶନ୍ ସାମଗ୍ରୀ ତାଙ୍କୁ ଆକର୍ଷିତ କରିଥିଲା। ଜେଡ୍ ଇଷ୍ଟେଟ୍ ଟାୱାର, ପଟିଆସ୍ଥିତ ନବୀକରଣ ହୋଇଥିବା ଟ୍ରେଣ୍ଡସ୍ ଷ୍ଟୋରରେ ଗ୍ରାହକମାନେ ଏବେ ଅଧିକ ଆକର୍ଷଣୀୟ ପରିବେଶ, ଆଧୁନିକ ଡିଜାଇନ୍ ଏବଂ ସୁଲଭ ମୂଲ୍ୟରେ ଉତ୍ତମ ଗୁଣବତ୍ତାଯୁକ୍ତ ଫ୍ୟାଶନ୍ ସାମଗ୍ରୀ ପାଇବାର ସୁବିଧା ପାଇପାରିବେ। ଏହି ନବୀକରଣ ମାଧ୍ୟମରେ ଟ୍ରେଣ୍ଡସ୍ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ନୂତନ ଫ୍ୟାଶନ୍‌କୁ ଆହୁରି ନିକଟତର କରିବା ସହ ଏକ ଉନ୍ନତ ସପିଂ ଅନୁଭୂତି ପ୍ରଦାନ କରିବାକୁ ପ୍ରୟାସ କରିଛି। ଏହି ପୁନଃଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ମଧ୍ୟ ରହିଛି। ୩,୪୯୯ ଟଙ୍କାର ସାମଗ୍ରୀ କିଣିଲେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇବାର ସୁଯୋଗ ରହିଛି। ଏଥିସହ ୩,୪୯୯ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର ସପିଂ ଉପରେ ଗ୍ରାହକମାନେ ସମ୍ପୂର୍ଣ୍ଣ ମାଗଣାରେ ୧,୫୦୦ ଟଙ୍କା ମୂଲ୍ୟର କୁପନ୍ ମଧ୍ୟ ପାଇପାରିବେ।

ନୂଆ ଗାଡ଼ି କିଣିବା ଏବଂ ରୋଡ୍ ଟ୍ରିପ୍‌କୁ ନଜରରେ ରଖି ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପକ୍ଷରୁ ମୋଟର ବୀମା ଚୟନ କରିବାର ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୭।୧୧ (ନି.ପ୍ର) : ପାର୍ବଣ ଋତୁ ହେଉଛି କାର୍ କିମ୍ବା ଦୁଇଚକିଆ ଯାନ କିଣିବା ସହ ନୂତନ କାର୍ଯ୍ୟ ଆରମ୍ଭ କରିବାର ଏକ ଶୁଭ ସମୟ। ଅନେକ ଗ୍ରାହକଙ୍କ ପାଇଁ ନୂଆ ଗାଡ଼ିଟିଏ ଘରକୁ ଆଣିବା ଏକ ବଡ଼ ସଫଳତା। ସଠିକ୍ ମୋଡେଲ, ଫିଚର ଏବଂ ଫାଇନାନ୍ସିଂ ଚୟନ କରିବା ଗାଡ଼ି କିଣିବାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବା ବେଳେ, ଅପ୍ରତ୍ୟାଶିତ ବିପଦରୁ ଗାଡ଼ିକୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ମୋଟର ବୀମା ଚୟନ କରିବା ମଧ୍ୟ ସେତିକି ଜରୁରୀ। ମୋଟର ବୀମା ଚୟନ କେବଳ ଆଇନଗତ ଆବଶ୍ୟକତା ପୂରଣ କରିବା ପାଇଁ ନୁହେଁ। ଉପଲବ୍ଧ କଭରେଜ୍, ଆଡ୍-ଅନ୍ କଭର୍ ଏବଂ ପଲିସିର ସର୍ତ୍ତାବଳୀକୁ ଭଲଭାବେ ବୁଝିବା ଦ୍ୱାରା ଗ୍ରାହକମାନେ ସେମାନଙ୍କ ଗାଡ଼ି, ଗାଡ଼ି ଚଳାଇବାର ଶୈଳୀ ଏବଂ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ସଠିକ୍ ସୁରକ୍ଷା ବାଛିପାରିବେ। ଏହାକୁ ଧ୍ୟାନରେ ରଖି, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପାର୍ବଣ ଯାତ୍ରା ଆରମ୍ଭ କରିବା ପୂର୍ବରୁ କାର୍ ମାଲିକମାନଙ୍କ ପାଇଁ କିଛି ଜରୁରୀ ମୋଟର ବୀମା ଯାଞ୍ଚ ସମ୍ପର୍କରେ ଆଲୋକପାତ କରୁଛି: ଆପଣଙ୍କ ବୀମାରେ ଆଡ୍-ଅନ୍ କଭର୍: ରୋଡ୍ ଟ୍ରିପ୍ ସମୟରେ ଦୀର୍ଘ ଦୂରତା ଏବଂ ବିଭିନ୍ନ ପରିସ୍ଥିତିରେ ଗାଡ଼ି ଚଳାଇବାକୁ ପଡ଼ିଥାଏ, ଯାହା ପାଇଁ ଆଡ୍-ଅନ୍ କଭର୍ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ରୋଡସାଇଡ୍ ଆସିଷ୍ଟାନ୍ସ, ଜିରୋ ଡେପ୍ରିସିଏସନ୍, କନ୍‌ଜ୍ୟୁମେବୁଲ୍ସ, କି' କଭର୍ ଏବଂ ଇଞ୍ଜିନ୍ ପ୍ରୋଟେକ୍ସନ୍ ଭଳି ବିକଳ୍ପଗୁଡ଼ିକୁ ପରଖିବାର ଆବଶ୍ୟକତା ରହିଛି। ବୀମା ପରିସରରୁ ବାଦ ପଡୁଥିବା, ଡିଡକ୍ଟେବଲ୍ସ ଏବଂ କ୍ଲେମ୍ ସର୍ତ୍ତାବଳୀଗୁଡ଼ିକୁ ଜାଣନ୍ତୁ: ବୀମା ସୁରକ୍ଷା ପଲିସିର ନିୟମ ଓ ସର୍ତ୍ତାବଳୀ ଅଧୀନରେ ଥାଏ। ରୋଡ୍ ଟ୍ରିପ୍‌ରେ ଯିବା ପୂର୍ବରୁ ଆପଣଙ୍କ ମୋଟର ବୀମା



କେଉଁ ସବୁ କ୍ଷେତ୍ରକୁ କଭର୍ କରୁଛି, କେଉଁଗୁଡ଼ିକ ଏଥିରୁ ବାଦ୍ ପଡ଼ିଛି ଏବଂ କ୍ଲେମ୍ ପାଇଁ କ'ଣ ଆବଶ୍ୟକ, ତାହା ଯାଞ୍ଚ କରନ୍ତୁ। ଏହା ଦ୍ୱାରା କ୍ଲେମ୍ କରିବା ସମୟରେ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ। ବ୍ୟବହାର-ଆଧାରିତ ବୀମା ବିକଳ୍ପ ଆପଣାନ୍ତୁ: ଯେପରିକି 'ପେ' ଆଜ୍ ୟୁ ଡ୍ରାଇଭ୍' (ପିଏୱାଇଡ଼ି), ଏହି ପଲିସିରେ କିଲୋମିଟର କିମ୍ବା ଗାଡ଼ିର ଆକଳିତ ବ୍ୟବହାର ଅନୁଯାୟୀ ପ୍ରିମିୟମ୍ ନିର୍ଦ୍ଧାରିତ ହୋଇଥାଏ, ସେହିପରି 'ପେ' ହାଓ ୟୁ ଡ୍ରାଇଭ୍' (ପିଏଚୱାଇଡ଼ି) ରେ ଗାଡ଼ି ଚଳାଇବାର ଶୈଳୀ ଅନୁସାରେ ପ୍ରିମିୟମ୍ ସ୍ଥିର ହୋଇଥାଏ। ଏକ ଯୋଜନା ବାଛିବା ପୂର୍ବରୁ ଗ୍ରାହକମାନେ ସେମାନଙ୍କର ଆଶାକରାଯାଉଥିବା କିଲୋମିଟର ଏବଂ ବ୍ୟବହାରର ସୀମା ଯାଞ୍ଚ କରିବା ଉଚିତ୍। ଜରୁରୀକାଳୀନ ଏବଂ ରୋଡସାଇଡ୍ ଆସିଷ୍ଟାନ୍ସ ବିବରଣୀକୁ ଧ୍ୟାନରେ ରଖନ୍ତୁ: ହାଇୱେ କିମ୍ବା ଘରଠାରୁ ଦୂରରେ ଯାତ୍ରା କରୁଥିବା ସମୟରେ ଗାଡ଼ି ଖରାପ ହେବା କିମ୍ବା ଦୁର୍ଘଟଣା ଘଟିବା ଚିନ୍ତାର ବିଷୟ ହୋଇପାରେ। ଗ୍ରାହକମାନେ ସେମାନଙ୍କ ବୀମା କମ୍ପାନୀର କଷ୍ଟମର୍ କେୟାର୍ ଏବଂ ରୋଡସାଇଡ୍ ଆସିଷ୍ଟାନ୍ସ ନମ୍ବର ସହିତ ଜରୁରୀ ଗାଡ଼ି ଏବଂ ବୀମା କାଗଜପତ୍ର ସାଙ୍ଗରେ ରଖିବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷାକୁ ବୁଝନ୍ତୁ: ବନ୍ୟା, ବାତ୍ୟା, କୁଆପଥର ମାଡ଼ ଏବଂ ଭୂସ୍ଖଳନ ଯୋଗୁଁ ଗାଡ଼ିର ପ୍ରବଳ କ୍ଷତି ହୋଇପାରେ। ଗ୍ରାହକମାନେ ସେମାନଙ୍କୁ ସୁହାଇଲା ଭଳି 'କମ୍ପ୍ରିହେନ୍ସିଭ୍ ମୋଟର ଇନସ୍ୟୁରାନ୍ସ' ପଲିସିରେ ପ୍ରାକୃତିକ ବିପର୍ଯ୍ୟୟ କଭରେଜ୍ ଯାଞ୍ଚ କରିବା ସହ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପାଇଁ ଇଞ୍ଜିନ୍ ପ୍ରୋଟେକ୍ସନ୍ ଆଡ୍-ଅନ୍ ଜରୁରୀ କି ନୁହେଁ ତାହା ବିଚାର କରିବା ଉଚିତ୍। ବାଧ୍ୟତାମୂଳକ ଥାର୍ଡ-ପାର୍ଟି ବୀମା ବ୍ୟତୀତ ଅନ୍ୟ କର୍ଭ ବିଷୟରେ ଚିନ୍ତା କରନ୍ତୁ: ଥାର୍ଡ-ପାର୍ଟି ବୀମା ଆଇନଗତ ଭାବେ ବାଧ୍ୟତାମୂଳକ, କିନ୍ତୁ ଏହା ନିଜ ଗାଡ଼ିର କ୍ଷତିକୁ କଭର୍ କରେ ନାହିଁ। ଗ୍ରାହକମାନେ 'କମ୍ପ୍ରିହେନ୍ସିଭ୍ ମୋଟର ଇନସ୍ୟୁରାନ୍ସ' ଚୟନ କରିବା ଉଚିତ୍, ଯାହା ଥାର୍ଡ-ପାର୍ଟି ଦାୟିତ୍ୱ ସହିତ ନିଜ ଗାଡ଼ିର କ୍ଷତି, ଦୁର୍ଘଟଣା, ଚୋରି, ନିଆଁ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଆପଣଙ୍କର ଇନସ୍ୱର୍ଡ ଡିକ୍ଲେୟାର୍ଡ ଭାଲ୍ୟୁ (ଆଇଡ଼ିଭି) ଏବଂ ପଲିସି ବିବରଣୀ ଯାଞ୍ଚ କରନ୍ତୁ: ଆଇଡ଼ିଭି ହେଉଛି ମୋଟର ବୀମା ପଲିସିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଗାଡ଼ି ଚୋରି ହେବା କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହେବା କ୍ଷେତ୍ରରେ ଆଇଡ଼ିଭି ଗାଡ଼ିର ବୀମାକୃତ ମୂଲ୍ୟ ନିର୍ଦ୍ଧାରଣ କରେ। ଗ୍ରାହକମାନେ ଆଇଡ଼ିଭି, ଗାଡ଼ିର ବିବରଣୀ ଏବଂ ପଲିସିଧାରୀଙ୍କ ତଥ୍ୟ ସଠିକ୍ ଅଛି କି ନାହିଁ ତାହା ପୁନରୀକ୍ଷଣ କରିବା ଉଚିତ୍। ପାର୍ବଣ ଋତୁରେ ଗାଡ଼ି କିଣିବା ଏବଂ ଯାତ୍ରା କରିବାର ନୂଆ ସୁଯୋଗ ଆସୁଥିବା ବେଳେ, ଗାଡ଼ିର ସୁରକ୍ଷା ପାଇଁ ମୋଟର ବୀମା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆବଶ୍ୟକତା ଅନୁଯାୟୀ ସଠିକ୍ କଭରେଜ୍ ଏବଂ ଆଡ୍-ଅନ୍ ବାଛି ଗ୍ରାହକମାନେ ଏକ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ।

ଭିଏଏମ୍‌ଏଲ୍ ନୂତନ ସିଲେଇ ତାଲିମ କେନ୍ଦ୍ର ଜରିଆରେ କଳାହାଣ୍ଡିରେ ମହିଳା ଜୀବିକା ଅଭିଯାନର ସମ୍ପ୍ରସାରଣ କରିଛି

ଭୁବନେଶ୍ୱର, ୭।୧୧ (ନି.ପ୍ର) : ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭିଏଏମ୍‌ଏଲ୍ ଲାଞ୍ଜିଗଡ଼ ଏହାର ଫ୍ଲାଗସିପ୍ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ପ୍ରକଳ୍ପ 'ସଖୀ' ଅଧୀନରେ କଳାହାଣ୍ଡି ଅନ୍ତର୍ଗତ ଛତ୍ରପୁରର ଭାଟଗୁଡ଼ା ଗ୍ରାମରେ ଏକ ନୂତନ ସିଲେଇ ତାଲିମ କେନ୍ଦ୍ରର ଉଦଘାଟନ କରିଛି। ଏହି କେନ୍ଦ୍ରର ଶୁଭାରମ୍ଭ ସହିତ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ର ୩୦ ଜଣ ମହିଳାଙ୍କୁ ନେଇ ଗଠିତ ତିନୋଟି ବ୍ୟାଚ୍ ବର୍ତ୍ତମାନ ସେମାନଙ୍କର ଦକ୍ଷତା ବୃଦ୍ଧି ଏବଂ ସମ୍ପ୍ରଦାୟର ପ୍ରଗତି ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ତିନି ମାସର ବୃତ୍ତିମୂଳକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ସାମର୍ଥ୍ୟକୁ ସୁଦୃଢ଼ କରିବା, ସେମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ସ୍ୱାଧୀନ ହେବାରେ ସକ୍ଷମ ପାଇଁ ଉଦ୍ଦିଷ୍ଟ। ବ୍ୟବହାରିକ ସିଲେଇ ପ୍ରଶିକ୍ଷଣ ମାଧ୍ୟମରେ, ଅଂଶଗ୍ରହଣକାରୀମାନେ ମୌଳିକ ଆୟ-ସୃଷ୍ଟି କୌଶଳ ଶିଖୁଛନ୍ତି ଯାହା ଘରୋଇ ଦାୟିତ୍ୱ ସହିତ କରାଯାଇପାରିବ, ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ବିକାଶ ପ୍ରୟାସର ନେତୃତ୍ୱ ନେବାର କ୍ଷମତା ବୃଦ୍ଧି କରିବା ସହିତ ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ନିୟମଗିରି ବେଦାନ୍ତ ନଗର କଲୋନୀ, ରେଙ୍ଗୋପାଲି ବନ୍ଧାଗୁଡ଼ା କୋଠଦୁଆର କଲୋନୀ (ଆରବିକେ), ପେଡିଗୁଡ଼ା, ଗୋପୀନାଥପୁର, ବାଟେଲିମା ଏବଂ ନଙ୍ଗଲବେଡା ଗ୍ରାମରେ ୧୨ ରୁ ଅଧିକ ଗାଁର ୨୨୬ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଫଳତାର ସହ ସିଲେଇ ତାଲିମ ସମାପ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ବଜାର ଭିତ୍ତିକ ଦକ୍ଷତା, ଆତ୍ମନିଯୁକ୍ତି ଏବଂ ଅତିରିକ୍ତ ଆୟ ସୃଷ୍ଟି ପାଇଁ ସୁଯୋଗ ପ୍ରଦାନ କରିଛି। ନୂତନ ଉତ୍ସର୍ଗୀକୃତ ସିଲେଇ ତାଲିମ କେନ୍ଦ୍ର ବର୍ତ୍ତମାନ ଅନେକ ଅତିରିକ୍ତ ମହିଳାଙ୍କୁ ଏହି ପଦକ୍ଷେପରୁ ଉପକୃତ କରିବାରେ ସକ୍ଷମ କରିବ। ଏହି



ପଦକ୍ଷେପ ସଂକ୍ରାନ୍ତରେ ବକ୍ତବ୍ୟ ରଖି ଭିଏଏମଏଲ ଲାଞ୍ଜିଗଡ଼ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ମହିଳାମାନେ ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନର ଉତ୍ପ୍ରେରକ, ଏବଂ ସେମାନଙ୍କୁ ଜୀବିକା କୌଶଳ ସହିତ ସଶକ୍ତ କରିବା ସମଗ୍ର ସମ୍ପ୍ରଦାୟ ଉପରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରେ। ସଖୀ ପ୍ରକଳ୍ପ ଜରିଆରେ ଆମେ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ, ଆତ୍ମବିଶ୍ୱାସୀ ଏବଂ ଉଦ୍‌ଯୋଗୀ ହେବାରେ ସକ୍ଷମ କରୁଛୁ। ଏହି ସିଲେଇ ପ୍ରଶିକ୍ଷଣ ପଦକ୍ଷେପ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ସହିତ ଓଡ଼ିଶାର ସମାବେଶୀ ଅଭିବୃଦ୍ଧି ଏବଂ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଆଉ ଏକ ପଦକ୍ଷେପ ।ନିଜର ଅଭିଜ୍ଞତା ବାଣ୍ଟି ଭାଟଗୁଡ଼ା ଗାଁର ଜଣେ ଅଂଶଗ୍ରହଣକାରୀ ଇନ୍ଦ୍ରାଣୀ ସାହୁ କହିଛନ୍ତି, 'ସିଲେଇ ତାଲିମ କାର୍ଯ୍ୟକ୍ରମ ମୋତେ ଏକ ମୂଲ୍ୟବାନ କୌଶଳ ଶିଖିବା ଏବଂ ନିଜର ଏକ ସ୍ୱାଧୀନ ଆୟ ଅର୍ଜନ କରିବାର ସୁଯୋଗ ଦେଇଛି। ଏହା ମୋର ଆତ୍ମବିଶ୍ୱାସ ବୃଦ୍ଧି କରିଛି ଏବଂ ମୋତେ ଆତ୍ମନିର୍ଭରଶୀଳ ହେବାକୁ ପ୍ରେରଣା ଦେଇଛି। ମହିଳା ସଶକ୍ତିକରଣକୁ ସମର୍ଥନ କରିବା ସହିତ ଆମ ପରିବାର ପାଇଁ ଏକ ଉତ୍ତମ ଭବିଷ୍ୟତ ନିର୍ମାଣ କରିବାରେ ସାହାଯ୍ୟ କରିଥିବାରୁ ମୁଁ ଭିଏଏମଏଲ ନିକଟରେ କୃତଜ୍ଞ ।୨୦୧୫ ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ସଖୀ ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ସାମାଜିକ ଅନ୍ତର୍ଭୁକ୍ତିକରଣ, ଆର୍ଥିକ ସାକ୍ଷରତା ଏବଂ କୃଷି ଭିତ୍ତିକ ଜୀବିକା ସମର୍ଥନକୁ ପ୍ରୋତ୍ସାହିତ କରି ମହିଳା ସଶକ୍ତିକରଣ ପାଇଁ ଏକ ପରିବର୍ତ୍ତନଶୀଳ ଆଭିମୁଖ୍ୟ ଗ୍ରହଣ କରିଛି । ଆଜି, ଏହି ପଦକ୍ଷେପ କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ୫୪୦୦ ମହିଳାମାନଙ୍କୁ ସାମିଲ କରିବା ସହିତ ୩୦୦୦ ରୁ ଅଧିକ ଜୀବିକା ଉଦ୍‌ଯୋଗଗୁଡ଼ିକୁ ସହାୟତା ପ୍ରଦାନ କରୁଛି। ଗୋଷ୍ଠୀ କଲ୍ୟାଣ ପ୍ରତି ଏହାର ବ୍ୟାପକ ପ୍ରତିବଦ୍ଧତାର ଅଂଶବିଶେଷ ସ୍ୱରୂପ, ଭିଏଏମ୍‌ଏଲ୍ ଏହାର ପରିଚାଳନା କ୍ଷେତ୍ରରେ ସମାବେଶୀ ଅଭିବୃଦ୍ଧି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟି କରିବା ଜାରି ରଖିଛି।


ଧନତେରସ୍, ଦୀପାବଳି ଓ ଭାଇ ଦୂଜ୍ ପାଇଁ ଆମାଜନ ନାଓରେ ମିନିଟ୍‌କ ମଧ୍ୟରେ ପହଂଚିବ ଉତ୍ସବ ସାମଗ୍ରୀ

ଭୁବନେଶ୍ୱର, ୭।୧୧ (ନି.ପ୍ର) : ପାର୍ବଣ ପ୍ରସ୍ତୁତିକୁ ଅଧିକ ସହଜ କରିବା ପାଇଁ ଆମାଜନ ନାଓ ଭାରତର ୧୨୦ରୁ ଅଧିକ ସହରରେ ମିନିଟ୍‌କ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଘରେ ପହଂଚାଉଛି। ଧନତେରସ ପୂଜା ଓ ଦୀପାବଳି ଉତ୍ସବଠାରୁ ଆରମ୍ଭ କରି ଭାଇ ଦୂଜ୍‌ର ଉପହାର ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଗ୍ରାହକମାନେ ଏହା ମାଧ୍ୟମରେ ଅର୍ଡର କରିପାରିବେ। ଏଥିରେ ମାଟି ଦୀପ, ଡିଜାଇନର ଦୀପ, ଏଲଇଡି ଦୀପ, କପା ସଳିତା, ପୂଜା ତେଲ, ମହମବତୀ, ଝାଡୁ, ଲକ୍ଷ୍ମୀ-ଗଣେଶ ଓ କୁବେର ମୂର୍ତ୍ତି, ତୋରଣ, ଝୋଟି ଓ ରଙ୍ଗୋଲି ସାମଗ୍ରୀ, କାଗଜ ଲଣ୍ଠନ, ମିଠା, ଚକୋଲେଟ୍, ସ୍ନାକ୍ସ, ଉପହାର ପ୍ୟାକେଟ୍, ଶୁଭ-ଲାଭ ଷ୍ଟିକର ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହ ଭାଇ ଦୂଜ୍ ପାଇଁ କଳାବା ଓ ଉପହାର ଉପଲବ୍ଧ ରହିଛି। ଏଥିସହ ଆକ୍ସିସ୍, ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି ଓ ଆରବିଏଲ୍ କ୍ରେଡିଟ୍ କାର୍ଡ ମାଧ୍ୟମରେ ତତ୍କାଳ ବ୍ୟାଙ୍କ ରିହାତି ମଧ୍ୟ ମିଳିପାରିବ। ଅନ୍ୟପକ୍ଷରେ, ଆମାଜନ ଡଟ୍ ଇନ୍‌ରେ ଚାଲିଥିବା ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ୨୦୨୬ ନଭେମ୍ବର ୧୦ ପର୍ଯ୍ୟନ୍ତ ଜାରି ରହିବ। ଏହି ସପିଂ ଉତ୍ସବରେ ଏପର୍ଯ୍ୟନ୍ତ ୩୯୩ କୋଟିରୁ ଅଧିକ ଗ୍ରାହକ ପରିଦର୍ଶନ ରେକର୍ଡ ହୋଇଥିବା ସହ ସପିଂ ପରିମାଣରେ ବାର୍ଷିକ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ଡିଲ୍, ବ୍ୟାଙ୍କ ରିହାତି, କ୍ୟାଶବ୍ୟାକ୍, ଆମାଜନ ପେ' ରିୱାର୍ଡ ଓ ମାଗଣା ପ୍ରାଇମ୍ ଡେଲିଭରି ଆଦି ମାଧ୍ୟମରେ ଗ୍ରାହକମାନେ ୨,୮୦୦ କୋଟି ଟଙ୍କାରୁ ଅଧିକ ସଂଚୟ କରିଛନ୍ତି। ସେହିପରି ଆମାଜନ ନାଓର ଦୈନିକ ଅର୍ଡରରେ ବାର୍ଷିକ ୧୮ ଗୁଣ ବୃଦ୍ଧି ଘଟିଛି, ଯାହା ପାର୍ବଣ ସମୟରେ ଗ୍ରାହକଙ୍କ ସପିଂ ଅଭ୍ୟାସରେ ଏହାର ବଢୁଥିବା ଭୂମିକାକୁ ଦର୍ଶାଉଛି।

ଜିଓ ଆଣିଲା ନୂଆ ତିନି ବର୍ଷିଆ ପ୍ଲାନ୍
୧୦ ହଜାର ଟଙ୍କାର ଗୋଟିଏ ରିଚାର୍ଜ, ତିନି ବର୍ଷ ପର୍ଯ୍ୟନ୍ତ ରିଚାର୍ଜ ଚିନ୍ତାରୁ ମୁକ୍ତି

ମୁମ୍ବାଇ,୭।୧୧ (ନି.ପ୍ର) : ରିଲାଏନ୍ସ ଜିଓ ଗ୍ରାହକଙ୍କ ପାଇଁ ୧୦,୦୦୦ ଟଙ୍କାର ଏକ ନୂଆ ତିନି ବର୍ଷିଆ ଅନଲିମିଟେଡ୍ ପ୍ଲାନ୍ ଆରମ୍ଭ କରିଛି। ଥରେ ରିଚାର୍ଜ କରିବା ପରେ ଗ୍ରାହକଙ୍କୁ ପରବର୍ତ୍ତୀ ତିନି ବର୍ଷ ପର୍ଯ୍ୟନ୍ତ ଆଉ ରିଚାର୍ଜ କରିବାକୁ ପଡ଼ିବ ନାହିଁ। ଏହାକୁ ଟେଲିକମ୍ ଶିଳ୍ପରେ ଏହିଭଳି ପ୍ରଥମ ପ୍ଲାନ୍ ବୋଲି କୁହାଯାଉଛି। ବିଶେଷ କଥା ହେଉଛି, ଗ୍ରାହକମାନେ ତିନି ବର୍ଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ମୂଲ୍ୟରେ ଏହି ପ୍ଲାନ୍ ରେ ଅନ୍ତର୍ଭୁକ୍ତ ସମସ୍ତ ସୁବିଧା ପାଇପାରିବେ।

ଏହି ପ୍ଲାନ୍ ରେ ଅନଲିମିଟେଡ୍ ୫ଜି ଡାଟା, ଅନଲିମିଟେଡ୍ ଭଏସ୍ କଲିଂ, ପ୍ରତିଦିନ ୨.୫ ଜିବି ହାଇସ୍ପିଡ୍ ଡାଟା ଏବଂ ୧୦୦ଟି ଏସ୍‌ଏମ୍‌ଏସ୍‌ର ସୁବିଧା ମିଳିବ। ଏହି ପ୍ଲାନ୍‌ର ବୈଧତା ସମ୍ପୂର୍ଣ୍ଣ ତିନି ବର୍ଷ ରହିବ।



କଲିଂ ଓ ଡାଟା ସୁବିଧା ବ୍ୟତୀତ ଗ୍ରାହକମାନେ ଜିଓହଟଷ୍ଟାର ମୋବାଇଲ୍ ମାଧ୍ୟମରେ ହଲିଉଡ୍ କଣ୍ଟେଣ୍ଟ ଦେଖିବାର ସୁଯୋଗ ପାଇବେ। ଏଥିରେ ଲାଇଭ୍ ସ୍ପୋର୍ଟସ୍, ହଟଷ୍ଟାର ଅରିଜିନାଲ୍ସ ଏବଂ ଅନ୍ୟାନ୍ୟ ମନୋରଂଜନଭିତ୍ତିକ କାର୍ଯ୍ୟକ୍ରମ ରହିଛି। ଏହା ସହିତ ୧୨ ମାସର କାନଭା ପ୍ରୋ ଲାଇଟ୍ ସବସ୍କ୍ରିପସନ୍ ଏବଂ ଫାଇଲ୍, ଫଟୋ ଓ ଡକ୍ୟୁମେଣ୍ଟ୍‌କୁ ସୁରକ୍ଷିତ ରଖିବା ପାଇଁ ଜିଓଏଆଇକ୍ଲାଉଡରେ ୫୦ ଜିବି ମାଗଣା ଷ୍ଟୋରେଜ୍ ସୁବିଧା ମିଳିବ।

ଜିଓର ଏହି ନୂଆ ପ୍ଲାନ୍ ୭ ନଭେମ୍ବର ୨୦୨୬ରୁ ଉପଲବ୍ଧ ହୋଇଛି। ଗ୍ରାହକମାନେ ମାଇଁ ଜିଓ ଆପ୍, ଜିଓର ୱେବସାଇଟ, ଜିଓ ଷ୍ଟୋର୍, ରିଟେଲ୍ ଆଉଟଲେଟ୍ ଏବଂ ଅନ୍ୟାନ୍ୟ ଜିଓ ରିଚାର୍ଜ ମାଧ୍ୟମରେ ଏହି ପ୍ଲାନ୍ ର ଲାଭ ଉଠାଇପାରିବେ।

ଏଲ୍.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ସୁରକ୍ଷିତ ଦୀପାବଳି ପାଳନ ପାଇଁ ଚକ୍ଷୁ ସୁରକ୍ଷା ଅନ୍ତର୍ଗତ ଜରୁରୀ ସତର୍କତାମୂଳକ ପଦକ୍ଷେପ

ଭୁବନେଶ୍ୱର,୭।୧୧ (ନି.ପ୍ର): ଆଲୋକର ପର୍ବ ଦୀପାବଳି ହେଉଛି ଆନନ୍ଦ, ସହଭାଗିତା ଏବଂ ଉତ୍ସବ ପାଳନର ସମୟ। ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ (ଏଲଭିପିଇଆଇ) ପକ୍ଷରୁ ସମସ୍ତଙ୍କୁ ସୁଖ, ସମୃଦ୍ଧି ଏବଂ ସର୍ବୋପରି ସୁରକ୍ଷିତ ଦୀପାବଳିର ହାର୍ଦ୍ଦିକ ଶୁଭେଚ୍ଛା। ଏହି ପର୍ବ ନିଜ ସହିତ ଖୁସି, ଆଲୋକ ଏବଂ ବାଣର ଚମକ ନେଇ ଆସିଥାଏ, ତେଣୁ ନିଜର ଏବଂ ନିଜ ପ୍ରିୟଜନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଦାୟିତ୍ୱବାନ ଭାବେ ଉତ୍ସବ ପାଳନ କରିବା ନିହାତି ଆବଶ୍ୟକ। ଆମେ ସମସ୍ତେ ପର୍ବ ପାଳନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆସନ୍ତୁ ମନେ ରଖିବା ଯେ, ଏକ ପ୍ରକୃତ ଆନନ୍ଦଦାୟକ ଦୀପାବଳି ସେତିକି ବେଳେ ସାର୍ଥକ ହେବ ଯେତେବେଳେ ଆମେ ଆମର ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖିପାରିବା। ଦାୟିତ୍ୱର ସହ ପର୍ବ ପାଳନ କରନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ଦୃଷ୍ଟିଶକ୍ତିର ଅମୂଲ୍ୟ ଉପହାରକୁ ନଷ୍ଟ ନକରି ଏହି ଆଲୋକର ପର୍ବରେ ନିଜ ଜୀବନକୁ ଉଜ୍ଜ୍ୱଳମୟ କରନ୍ତୁ। ବାଣ ଜନିତ ଚକ୍ଷୁ ଆଘାତ ସାଧାରଣ ଆଖି ପୋଡ଼ାଜଳା କିମ୍ବା ଆଖିର ଉପରଭାଗ ଛାଡ଼ିଯିବାଠାରୁ ଆରମ୍ଭ କରି ମାରାତ୍ମକ କ୍ଷତି ପହଞ୍ଚାଇପାରେ; ଯେପରିକି କର୍ଣ୍ଣିଆ (ସ୍ୱଚ୍ଛ ପଟଳ) ନଷ୍ଟ ହେବା, ଆଖି ଭିତରେ ରକ୍ତସ୍ରାବ ହେବା, ଆଘାତଜନିତ ମୋତିଆବିନ୍ଦୁ, ରେଟିନା (ଦୃଷ୍ଟିପଟଳ) ନଷ୍ଟ ହେବା ଏବଂ କ୍ରମାଗତ ଭାବେ ସ୍ଥାୟୀ ଅନ୍ଧତ୍ୱ ମଧ୍ୟ ଦେଖାଦେଇପାରେ। ଶିଶୁମାନେ ସେମାନଙ୍କର କୌତୁହଳ ଏବଂ ସମ୍ଭାବ୍ୟ ବିପଦ ବିଷୟରେ ସୀମିତ ଜ୍ଞାନ ଯୋଗୁଁ ଏହାର ଅଧିକ ଶିକାର ହୋଇଥାନ୍ତି। ଏପରିକି ବାଣ ନଫୁଟାଇ ପାଖରେ ଠିଆ ହୋଇଥିବା ଲୋକମାନେ



ମଧ୍ୟ ଗମ୍ଭୀର ଆଘାତର ସମ୍ମୁଖୀନ ହୋଇପାରନ୍ତି। ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ (ଏଲଭିପିଇଆଇ) ଜନସାଧାରଣଙ୍କୁ ନିଜର, ନିଜ ପରିବାରର ଏବଂ ଆଖପାଖରେ ଥିବା ଲୋକଙ୍କ ସୁରକ୍ଷା ପାଇଁ କିଛି ସରଳ ତଥା ଜରୁରୀ ସତର୍କତାମୂଳକ ପଦକ୍ଷେପ ଆପଣାଇ ଦାୟିତ୍ୱର ସହ ଦୀପାବଳି ପାଳନ କରିବାକୁ ଅନୁରୋଧ କରୁଛି।

ଭୁବନେଶ୍ୱର ସ୍ଥିତ ଏଲଭିପିଇଆଇର ମିଠୁ ତୁଳସୀ ଚାନରାଇ କ୍ୟାମ୍ପସର ଜରୁରୀକାଳୀନ ସେବା ଏବଂ ଚକ୍ଷୁ ଆଘାତ କେନ୍ଦ୍ରର ପ୍ରଭାରୀ ଡାକ୍ତର ଦେବଜ୍ୟୋତି ତ୍ରିପାଠୀ କହିଛନ୍ତି ଯେ, ଆମେ ଦୀପାବଳି ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ, କିଛି ସରଳ ସତର୍କତାମୂଳକ ପଦକ୍ଷେପ ସମସ୍ତଙ୍କ ପାଇଁ ଏହି ଉତ୍ସବକୁ ସୁରକ୍ଷିତ ଏବଂ ଆନନ୍ଦଦାୟକ କରିବାରେ ବହୁତ ସହାୟକ ହେବ। ଆସନ୍ତୁ ଦାୟିତ୍ୱର ସହ ପର୍ବ ପାଳନ କରିବା ଏବଂ ଆମ ପ୍ରିୟଜନଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ତଥା ଦୃଷ୍ଟିଶକ୍ତି ଭଳି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷକୁ ସୁରକ୍ଷିତ ରଖିବା। ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ (ଏଲଭିପିଇଆଇ) ପକ୍ଷରୁ ଏକ ବାର୍ତ୍ତା: ବାଣ ଫୁଟାଇବା ସମୟରେ ମାତ୍ର ମୁହୂର୍ତ୍ତକର ଅସାବଧାନତା ଆମ ଦୃଷ୍ଟିଶକ୍ତି ଉପରେ ସାରା ଜୀବନ ପାଇଁ ଗମ୍ଭୀର ପ୍ରଭାବ ପକାଇପାରେ। ସୁରକ୍ଷିତ ଉପାୟରେ ପର୍ବ ପାଳନ କରି, ପିଲାମାନଙ୍କ ଉପରେ ନଜର ରଖି, ବାଣ ଠାରୁ ସୁରକ୍ଷିତ ଦୂରତା ବଜାୟ ରଖି ଏବଂ ଆଖିର ଆଘାତ ସମୟରେ ସଠିକ୍ ପଦକ୍ଷେପ ଗ୍ରହଣ କରି, ଆମେ ସମସ୍ତଙ୍କ ପାଇଁ ଏହି ଉତ୍ସବକୁ ଆନନ୍ଦଦାୟକ କରିବାରେ ସହାୟକ ହୋଇପାରିବା।

ଏଲଭିପିଇଆଇ ଜନସାଧାରଣଙ୍କୁ ଦୀପାବଳି ଉତ୍ସବର ଏକ ଜରୁରୀ ଅଂଶ ଭାବେ ଚକ୍ଷୁ ସୁରକ୍ଷାକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରୁଛି। ଆସନ୍ତୁ ଦୃଷ୍ଟିଶକ୍ତିର ଅମୂଲ୍ୟ ଉପହାରକୁ ନଷ୍ଟ ନକରି ଏହି ଆଲୋକର ପର୍ବ ପାଳନ କରିବା। ଏହି ଦୀପାବଳିରେ, ଦାୟିତ୍ୱର ସହ ପର୍ବ ପାଳନ କରନ୍ତୁ ଏବଂ ନିଜ ଆଖିକୁ ସୁରକ୍ଷିତ ରଖନ୍ତୁ। ଆପଣ ସମସ୍ତଙ୍କୁ ଏକ ଆନନ୍ଦଦାୟକ ଏବଂ ସୁରକ୍ଷିତ ଦୀପାବଳିର ହାର୍ଦ୍ଦିକ ଶୁଭେଚ୍ଛା।



କରାଟେ-ଡୋ ଆସୋସିଏସନ୍‌ର ଧାରଣ ପରିଷଦ ବୈଠକ

ପାରାଦୀପ, ୭।୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା କରାଟେ-ଡୋ ଆସୋସିଏସନ୍ ର ସାଧାରଣ ପରିଷଦ ବୈଠକ ପାରାଦୀପ ମଧୁବନ ଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସୋସିଏସନର ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ପବ୍ଲିକ ସଂଜୟ କୁମାର ମିଶ୍ର ପୌରହିତ୍ୟ କରି ଶାରୀରିକ ସୁସ୍ଥ ରଖିବା ସହ ସୁରକ୍ଷା ଦିଗରେ ବେଶ ଲାଭ ଦାୟକ ହେବ ବୋଲି କହିଥିଲେ । ଜିଲ୍ଲାରେ କରାଟେ କୁ ବ୍ୟାପକ ଲୋକାଭିମୁଖୀ କରିବା ପାଇଁ ବୈଠକରେ ଯୋଗ ଦେଇଥିବା ବରିଷ୍ଠ କରାଟେ ପ୍ରଶିକ୍ଷକ ମାନେ ମତ ଦେଇଥିଲେ । ଆସୋସିଏସନ୍ ପଂଜୀକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ଭାବେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ବରିଷ୍ଠ କ୍ରୀଡାବିତ୍ ଧ୍ରୁନଚନ୍ଦ୍ର ତରାଇ, ସଭାପତି ଡ.ବିଭୂପ୍ରସାଦ ତରାଇ, ସାଧାରଣ ସମ୍ପାଦକ ସିହାନ ସଂଜୟ ଶାହା, ଟେକନିକାଲ ଡାଇରେକ୍ଟର କାହ୍ନୁ ମଲିକ, କୋଷାଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାସ ଙ୍କ ସମେତ ଉପସଭାପତି, ସହ ସମ୍ପାଦକ ଆଦି ପାଇଁ କର୍ମକର୍ତା ମନୋନୟନ କରାଯାଇଥିଲା । ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ପବ୍ଲିକ ସଂଜୟ କୁମାର ମିଶ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ କରାଟେ ପ୍ରଶିକ୍ଷକମାନେ ଏହି ବୈଠକରେ ଯୋଗ ଦେଇଥିଲେ ।



ଗଞ୍ଜାମ କଲୋଣିରେ ଜନଶୁଣାଣି ଶିବିର : ୱାର୍ଡବାସୀଙ୍କ ଅଭିଯୋଗର ସମାଧାନ ପ୍ରତିଶ୍ରୁତି ଦେଲେ ଉପଜିଲ୍ଲାପାଳ

କୋରାପୁଟ, ୭।୧୧ (ନି.ପ୍ର): ସୁନାବେଡା ଗଞ୍ଜାମ କଲୋଣି ୱାର୍ଡ ରେ ଜନଶୁନାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୁନିସିପାଲଟି ଦ୍ୱାରା ଆୟୋଜିତ ଜନଶୁନଣୀ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଫାବି ରସିଦ ୱାର୍ଡବାସିଙ୍କ ଅଭିଯୋଗ ଶୁଣିଥିଲେ ।ଆୟୋଜିତ ଜନଶୁଣାଣି ସମୟରେ ସ୍ୱଚ୍ଛତା ବ୍ୟବସ୍ଥାର ଅବନତି ଏବଂ ପୌରପାଳିକା କାର୍ଯ୍ୟରେ ଅବହେଳାକୁ ନେଇ ତୀବ୍ର ଜନଅସନ୍ତୋଷକୁ ନେଇ ଅଭିଯୋଗ କରିଥିବା ଦେଖାଦେଇଥିଲା । କୋରାପୁଟ ଉପ-ଜିଲ୍ଲାପାଳ ଫାବି ରସିଦ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡ ବାସିନ୍ଦାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପୌରପାଳିକା ବିରୋଧରେ ଦୀର୍ଘଦିନ ଧରି ଜମି ରହିଥିବା ନିଜର ଅଭିଯୋଗଗୁଡ଼ିକୁ ଉପସ୍ଥାପନ କରିଥିଲେ ଏବଂ ମୌଳିକ ସ୍ୱଚ୍ଛତା ବଜାୟ ରଖିବାରେ ସଂସ୍ଥାଟି ବିଫଳ ହୋଇଥିବା ସହ ସହରର ଅନେକ ଅଞ୍ଚଳରେ ଉପଯୁକ୍ତ ସ୍ୱଚ୍ଛତା ବ୍ୟବସ୍ଥା ନଥିବା ନେଇ ଅଭିଯୋଗ କରିଥିଲେ । ସୂଚନାଯାୟି, ନାଗରିକମାନେ ଯେପରି ପ୍ରଶାସନ ନିକଟରେ ସିଧାସଳଖ ନିଜର ସମସ୍ୟା ଉପସ୍ଥାପନ କରିପାରିବେ, ସେଥିପାଇଁ ଏହି ଜନଶୁଣାଣିର ଆୟୋଜନ କରାଯାଇଥିଲା । ତେବେ, ଏହା ଶୀଘ୍ର ପୌରପାଳିକାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଏକ ପ୍ରକାର ସମୀକ୍ଷା କିମ୍ବା 'ଜନମତ ପରୀକ୍ଷା'ରେ ପରିଣତ ହୋଇଯାଇଥିଲା । ସହରର ୧ ରୁ ୫ ନମ୍ବର ୱାର୍ଡରୁ ଆସିଥିବା ବାସିନ୍ଦାମାନେ ଅଭିଯୋଗ ଉପସ୍ଥାପନା କରିଥିଲେ ! ମୁଖ୍ୟତଃ ନିୟମିତ ଭାବେ ଆବର୍ଜନା ସଂଗ୍ରହ କରାଯାଉନାହିଁ, ଡ୍ରେନଗୁଡ଼ିକ ବନ୍ଦ ହୋଇପଡିରହିଛି , ପରିମଳରେ ବ୍ୟବହାର ସମଗ୍ରୀକୁ ଠିକଭାବରେ ଉପଯୋଗ କରାଯାଉନାହିଁ,ଏବଂ ସାର୍ବଜନୀନ ଶୌଚାଳୟ



ଗୁଡ଼ିକ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ଏହି ଶୁଣାଣି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ଯେ, ପୌରପାଳିକା ଟିକସ ଏବଂ ବିଭିନ୍ନ ସେବା ଶୁଳ୍କ ଆଦାୟ କରୁଥିଲେ ମଧ, ଅନେକ ୱାର୍ଡରେ ସ୍ୱଚ୍ଛତା କାର୍ଯ୍ୟ ଠିକ୍ ଭାବରେ କରାଯାଉନାହିଁ କିମ୍ବା ସମ୍ପୂର୍ଣ୍ଣ ଅବହେଳା କରାଯାଉଛି ।ସୂତ୍ର ଅନୁଯାୟୀ, ସୁନାବେଡ଼ାରେ ସ୍ୱଚ୍ଛତା ସେବା ଆଂଶିକ ଭାବେ ଘରୋଇକରଣ କରାଯାଇଛି, ଯେଉଁଠାରେ କିଛି ଅଞ୍ଚଳରେ ଘରୋଇ ସଂସ୍ଥା କାମ କରୁଥିବା ବେଳେ ଅନ୍ୟ ଅଞ୍ଚଳଗୁଡ଼ିକ ପୌରପାଳିକାର ନିଜସ୍ୱ ସଫେଇ କର୍ମଚାରୀଙ୍କ ଉପରେ ନିର୍ଭର କରନ୍ତି । ପରିମଳ ବ୍ୟବସ୍ଥାକୁ ନେଇ ୱାର୍ଡନମ୍ବର ୪ ରୁ କିଛି ବାସିନ୍ଦା ଲିଖିତ ଅଭିଯୋଗ କରିଛନ୍ତି ଯେ, ପରିମଳ ବ୍ୟବସ୍ଥା ୱାର୍ଡରେ ଠିକ ଭାବରେ ଦୀର୍ଘ ଦିନ ହେଲା କାର୍ଯକାରି ହେଉ ନାହିଁ । ୱାର୍ଡରେ ଆବର୍ଜନା ଠିକ ସମୟରେ ଉଠା ଯାଉନାହିଁ, ବ୍ଲିଚିଂ ପଚାସଢା ସ୍ଥାନରେ ପକା ଯାଉନାହିଁ. ମଶାଧୂଆଁକୁ ବ୍ୟବହାର କରାଯାଉ ନାହିଁ, ଡ୍ରେନ ଗୁଡିକ ସଫା ହେଉ ନାହିଁ ଅନ୍ୟତଃ ପରିମଳରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାରେ ନିୟମଅନୁଯାୟି ୬୭ ଜଣ ଠିକାଶ୍ରମିକ ନେଇ କାମ କରିବା ସ୍ଥାନରେ ମାତ୍ର ୪୦ ଜଣ ଶ୍ରମିକ ରହିଛନ୍ତି, ଶ୍ରମିକମାନଙ୍କୁ ସରକାର ଶ୍ରମ ନିୟମାନୁସାରେ ଦୈନିକ ଶ୍ରମ ମୂଲ୍ୟ ୪୬୨ ଟଙ୍କା ବଦଳରେ ମାତ୍ର ୨୮୦ ଟଙ୍କା ଦିଆଯାଉଛି, ୬୦ ବର୍ଷରୁ ଉର୍ଦ୍ଧ ବୟସ୍କ ଲୋକଙ୍କୁ ୮ ରୁ ୧୦ ଜଣ ଶ୍ରମିକ ଭାବେ ରହିଛନ୍ତି ,ଶ୍ରମିକମାନଙ୍କ ଇପିଏଫ ଜମା ମାତ୍ର ସମୂଦାୟରେ ୩୫ ରୁ ୪୦ ଜଣଙ୍କ କରାଯାଉଛି ଏବଂ ତାହା ମଧ ଠିକ୍ ଭାବରେ ଜମା କରାଯାଉନାହିଁ ଓ ୱାର୍ଡରେ ଆଲୋକୀକରଣ ଅଭାବ, ପାନୀୟ ଜଳର ଅଭାବକୁ ନେଇ ଡିପିକ୍ୟାମ୍ପର ୱାର୍ଡବାସିମାନେ ଅଭିଯୋଗ କରିଥିଲେ । ପୌରପାଳିକାର ନିଜସ୍ୱ ରେକର୍ଡଗୁଡ଼ିକ ଘରୋଇ ଠିକାଦାର ଏବଂ ପୌରପାଳିକା ଝାଡୁଦାରଙ୍କ ମିଶ୍ରିତ ବ୍ୟବସ୍ଥା ଉପରେ ନିର୍ଭରଶୀଳତାକୁ ସ୍ୱୀକାର କରେ, ଏକ ବ୍ୟବସ୍ଥା ଯାହା ବାସିନ୍ଦାଙ୍କ ମତରେ ଅସଙ୍ଗତି ଏବଂ ଅବହେଳା ସୃଷ୍ଟି କରେ । ଶୁଣାଣିରେ କ୍ରୋଧ ଏକ ବ୍ୟାପକ ହତାଶାକୁ ପ୍ରତିଫଳିତ କରେ ଯେ ଏକ ପୌରପାଳିକା ହେବା ସତ୍ତ୍ୱେ, ସୁନାବେଡ଼ା ସବୁଠାରୁ ମୌଳିକ ନାଗରିକ ସେବା ମଧ୍ୟରୁ ଗୋଟିଏ ପ୍ରଦାନ କରିବାରେ ପଛୁଆ ରହିଛି: ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ । ଅଭିଯୋଗ ଶୁନାଣିରେ ୩୪ ଅଭିଯୋଗ ହୋଇଥିଲା , ସେଥିରେ ପ୍ରାୟ ରାସନ କାର୍ଡ , ବାର୍ଦ୍ଧକ୍ୟ ଭାତା ସହ ପରିମଳ ସଫେଇ ଉପରେ ଅଭିଯୋଗ ଶୁନାଣି ହୋଇଥିଲା । ସବ-କଲେକ୍ଟର ଅଭିଯୋଗ ଶୁଣିଥିବା ଏବଂ ବାସିନ୍ଦାଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡିଛି ଯେ ପ୍ରଶାସନ ଉଠାଯାଇଥିବା ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକ ଉପରେ ବିଚାର କରିବ । ତଥାପି, ଜନଶୁଣାଣି ଅସନ୍ତୋଷର ଗଭୀରତାକୁ ପ୍ରକାଶ କରିବା ସହିତ, ଏବେ ପୌର ପ୍ରଶାସନର ଦାୟିତ୍ୱ ପ୍ରତିଶ୍ରୁତିରୁ ଆଗକୁ ବଢ଼ି ସ୍ପଷ୍ଟ ଉନ୍ନତି ଆଣିବା । ବାସିନ୍ଦାମାନେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ଭୁଲ ପରିମଳ ଠିକାଦାରଙ୍କ ବିରୁଦ୍ଧରେ ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ପରିମଳରେ ଏକ ଦୃଶ୍ୟମାନ, ୱାର୍ଡ-ସ୍ତରୀୟ ତୁରନ୍ତ ସମାଧାନ କରାଯିବାର ଉନ୍ନତି ଆଶା କରନ୍ତି । ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱ ସଫା ରାସ୍ତା ଏବଂ ଏକ ପ୍ରତିକ୍ରିୟାଶୀଳ ନାଗରିକ ସଂସ୍ଥାରେ ପରିଣତ ହେବ କି ନାହିଁ ତାହା ଦେଖିବାକୁ ବାକି ଅଛି, କିନ୍ତୁ ଜନଶୁଣାଣି ନିସନ୍ଦେହରେ ସୁନାବେଡାର ପରିମଳ ସଙ୍କଟକୁ ପ୍ରଶାସନର ରାଡାରରେ ରଖିଥିବା ଜଣାଯାଇଛି ।

ବାଣ ଜବବାଣ ଜବତ, ଜଣେ ଅଟକ

ବଲାଙ୍ଗୀ, ୭।୧୧ (ନି.ପ୍ର): ଗୁରୁବାର ରାତିରେ ବଲାଙ୍ଗୀ ପୋଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ଡେରିକି ଗ୍ରାମରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି । ଏନେଇ ଥାନାରେ ପୋଲିସ ପକ୍ଷରୁ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ସୂଚନା ମୁତାବକ ଗତକାଲି ରାତିରେ ଡେରିକି ଗ୍ରାମର ଶତ୍ରୁଘ୍ନ କୁଣ୍ଡୁ ନାମକ ଜଣେ ବୃଦ୍ଧ ବ୍ୟକ୍ତି ବେଆଇନ ଭାବେ ଘରେ ବାଣ ରଖିଥିବା ନେଇ ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ଥାନା ଏ ଏସ ଆଇ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ଶତ୍ରୁଘ୍ନ ନିକଟରୁ ବିପୁଳ ପରିମାଣର ବିଭିନ୍ନ ବାଣ ଜବତ କରିଥିଲେ ।

ବରିଷ୍ଠ ନାଗରିକଙ୍କ ଭଲମନ୍ଦ ଖବର ପଚାରି ବୁଝିଲେ ମେୟର ସୁବାସ ସିଂହ

କଟକ, ୭।୧୧ (ନି.ପ୍ର): ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ, ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଏବଂ ସେମାନଙ୍କ ସହ ଆତ୍ମୀୟତାର ସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହଙ୍କ ପକ୍ଷରୁ ଜାରି ରହିଛି ଏକ ନିଆରା ମାନବୀୟ ପ୍ରୟାସ 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମେୟର ଶ୍ରୀ ସୁବାସ ସିଂହ ଆଜି କଟକର ଜଣେ ବରିଷ୍ଠ ତଥା ପରିଚିତ ବ୍ୟକ୍ତିତ୍ୱ, ଦକ୍ଷ ପୋଲିସ ପ୍ରଶାସକ ଓ କ୍ରୀଡ଼ା ସଂଗଠକ ଶ୍ରୀ ଭକ୍ତ ବଲ୍ଲଭ ଦାସ (ଗଟୁ ଭାଇ)ଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ । ୮୦ ବର୍ଷ ବୟସରେ ପଦାର୍ପଣ କରିଥିବା ଶ୍ରୀ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା, ଦୈନନ୍ଦିନ ଜୀବନ ଓ ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମେୟର ଆତ୍ମୀୟତାର ସହ ପଚାରି ବୁଝିଥିଲେ । ଦୀର୍ଘ ପୋଲିସ ସେବା ଜୀବନରେ ନିଜର ଦକ୍ଷତା ଓ ଅଭିଜ୍ଞତା ପାଇଁ ପରିଚିତ ଶ୍ରୀ ଦାସ କଟକରେ ଥାନା ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରି ଏସ୍‌ପି ପଦବୀ ପର୍ଯ୍ୟନ୍ତ ପହଞ୍ଚିଥିଲେ । ୨୦୦୬ ମସିହାରେ ଢେଙ୍କାନାଳରୁ ଆରକ୍ଷୀ ଅଧୀକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । କଟକ ସହରର ପୂଜାପର୍ବାଣୀ, ସାହିଗଣ୍ଡାର ବିବାଦ ଓ ଆଇନଶୃଙ୍ଖଳା ପରିସ୍ଥିତିର ସମାଧାନ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ୧୯୯୧ ମସିହାର ମଦମୃତ୍ୟୁ ଘଟଣା ଓ ବ୍ୟାଙ୍କ ଡକାୟତି ମାମଲାର ଅପରାଧୀଙ୍କୁ ଧରିବା



କ୍ଷେତ୍ରରେ ମଧ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା । ଅବସର ପରେ ମଧ ଶ୍ରୀ ଦାସ ନିଜକୁ କ୍ରୀଡ଼ା ଓ ଶିକ୍ଷାର ବିକାଶରେ ନିୟୋଜିତ ରଖିଛନ୍ତି । ସେ ବର୍ତ୍ତମାନ ଓଡ଼ିଶା ଯୋଗ ଆସୋସିଏସନ୍‌ର ସଭାପତି ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର କୋଷାଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ବିଦ୍ୟାଳୟ ସ୍ତରରେ ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ସହ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବାରେ ତାଙ୍କର ଅବଦାନ ରହିଛି । ଏଥିସହିତ ଟାଙ୍ଗୀଠାରେ ଏକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ମଧ ସେ ନିଜର ଅବଦାନ ଜାରି ରଖିଛନ୍ତି ।ଏହି ସାକ୍ଷାତ ସମୟରେ ମେୟର ଶ୍ରୀ ସୁବାସ ସିଂହ ଶ୍ରୀ ଦାସଙ୍କ ଦୀର୍ଘ ପୋଲିସ ସେବା, କ୍ରୀଡ଼ା ସଂଗଠନ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅବସର ପରେ ମଧ ସମାଜ ପାଇଁ ନିଜର ଅଭିଜ୍ଞତା ଓ ସମୟକୁ ଉପଯୋଗ କରିବା ଏକ ପ୍ରଶଂସନୀୟ ଉଦାହରଣ ବୋଲି ସେ ମତ ପ୍ରକାଶ କରିଥିଲେ । କଟକ ମହାନଗର ନିଗମର ଏହି 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ମେୟର ଶ୍ରୀ ସୁବାସ ସିଂହ ସହରର ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମାଜ ପାଇଁ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସାକ୍ଷାତ କରି ସେମାନଙ୍କ ସୁଖଦୁଃଖ ବୁଝିବା ସହ ସେମାନଙ୍କ ଅନୁଭୂତି ଓ ଜୀବନ ସଂଘର୍ଷକୁ ସମ୍ମାନ ଜଣାଇବାର ପ୍ରୟାସ ଜାରି ରଖିଛନ୍ତି । ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଶ୍ରୀ ଜତିନ୍ ବେହେରା, ଶ୍ରୀ ନିମାଇଁ ବିଶ୍ୱାଳ ଓ ଶ୍ରୀ ଅଶୋକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅବନୀ ବରାଳ ଫାଉଣ୍ଡେସନ ତରଫରୁ ଶ୍ରଦ୍ଧାଞ୍ଜଳି

କଟକ, ୭।୧୧ (ନି.ପ୍ର): ବିଶ୍ୱ ଶିକ୍ଷକ ନେତା, ଓଡ଼ିଶାରେ ଶିକ୍ଷକ ମହା ସଂଘ ର ପ୍ରତିଷ୍ଠାତା,ପୂର୍ବତନ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର ,ସ୍ତମ୍ଭକାର , ଶିକ୍ଷାବିତ୍ ତଥା ଶିକ୍ଷକ କର୍ମଚାରୀ ମାନଙ୍କ ପ୍ରିୟ ନେତା ଅଧାପକ ଅବନୀ ବରାଳ ଙ୍କ ର ୧୩ ତମ ସ୍ମୃତି ସମାରୋହ ଶନିବାର ସକାଳ ୮-୩୦ ସମୟରେ ସତୀ ଚଉରା ଶ୍ମଶାନଘାଟ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସେଠାରେ ଆୟୋଜିତ ସଭାରେ ଏ ଆଇ ଟି ୟୁ ସି ସଂଘ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିନୋଦ ବେହେରା ସଭାପତିତ୍ୱ କରି ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବି ଦେବେନ୍ଦ୍ର ସୂତାର ଶ୍ରଦ୍ଧାଞ୍ଜଳି ଜଣାଇ ବିଶ୍ୱରେ ବୈଜ୍ଞାନିକ ସମାଜବାଦୀ ଶିକ୍ଷା ଓ ରାଜ୍ୟରେ ଶିକ୍ଷା କୁ ସମସ୍ତ ଙ୍କ ପାଇଁ ମାଗଣାରେ ଶିକ୍ଷା କୁ ସାର୍ବଜନୀନ କରିବାକୁ ଲଢେଇ ଜାରି ରଖିଥିଲେ ଏବଂ ମଧ୍ୟାହ୍ନ ଭୋଜନ ଲାଗୁକରିବା, ରାଜ୍ୟରେ ଶିକ୍ଷା ଶିକ୍ଷକ ଛାତ୍ର ଓ ଶିକ୍ଷାନୁଷ୍ଠାନ ର ଉନ୍ନୟନ ରେ ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଅବ୍ୟାହତ ରଖିଥିଲେ ବୋଲି ମନ୍ତବ୍ୟ ଦେଇଥିଲେ । ସିପିଆଇ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ଯୋଗଦେଇ ଅବନୀ ବାବୁ ଙ୍କ ଜୀବନ ବ୍ୟାପି ସଂଗ୍ରାମ ରାଜ୍ୟରେ କଳା, ସଂସ୍କୃତି, ସାହିତ୍ୟ,ଗଳ୍ପ ରଚନା ଓ ନାଟ୍ୟ ପରମ୍ପରା ଜନତା ରଙ୍ଗମଞ୍ଚ ର ପୁନରୁଦ୍ଧାର ପାଇଁ ସେ ଚିରସ୍ମରଣୀୟ ରହିବେ କହି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲା । ଏ ଆଇ ଟି ୟୁ ସି ଜିଲ୍ଲା ସମ୍ପାଦକ ଅଶୋକ ତା ଶିକ୍ଷା କୁ ଘରୋଇ କରଣ ଓ ସରକାରଙ୍କ ଫିକ୍ସିଂ କ୍ୟାପିଂ ନିତୀ କୁ ତୀବ୍ର ବିରୋଧ ଅନୁଦାନ ନିତୀ ପ୍ରଚଳନ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ଜିଆଇ ସି ଆଞ୍ଚଳିକ ସମ୍ପାଦକ ଅକ୍ଷୟ ବେହୁରିଆ, ବ୍ୟାଙ୍କ୍ କର୍ମଚାରୀ ନେତା ଭ୍ରମରବର ସାହୁ, କମ୍ୟୁନିଷ୍ଟ ନେତା ମିହିର ବିଶ୍ୱାଳ, ରାହୁଳ ସେଠୀ,ବିପିନୀ ପାଢ଼ୀ, କୁଞ୍ଜବିହାରୀ ପଣ୍ଡା, ପୂର୍ବତନ ଶିକ୍ଷାଧିକାରୀ ପ୍ରମୁଖ ଯୋଗ ଦେଇ ପ୍ରୟାତ ନେତା ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



କୁଚିଣ୍ଡା,୦୭/୧୧(ନି.ପ୍ର.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ଠାରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ଯାଇଥିଲା, ଯେଉଁଥିରେ ବକ୍ସମା ର କମଳ ମେହେର ଙ୍କ ସଭାପତିତ୍ୱ ଏବଂ ଅଭିନାଶ ବାଘ ଙ୍କ ମିଳିତ ଉଦ୍ୟମ ରେ ନିକଟସ୍ଥ ବଛା ବଛା ଆଠ ଟି ଟିମ କୁ ନେଇ ଖେଳ କରାଯାଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟ ରଶ୍ମିକୁସୁମ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ପ୍ରଶ୍ନ ସାମଲ, କେନ୍ଦ୍ରୀୟ ବିଦ୍ୟାଳୟ ର ପିଇଟି ସୁଜିତ ସାମଲ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ,ଏଥିରେ ପ୍ରଥମ ମ୍ୟାଚ ବକ୍ସମା ଓ ଝାରମୁଣ୍ଡା ମଧ୍ୟ ରେ ୧-୧ ଗୋଲ ରେ ହୋଇଥିଲା ଯାହା ପେଲାଣ୍ଟିକ ମାଧମ ରେ ବକ୍ସମା ବିଜେତା ହୋଇଥିଲା । ସେହିପରି ଫାଇନାଲ ରେ କିଲିପଦର ଓ ଭେଟନାର ଇଲେଭେନ ଙ୍କ ମଧ୍ୟରେ ହୋଇଥିଲା ଯାହା ପେଲାଣ୍ଟିକ ମାଧମ ରେ ଭେଟନାର ଇଲେଭେନ ବିଜେତା ହୋଇଥିଲା ।ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜେତା ଦଳଙ୍କୁ ୫୦୦୦ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳ ଙ୍କୁ ୩୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଦିବସ ରେ ରେଫରି ଶତାବ୍ଦୀ ଜୟପୁରିଆ,ରାଜକୁମାର ମହାପାତ୍ର, ପ୍ରଶାନ୍ତ ମୁଣ୍ଡା ଏବଂ ଧୀରେନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିବା ବେଳେ ସରୋଜ ଠାକୁର,ସୀତାରାମ ପ୍ରଧାନ,ବିକାଶ ପୃସେଠ, ରଞ୍ଜନ ସାଉଁନ୍ତ,ବୁଲୁ ପରିଡା, ସଂଜୀବ ସାହୁ,ସୁମନ୍ତ ବାଘ, ହେମନ୍ତ ଜରଡିଆ,କାର୍ତିକ ସିଂହ, କ୍ଷୀରସାଗର ଜରଡିଆ,ନିର୍ମଳ କିସାନ, ଶିବୁ ବାଘ,କୁରପା ବାଘ,ସୁଦାମ ବାଘ, ମନୀଷ,ସୌଭାଗ୍ୟ ପିଙ୍ଗ, ଏଲିନ ବାଘ,ପ୍ରକାଶ ବାଘ, ଜିତେନ୍ଦ୍ର ନାଏକ,ଟିକେଶ୍ୱର ସାଉଁତ, ଜନ୍ମନ ବୁଡ଼ା,ସହଯୋଗ କରିଥିଲେ ।

ପାରାଦୀପରେ 'ରୋଟାରୀ କନେକ୍ଟ ୩୬୦' କାର୍ଯ୍ୟକ୍ରମ
କୃତ୍ରିମ ବୁଦ୍ଧିମତ୍ତା ଉପରେ ୭୯ ଛାତ୍ରଛାତ୍ରୀଙ୍କୁ ସଚେତନତା

ପାରାଦୀପ,୭/୧୧ (ନି.ପ୍ର): ପାରାଦୀପ ର ରୋଟାରୀ କ୍ଲବ୍ ପକ୍ଷରୁ ସ୍ଥାନୀୟ ଏନ୍?.ଏ.ସି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ରୋଟାରୀ କନେକ୍ଟ ୩୬୦' ନାମକ ଏକ ସାମୂହିକ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଶନିବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦକ୍ଷତା ବିକାଶ ଓ ଏହାର ସୁବିବେଚିତ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ତାଲିମ ଓ ମାର୍ଗଦର୍ଶନ ଦିଆଯାଇଥିଲା । ରୋଟାରୀ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ୩୨୬୨ ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ)ର ମିଳିତ ସହଯୋଗରେ ତଥା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍?.ଏ.ସି ସରକାରୀ ବାଳିକା ଉଚ୍ଚ



ବିଦ୍ୟାଳୟର ଛାତ୍ରୀମାନେ ମଧ ଯୋଗଦେଇଥିଲେ । ମୋଟ ୭୯ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ପ୍ରୟୋଗ, ଏହାର ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଭବିଷ୍ୟତରେ ଏହାର ଗୁରୁତ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ଏହି ଅବସରରେ ପାରାଦୀପ ରୋଟାରୀ କ୍ଲବ୍ ର ସଭାପତି ରୋଟାରିଆନ୍ ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ ରୋଟାରିଆନ୍ କାଳୀ ପ୍ରସାଦ ମିଶ୍ର, ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ଡ.ପ୍ରଶାନ୍ତ ମହାପାତ୍ର, ଅଧାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଦୀପକ ଷଡ଼ଙ୍ଗୀ, ରଣଜିତ ବୋମାଲି, ଡ.ଆଲୋକ ଲେଙ୍କା ଏବଂ ରୋଟାରିଆନ୍ ବିପ୍ଳବ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଓକେସିଏଲ୍?ର ତାଲିମ ସଂଯୋଜକ ଚୌଧୁରୀ ଶ୍ରୀକାନ୍ତ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଛାତ୍ରଛାତ୍ରୀଙ୍କୁ ଏଆଇର ମୌଳିକ ଧାରଣା ଓ ଏହାର ବିଭିନ୍ନ ଆଧୁନିକ ପ୍ରୟୋଗ ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମର ସଫଳତା ଓ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ରୋଟାରୀ କ୍ଲବ୍ ପକ୍ଷରୁ ଆଗାମୀ ଦିନରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ଅନ୍ୟ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ 'ରୋଟାରୀ କନେକ୍ଟ ୩୬୦' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରାଯାଇଛି । ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଶିକ୍ଷା ଓ ଆଧୁନିକ ଜ୍ଞାନକୌଶଳ ସହ ପରିଚିତ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କ୍ଲବ ର ସଭାପତି ଶ୍ରୀ ସୁତାର ସୂଚନା ଦେଇଛନ୍ତି କ୍ଷ ଶିକ୍ଷା, ଡିଜିଟାଲ୍ ସାକ୍ଷରତା ଓ ସାମାଜିକ ବିକାଶ ପ୍ରତି ରୋଟାରୀର ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରିଛି । ଏହା ମାଧ୍ୟମରେ ଯୁବପିଢ଼ିଙ୍କୁ ଏଆଇ ଆଧାରିତ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ନୂତନ ଜ୍ଞାନକୌଶଳର ସୁଯୋଗ ଓ ଆହ୍ୱାନକୁ ସାମ୍ନା କରିବାକୁ ପ୍ରେରଣା ଦିଆଯାଇଛି ।

କାରରୁ ୨୩୦ଟି ଜୀବନ୍ତ କଇଁଚ ଉଦ୍ଧାର : ଦୁଇ ଅଟକ

ପିପିଲି,୭।୧୧ (ନି.ପ୍ର): ପିପିଲି ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ଦେଇ କଲିକତା କୁ ବେଆଇନ ଜୀବନ୍ତ କଇଁଚ ଚାଲାଣ ବେଳେ ପୋଲିସ ହାତରେ ଧରା ପଡିଲେ ଅଭିଯୁକ୍ତ । ସେମାନଙ୍କ ଠାରୁ ୨୩୦ଟି ଜୀବନ୍ତ କଇଁଛ ଉଦ୍ଧାର, ୨ ଚାଲାଣକାରୀ କୁ ଗିରଫ କରିବା ସହ ଏକ କାର କୁ ଜବତ କରି ତଦନ୍ତ ଚଳାଇଛି । ତେବେ ମିଳିଥିବା ସୂଚନା ମୁତାବକ ପିପିଲି ପୋଲିସକୁ ଏକ କାର୍ ?ରେ ବେଆଇନ ଭାବେ କଇଁଛ ଚାଲାଣ ହେଉଥିବା ସମ୍ପର୍କରେ ବିଶେଷ ସୂତ୍ର ରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ପୋଲିସ ତୁରନ୍ତ ଚଢ଼ାଉ କରି ପିପିଲି ଟୋଲ୍ ଗେଟ୍ ନିକଟରେ ଡବ୍ଲୁବି ୩୧ ଏଏ୮୫୩୧ ନମ୍ବର ବିଶିଷ୍ଟ କାରଟିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ଉକ୍ତ କାରରୁ ଜୀବନ୍ତ କଇଁଛ ଉଦ୍ଧାର କରାଯିବା ସହ ଏହି ବେଆଇନ ଚାଲାଣରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଧରିଥିଲା । ଉଦ୍ଧାର କରାଯାଇଥିବା ୨୩୦ଟି ଜୀବନ୍ତ କଇଁଛ ଏବଂ ଚାଲାଣରେ ବ୍ୟବହୃତ କାର୍‌କୁ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।



କାକଟପୁର ବିଜେପିରେ ଗୋଷ୍ଠୀ କନ୍ଦଳ
ପରସ୍ପର ବିରୋଧରେ ଥାନାରେ ଏତଲା : ଦୁଇଟି ମାମଲା ରୁଜୁ

କାକଟପୁର,୭/୧୧ (ନି.ପ୍ର): କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗ ବିଜେପିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ଦେଖିବାକୁ ମିଳିଛି । ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ତିକ୍ତତା ଏବେ ଥାନା ଓ ଆଇନର ଦ୍ୱାରସ୍ଥ ହୋଇଛି । ଗତ ୩ ତାରିଖରେ ଘଟିଥିବା ଦୁଇଟି ପୃଥକ ଘଟଣାକୁ ନେଇ କାକଟପୁର ଥାନାରେ ଅଭିଯୋଗ ହେବା ସହ ଦୁଇଟି ମାମଲା ରୁଜୁ ହୋଇଛି । ଏହାକୁ ନେଇ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ପ୍ରଥମ ଘଟଣାରେ ଅସ୍ତରଙ୍ଗ ଅଞ୍ଚଳର ସାମ୍ବାଦିକ ପର୍ଶୁରାମ ନାୟକଙ୍କ ଅଭିଯୋଗ ଆଧାରରେ ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନାଙ୍କ ନାମରେ କାକଟପୁର ଥାନାରେ କେସ୍ ନଂ ୪୦୭/୨୦୨୬ ରୁଜୁ ହୋଇଛି । ଏତଲା ଅନୁଯାୟୀ, ଗତ ୩ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ମୂଳାଗଡ଼ ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା, ମାଡ଼ ମାରିବା ଏବଂ ପକେଟରୁ ୧୫୦୦ ଟଙ୍କା ଛଡ଼ାଇ ନେବା ଭଳି ଅଭିଯୋଗ ହୋଇଛି । ଏହାକୁ ଆଧାର କରି ବିଏନ୍‌ଏସ୍‌ର ଧାରା ୧୧୫(୨), ୧୨୬(୨), ୨୯୬, ୩୦୩(୨) ଓ ୩୫୧(୨) ଅନୁଯାୟୀ ପୁଲିସ ମାମଲା ରୁଜୁ କରିଛି । ସେହିପରି ଦ୍ୱିତୀୟ ଘଟଣାରେ ସାଂସଦଙ୍କ ପ୍ରତିନିଧି ରାକେଶ ବିଶ୍ୱାଳ (ରିଙ୍କୁ)ଙ୍କ ପକ୍ଷରୁ ମଧ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସୋମେଶ୍ୱର ମନ୍ଦିର ନିକଟରେ ତାଙ୍କୁ ଗାଳିଗୁଲଜ, ମାଡ଼ ଓ ଟଙ୍କା ଛଡ଼ାଇ ନେବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିଲା । ଏହି ଘଟଣାରେ ମଧ ଇନ୍ଦ୍ରମଣି ଜେନାଙ୍କ ନାମ ଅଭିଯୋଗରେ ଉଲ୍ଲେଖ ଥିବା ଜଣାପଡ଼ିଛି । ଏନେଇ କାକଟପୁର ଥାନାରେ କେସ୍ ନଂ ୪୦୮/୨୦୨୬ ରୁଜୁ ହୋଇଥିବା ସୂଚନା ମିଳିଛି । ଏହାକୁ ନେଇ ଘଟଣା ଆହୁରି ଜଟିଳ ହୋଇଥିବାବେଳେ, ଅଭିଯୋଗକାରୀ ପର୍ଶୁରାମ ନାୟକ ପୁନର୍ବାର ଏକ ଏତଲା ଦାଖଲ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ମଣ୍ଡଳ ସଭାପତିଙ୍କ ବିରୋଧରେ ଏତଲା ଦେବା ପରେ ବିଜେପିର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ଓ ସାଂସଦ ପ୍ରତିନିଧି ଦିବାକର ଛାଟୋଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ । ଗୋଟିଏ ପଟେ ଦଳୀୟ ନେତାଙ୍କ ନାମରେ ଆକ୍ରମଣ ଓ ଅର୍ଥ ଛଡ଼ାଇ ନେବା ଭଳି ଅଭିଯୋଗ, ଅନ୍ୟପଟେ ପୁନର୍ବାର ହତ୍ୟା ଧମକ ଅଭିଯୋଗ କାକଟପୁର ଓ ଅସ୍ତରଙ୍ଗ ବିଜେପିର ଆଭ୍ୟନ୍ତରୀଣ ବିବାଦକୁ ସାମ୍ନାକୁ ଆଣିଛି । ଏହି ଘଟଣାକ୍ରମରେ ରିଙ୍କୁଙ୍କ ଲୋକପ୍ରିୟତା ବଢୁଥିବା ନେଇ ମଧ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଏଥିରେ ଅପର ପକ୍ଷର କିଛି ଦଳ ଡିଆଁ ନେତା ରିଙ୍କୁଙ୍କ ଲୋକପ୍ରିୟତାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ତେବେ ଏହି ବିବାଦ ଦଳର ସାଂଗଠନିକ ଏକତାକୁ କେତେଦୂର ପ୍ରଭାବିତ କରିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ । ଅନ୍ୟପକ୍ଷରେ, ଉଭୟ ପକ୍ଷର ଅଭିଯୋଗକୁ ନିରପେକ୍ଷ ଭାବେ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଜିଲ୍ଲାସ୍ତରୀୟ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ



କଟକ, ୭।୧୧ (ନି.ପ୍ର): ରାଜ୍ୟର ପାରମ୍ପରିକ କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ସହ ପ୍ରତିଭାବାନ କଳାକାରମାନଙ୍କୁ ସୁଯୋଗ ଦେବା ନିମନ୍ତେ ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ "ଆମ କଳାକାର" ପୋର୍ଟାଲ ମାଧ୍ୟମରେ ପଞ୍ଜୀକୃତ କଳାକାରମାନଙ୍କୁ ଚୟନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ନେତାଜୀ ସଂସ୍କୃତିଭବନ ଓ ସ୍ୱରାଜ ଆଶ୍ରମଠାରେ ଆମ କଳାକାର ଅନ୍ତର୍ଗତ ଜିଲ୍ଲାସ୍ତରୀୟ କଳାକାର ଚୟନ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଆମ କଳାକାର ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିବା ଜିଲ୍ଲାର ପ୍ରାୟ ୫୭ଟି ଓଡିଶୀ ଡାନ୍ସ ଗ୍ରୁପ ଓ ୫୦ଟି ପାଲା ଅନୁଷ୍ଠାନ ଆଜି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକମଣ୍ଡଳୀ ଦ୍ୱାରା କଳାକାରମାନଙ୍କ ପ୍ରଦର୍ଶନକୁ ମୂଲ୍ୟାୟନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା ସୂଚନା ଦେଇଛନ୍ତି । ଚୟନ ପ୍ରକ୍ରିୟାରେ ମନୋନୀତ ଦଳଗୁଡିକ ଆଗାମୀ ଦିନରେ ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ମହୋତ୍ସବରେ ଭାଗ ନେବାର ସୁଯୋଗ ପାଇବେ ।

ଧାନ ଜମିରେ ମାଛ ଚାଷ ପାଇଁ ଚାଷୀଙ୍କୁ ତାଲିମ

ମାଲକାନଗିରି, ୭/୧୧ (ନି.ପ୍ର) : ଧାନ ଚାଷ ସହ ମାଛ ଚାଷ କରି ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ମାଲକାନଗିରିଠାରେ ଏକ ବୈଷୟିକ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ମତ୍ସ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି, କୋରୁକୋଣ୍ଡା ଓ କାଲିମେଳା ବ୍ଲକର ଚାଷୀ ଓ ହିତାଧିକାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଆନି ପୁନମ୍, ବୈଷୟିକ ଅଧିକାରୀ ଅକ୍ଷୟ କୁମାର ମହାରଣା, ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସ୍ୱୟଂପ୍ରଭା ବଳ, ୱାର୍ଲ୍ଡ ଫିସ୍ ସେଣ୍ଟରର ବିଶେଷଜ୍ଞ ଅମର ଗାୟକୱାଡ଼ ଓ ଭେଙ୍କଟ ନାରାୟଣଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବୀ ପ୍ରସାଦ ଦାସ ଏବଂ ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରଶେଖର ଭୂମିଆ ଉପସ୍ଥିତ ରହି ଚାଷୀଙ୍କୁ ବୈଷୟିକ ପରାମର୍ଶ ଦେଇଥିଲେ । ଧାନ କ୍ଷେତରେ ମାଛ ଚାଷର ଉପକାରିତା, ଜମି ଚୟନ, କ୍ଷେତ ପ୍ରସ୍ତୁତି, ଜଳ ପରିଚାଳନା, ଉପଯୁକ୍ତ ମାଛ ଯାଆଁଳ ଚୟନ, ମାଛଙ୍କ ଖାଦ୍ୟ ଓ ରୋଗ ନିୟନ୍ତ୍ରଣ ଆଦି ବିଷୟରେ ବିଶେଷଜ୍ଞମାନେ ଚାଷୀଙ୍କୁ ବୁଝାଇଥିଲେ । ଗୋଟିଏ ଜମିରେ ଧାନ ସହ ମାଛ ଉତ୍ପାଦନ କରିବା ଦ୍ୱାରା ଚାଷୀମାନେ ଅତିରିକ୍ତ ଆୟ କରିବା ସହ ଜମି ଓ ଜଳର ସଦୁପଯୋଗ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ 'କ୍ଷେତ ବଞ୍ଚାଅ ଅଭିଯାନ' ଓ 'ଜନଜାତୀୟ ଗୌରବ ଦିବସ' ମାଧ୍ୟମରେ ମଧ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସହକାରୀ ମତ୍ସ୍ୟ ଅଧିକାରୀ ଶାଶ୍ୱତ ମହାନ୍ତି ଓ ସୌମେନ୍ଦ୍ର କୁମାର ବେହେରା ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ମତ୍ସ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଏହି ଲାଭଜନକ ସମନ୍ୱିତ ଚାଷ ପ୍ରଣାଳୀକୁ ଆପଣାଇବା ସହ ଅନ୍ୟ ଚାଷୀଙ୍କୁ ମଧ ଏଥିପାଇଁ ଉତ୍ସାହିତ କରିବାକୁ ଆହ୍ୱାନ ଦିଆଯାଇଥିଲା ।



ୟୁଥ ଓ ଇକୋ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୭/୧୧ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୟୁଥ ଓ ଇକୋ କ୍ଲବ ଶାଖା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପଦଯାତ୍ରା ସ୍ଥାନୀୟ ବାଲୁଙ୍କ ?ଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ସହିତ ସ୍ୱଚ୍ଛତା ବଜାୟ ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ । ଏ ଅବସରରେ ୟୁଥ ଓ ଇକୋ କ୍ଲବ ଶାଖାର ଛାତ୍ରଛାତ୍ରୀ ମାନେ ପ୍ରଭୁ ବାଲୁଙ୍କ ?ଶ୍ୱର ଦେବ ମନ୍ଦିର ପରିସରକୁ ସଫେଇ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ତତ୍ତ୍ୱାବଧାନରେ ଏବଂ ଶିକ୍ଷକ ପ୍ରତାପ କୁମାର ବେହେରାଙ୍କ ସଂଯୋଜନାରେ ବିଦ୍ୟାଳୟରୁ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହେବା ସହିତ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀ ଜ୍ୟୋତିକ୍ରିଷ୍ଣା ପଣ୍ଡା, ନିତୁ ଦାସ, ଶିକ୍ଷକ ମନୋଜ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ସିଙ୍ଘାପଡ଼ାରେ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା, ୭/୧୧(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଙ୍ଘାପଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଗତକାଲି ଅପରାହ୍ନରେ ବିଦ୍ୟାଳୟର



ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇଙ୍କପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନାବୋର୍ଡର ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ବିଡିଓ ଅଙ୍କୁରଅଭିଳାଷ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ସ୍ଥାନୀୟ ସରପଞ୍ଚ ସୁନିଲ ପ୍ରଧାନ, କଟକଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲ୍ଲା ପରିଷଦସଦସ୍ୟ ରାମାକାନ୍ତ ସେଠୀ, ଯୁବନେତା ପ୍ରକାଶ ପଣ୍ଡା ପ୍ରମୁଖ ସାମିଲ ହେବା ସହିତ ପାରମ୍ପରିକଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପାଣି, ମୋ ସ୍କୁଲ ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କସମେତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକ ସାମିଲ ହୋଇଥିଲେ ।

କ୍ଷତିଗ୍ରସ୍ତ ଅଞ୍ଚଳ କୁ କ୍ଷତିପୂରଣ ଦାବି କଲେ ସରପଞ୍ଚ ସଂଘ

କୁକୁଡାଖଣ୍ଡି, ୭/୧୧(ମନ୍ଥନ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ କୁକୁଡାଖଣ୍ଡି ବ୍ଲକ ର ବିଭିନ୍ନ ଅଞ୍ଚଳ ପ୍ରବଳ ବର୍ଷା ରେ ଚାଷ ଜମି ଜଳମଗ୍ନ ହେବା ସହ ବହୁ ଘର ସମେତ ବହୁ ଆଦିବାସୀ ଅଞ୍ଚଳ ରେ ବିଭିନ୍ନ ରାସ୍ତା ଗୁଡ଼ିକ ଭାଙ୍ଗି ଯାଇଛି । ବ୍ଲକ ର ବନ୍ଥପଲି ଓ ଅନନ୍ତେଇ ପଞ୍ଚାୟତ କୁ ହି କ୍ଷତିଗ୍ରସ୍ତ ହିସାବରେ ସରକାର ଘୋଷଣା କରିଛନ୍ତି । ଅନ୍ୟ ପ୍ରଭାବିତ ଅଞ୍ଚଳ ଗୁଡିକୁ ମଧ୍ୟ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରିବାକୁ ଦାବି କରିଛନ୍ତି କୁକୁଡାଖଣ୍ଡି ର ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ମାନେ । ସଙ୍ଘ ସଭାପତି ବଶିଷ୍ଠ କୁମାର ଜେନା ଙ୍କ ନେତୃତ୍ୱ ରେ ରାଧାମୋହନ ସେଠି,ଶେଖର ନାୟକ,ଅନିଲ ଗୌଡ଼,ଚିତ୍ତରଞ୍ଜନ ବିଶୋଇ, ସସ୍ମିତା ସାହୁ, ଜିତେନ୍ଦ୍ର କୁମାର ସେଠୀ,ସୁକାନ୍ତ ସାସମଲ,, ଟୁନା ନାୟକଙ୍କ ସମେତ ସରପଞ୍ଚ ଓ ପ୍ରତିନିଧି ମାନେ କୁକୁଡାଖଣ୍ଡି ବିଡ଼ିଓ ଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ । ସେପଟେ ଅନେକ ପଞ୍ଚାୟତର ଚାଷଜମି ପାଣିରେ ବୁଡ଼ି ରହିବା ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହେବା ସହ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଚାଷୀକୁଳ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି ।

ଇମ୍[illegible]ୀ ଦେବୀ ମହିଳା ମହାବିଦ୍ୟାଳୟରେ ଏଡ୍ସ୍ ସଚେତନତା

କଟକ ୭/୧୧(ମନ୍ଥନ): କଟକ ନୟାସଡ଼କସ୍ଥିତ ଇମ୍[illegible]ୀ ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଏବଂ ରେଡରିବନ୍ କ୍ଲବ ଆନୁକୂଲ୍ୟରେ ଏଡ୍ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପିକା ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଆଇସିଟିସି ସୁପରଭାଇଜର ଶ୍ରୀମତୀ ଅଞ୍ଜଳି ଦାସ ଯୋଗ ଦେଇ ଏଡ୍ସ୍ ରୋଗର କାରଣ ଏବଂ ନିରାକରଣ ଉପରେ ଆଲୋଚନା କରିଥିଲେ । ଯୁବ ରେଡକ୍ରସ୍ କାଉନ୍ସେଲର ଶ୍ରୀମତୀ ସୁମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପିକା ଗାୟତ୍ରୀ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।



ରାଇକଳା ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ଉଦଘାଟନ କରୁଛନ୍ତି

ଓରମାସ୍, ଜଗତସିଂହପୁର ପକ୍ଷରୁ ଦୀପାବଳି ଉତ୍ସବ ଷ୍ଟଲ୍ ଉଦ୍‌ଘାଟିତ

ଜଗତସିଂହପୁର, ୭।୧୧(ମନ୍ଥନ): ୨୬:ଜଗତସିଂହପୁର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ଓରମାସ୍, ଜଗତସିଂହପୁର ପକ୍ଷରୁ ସ୍ଥାପିତ ଦୀପାବଳି ଉତ୍ସବ ଷ୍ଟଲ୍ ?କୁ ଶ୍ରୀ ଅକ୍ଷୟ ପିଲ୍ଲେ, ଓଇଏ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜଗତସିଂହପୁର ଙ୍କ ଦ୍ୱାରା ଉଦ୍ ?ଘାଟନ କରାଯାଇଥିଲା । ଏହି ଅବସରରେ ଶ୍ରୀମତୀ ମଧୁସ୍ମିତା ସାହୁ, ଉପମୁଖ୍ୟ ନିର୍ବାହୀ ଅଧିକାରୀ, ଓରମାସ୍, ଜଗତସିଂହପୁର ଏବଂ ଅନ୍ୟାନ୍ୟ ଓରମାସ୍ ଅଧିକାରୀ ଉପସ୍ଥିତ ଥିଲେ ।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଷ୍ଟଲରେ ଅଂଶଗ୍ରହଣ କରିଥିବା ଗୋଷ୍ଠୀର ସଦସ୍ୟମାନଙ୍କ ଉଦ୍ୟମ, ପରିଶ୍ରମ ଓ ଉତ୍ସାହକୁ ଉଚ୍ଚ ପ୍ରଶଂସା କରିଥିଲେ । ସ୍ଥାନୀୟ ଉତ୍ପାଦର ପ୍ରଚାରପ୍ରସାର ଏବଂ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଉତ୍ତମ ବଜାର ସୁଯୋଗ ପ୍ରଦାନ ଦିଗରେ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ ।ଏହି ଷ୍ଟଲ୍ ?ରେ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀ, ପାରମ୍ପରିକ ଦୀପ, ମହମବତୀ, ଝାଡୁ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି । ଏହି ଷ୍ଟଲ୍ ସ୍ଥାନୀୟ କାରିଗର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ନିଜ ଉତ୍ପାଦର ବଜାର ସମ୍ପ୍ରସାରଣ ଓ ଆୟ ବୃଦ୍ଧି ନିମନ୍ତେ ଏକ ଉତ୍ତମ ମଞ୍ଚ ପ୍ରଦାନ କରୁଛି ।ଓରମାସ୍ ?ର ଏହି



ପଦକ୍ଷେପ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି, ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ଗ୍ରାମୀଣ ଜୀବିକାର ମାନ ବୃଦ୍ଧି ଏବଂ "ଭୋକାଲ୍ ଫର୍ ଲୋକାଲ୍" ଅଭିଯାନକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ।ଓରମାସ୍, ଜଗତସିଂହପୁର – ସ୍ଥାନୀୟ ଉତ୍ପାଦର ପ୍ରୋତ୍ସାହନ, ଗ୍ରାମୀଣ ଉଦ୍ୟୋଗୀଙ୍କ ସଶକ୍ତୀକରଣ ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ

ଜଗତସିଂହପୁର୭।୧୧(ମନ୍ଥନ): : ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଜଗତସିଂହପୁର ଜିଲ୍ଲାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ତା ୦୬.୧୧.୨୬ ରିଖ ଓ ତା ୦୭.୧୧.୨୬ ରିଖ ରେ ଜିଲ୍ଲା ସଦର ମହକୁମା ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଅଛି ।



ଓଡ଼ିଆ ଭାଷାରେ ସରକାରୀ ନଥି, ଚିଠା, ପତ୍ର ଇତ୍ୟାଦି ପ୍ରସ୍ତୁତ କରିବା ସହ ଓସଓ୍ୱାସରେ ଓଡ଼ିଆରେ ସରକାରୀ କାର୍ଯ୍ୟ ସମ୍ପାଦନ ବିଷୟରେ ଆୟୋଜିତ ଶିବିରରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଆସିଥିବା ଦକ୍ଷ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ଶ୍ରୀ ସସ୍ମିତ କୁମାର ରାଉତ, ଶ୍ରୀ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଓଏସଡି, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଡଃ ସନ୍ତୋଷ ରଥ, ଡଃ ବିପ୍ଲବ ରଞ୍ଜନ ପ୍ରଧାନ, ଶ୍ରୀ ସ୍ମୃତିରଞ୍ଜନ ମିଶ୍ର, ଶ୍ରୀ ଗିରିଜା ଶଙ୍କର ଦାସ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ, ଶ୍ରୀ ରାଜେଶ କୁମାର ସାହୁ ଯୋଗଦାନ କରିଥିଲେ ଏବଂ ଆଜି ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଶ୍ରୀଯୁକ୍ତ ଦେବାଶିଷ ମହାପାତ୍ର ଓ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ ଏବଂ ସମସ୍ତଙ୍କୁ ଏହି ପ୍ରଶିକ୍ଷଣ ଶିବିର ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା

ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ 'ବୃତ୍ତି-ଚୟନ ଓ ନିୟୋଜନ' ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର,୭।୧୧(ମନ୍ଥନ): ସହର ଉପକଣ୍ଠ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ବୃତ୍ତି-ଚୟନ ଓ ନିୟୋଜନ ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ 'କରିକୁଲମ୍ ଭାଏଟେ ରାଇଟିଂ ଆଣ୍ଡ୍ ସ୍କିଲ୍ ଫର୍ ଇଣ୍ଟରଭ୍ୟୁ' ଶୀର୍ଷକ ଏକ ଜ୍ଞାନଗର୍ଭକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର୍ ଆନନ୍ଦ ସେଠୀ ପୌରୋହିତ୍ୟ କରିଥିଲେ କ୍ଷ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଇଂରାଜୀ ବିଭାଗ ସହଯୋଗୀ ପ୍ରଫେସର୍ ଡ. ସୁଦର୍ଶନ ସାହୁ ବିଷୟ ବିଶେଷଜ୍ଞ ରୂପେ ଯୋଗଦେଇ ସି.ଭି. ପ୍ରସ୍ତୁତି ଠାରୁ ଆରମ୍ଭ କରି ବିଭିନ୍ନ ପ୍ରାଦେଶିକ, ଜାତୀୟ ଓ ଅନ୍ତର୍ଜାତୀୟ କର୍ମନିଯୁକ୍ତି ପ୍ରତିଯୋଗିତାରେ କିଭଳି ପ୍ରସ୍ତୁତ ହେବେ ଏବଂ କୃତିତ୍ୱର ସହ ସଫଳତା ଅର୍ଜନ କରିବେ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସଂଗେ ସଂଗେ ସଦ୍ୟତନ ବିଭିନ୍ନ ବୃତ୍ତିର ନିୟୋଜନୀୟତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କ୍ଷ ମହାବିଦ୍ୟାଳୟ ବୃତ୍ତି ଚୟନ ଓ ନିୟୋଜନ ପରାମର୍ଶ କେନ୍ଦ୍ର ସଂଯୋଜିକା ସଂଯୋଜିକା ତଥା ଉଦ୍ଭିଦବିଜ୍ଞାନ ବିଭାଗ ବିଭାଗ ମୁଖ୍ୟା ଡକ୍ଟର୍ ମାନ୍ନା ମିଲିୟନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପ୍ରାକ୍-ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡକ୍ଟର୍ ସେଠୀ ତାଙ୍କ ବକ୍ତବ୍ୟରେ ଭବିଷ୍ୟତ ନିର୍ମାଣରେ ଉଚିତ୍ ମାର୍ଗଦର୍ଶନ ଓ ସୁପରାମର୍ଶର ଆବଶ୍ୟକତା ରହିଛି ବୋଲି କହିଥିଲେ କ୍ଷ ବୃତ୍ତି-ଚୟନ ଓ ନିୟୋଜନ ପରାମର୍ଶ କେନ୍ଦ୍ରକାରୀର ଅନ୍ୟତମ ସଦସ୍ୟ



ତଥା ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ଅଧ୍ୟାପକ ଡକ୍ଟର୍ ଶାରଦା ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟତମ ସଦସ୍ୟା ତଥା ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର୍ ଡକ୍ଟର୍ ମଧୁମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ହିନ୍ଦୀ ଭାଷା-ସାହିତ୍ୟ ବିଭାଗ ସହକାରୀ ପ୍ରଫେସର୍ ପୁରୁଷୋତ୍ତମ କୁମ୍ଭ ମଞ୍ଚାସୀନ ଥିଲେ । ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏହି ଆଲୋଚନାଚକ୍ରରେ ଯୋଗଦେଇ ବିଷୟ ବିଶେଷଜ୍ଞଙ୍କୁ ବୃତ୍ତି ଚୟନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ଡ. ଚିତ୍ତରଞ୍ଜନ ମହାନ୍ତି, ଅଧ୍ୟାପକ ରତ୍ନାକର ମିଶ୍ର, ଅମୋଶ ନାୟକ ଓ ଅକ୍ଷୟ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ, କଟକଙ୍କ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ପରିଦର୍ଶନ

ଜଗତସିଂହପୁର,୭।୧୧(ମନ୍ଥନ): କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ,କଟକ ଶ୍ରୀଯୁକ୍ତ ଆଶୁତୋଷ ପାଇକରାୟ ଆଜି ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ପାଇକରାୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ କାଗଜପତ୍ର, ସାଧାରଣ ଭଣ୍ଡାର, ଡ଼ାକବାଜି ଯନ୍ତ୍ର ଭଣ୍ଡାର, ସୂଚନା କେନ୍ଦ୍ର ପାଠାଗାର ଜଗତସିଂହପୁର, ପାରାଦୀପ ଏବଂ କନକପୁର (ତିର୍ତ୍ତୋଲ) ବିଷୟରେ ପଚାରି ବୁଝିବା ସହ କାର୍ଯ୍ୟକାରିତା ସୁପରିଚାଳନା ନିମନ୍ତେ ମାର୍ଗଦର୍ଶନ କରିଥିଲେ । କର୍ମଚାରୀ ମାନଙ୍କ ସେବା ପୁସ୍ତିକା, କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ଛୁଟି ଦରଖାସ୍ତ ରେଜିଷ୍ଟର, ନିଉଜ ଫାଇଲ୍ ଇତ୍ୟାଦି ଯାଞ୍ଚ କରିଥିଲେ । ପାଠାଗାର ଗୁଡ଼ିକୁ ପାଠକ ଙ୍କ ନିମନ୍ତେ ଉପଯୋଗ କରିବା ପାଇଁ ଖବର କାଗଜ ସହିତ ମାଗାଜିନ୍, ପ୍ରତିଯୋଗିତା ପରୀକ୍ଷା ସମ୍ବନ୍ଧିତ ପୁସ୍ତକ କିଣିବା ପାଇଁ ପରାମର୍ଶ ଦେଇଥିଲେ । ସେ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ର ବିକ୍ରି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିସହିତ ଜିଲ୍ଲାରେ କାର୍ଯ୍ୟ ସମୟରେ ଉପୁଜୁଥିବା ସମସ୍ୟା ର ସୁଚିନ୍ତିତ ସମାଧାନ ନିମନ୍ତେ ମାର୍ଗ ଦର୍ଶନ କରିଥିଲେ ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଟୀ ତନୟା ମହାନ୍ତି ପୁଷ୍ପକୁଣ୍ଡ, ଉତ୍ତରୀୟ ଓ ମେମେଣ୍ଟୋ ଦେଇ ଉପନିର୍ଦ୍ଦେଶକ ଶ୍ରୀ ପାଇକରାୟ ଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ମଧ୍ୟରେ ଶ୍ରୀ ଦିବାକର ପାତ୍ର, ଶ୍ରୀ ଦୁର୍ଯ୍ୟୋଧନ ପରିଡା, ଶୁଭଜିତା ପୃଷ୍ଟି, ଶ୍ରୀ ରାମକୃଷ୍ଣ ଦେବଦାଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ପାଇକରାୟ ଜଗତସିଂହପୁର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟ ।ଳୟ ପରିଦର୍ଶନ କରି ନିଜର ସନ୍ତୋଷ ପ୍ରକାଶ କରିଥିଲେ ।



କେନ୍ଦୁଝର...(ପ୍ରଥମ ପୃଷ୍ଠାରୁ)

ଏହାସହିତ ରାଇକଳାଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍‌ଘାଟନ କରାଯାଇଛି, ଯାହା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ସରକାରୀ ଋଣ ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ବିଶେଷ ସହାୟକ ହେବ । ଏଥିସହିତ ମୁଖ୍ୟମନ୍ତ୍ରୀ ଏହାମଧ୍ୟ ଘୋଷଣା କରିଛନ୍ତି ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ ପ୍ରକଳ୍ପର ଘୋଷଣା କରିଛନ୍ତି । ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବ, ଯାହା ସ୍ଥାନୀୟ ଯୁବକ୍ରୀଡ଼ାବିତ୍‌ମାନଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ସହାୟକ ହେବ । ଏହାସହିତ, ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଆବାସିକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ୩୦ କୋଟି ଟଙ୍କାର ବ୍ୟୟରେ ଏକ ଅତ୍ୟାଧୁନିକ 'ଝଉ/ଝଞ୍ଜ ଆବାସିକ ବିଦ୍ୟାଳୟ' ସ୍ଥାପନ କରାଯିବ । ରାଇକଳାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଇକଳାର ବିକାଶ ପାଇଁ ୮ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ତୃଣମୂଳ ସ୍ତରର ପ୍ରକଳ୍ପ ହାତକୁ ନିଆଯାଇଛି । ଏଥିମଧ୍ୟରେ ଡି.ଏମ୍.ଏଫ୍. ପାଣ୍ଠିରୁ କରଞ୍ଜିଆପଡ଼ାରେ ୧ କୋଟି ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମ୍ ଏବଂ ୨୦ ଲକ୍ଷ ଟଙ୍କା ବ୍ୟୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ରାଇକଳାରେ ୧.୫ କୋଟି ଟଙ୍କାରେ ଧବଳେଶ୍ୱର ମନ୍ଦିର ପରିସର ଉନ୍ନତି, ୬୦ ଲକ୍ଷ ଟଙ୍କାରେ ଗ୍ରାମ୍ୟ ହାଟ, ୧.୫ କୋଟି ଟଙ୍କାରେ ଯୁବ ଜ୍ୟୋତି କ୍ଲବ୍, ୩୦ ଲକ୍ଷ ଟଙ୍କାରେ ଗ୍ରାମ୍ୟଶ୍ରୀ ଠାକୁରାଣୀ ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ସେହିପରି ୩୫ ଲକ୍ଷ ଟଙ୍କାରେ ନୂତନ ଜି.ପି. ଭବନ, ୩୦ ଲକ୍ଷ ଟଙ୍କାରେ ମିଶନ ଶକ୍ତି ଜି.ପି.ଏଲ୍.ଏଫ୍. ବିଲ୍ଡିଙ୍ଗ୍ ଏବଂ DMF ଓ CMSA ସହାୟତାରେ ୧.୫ କୋଟି ଟଙ୍କା ବ୍ୟୟରେ ୨.୫ କିଲୋମିଟର ସି.ସି. ରୋଡ଼ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।ସମଗ୍ର କେନ୍ଦୁଝର ଜିଲ୍ଲାର ଆଧୁନିକୀକରଣ ସମ୍ପର୍କରେ ଆଲୋକପାତ କରି ସେ କହିଛନ୍ତି ଯେ ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ପୀଠର ଉନ୍ନୟନ ପାଇଁ ୩୧୩ କୋଟି ଟଙ୍କା ଏବଂ ଯୁବକମାନଙ୍କ କର୍ମସଂସ୍ଥାନ ପାଇଁ ୨୮୭ କୋଟି ଟଙ୍କାର ବୃହତ ଟେକ୍ସଟାଇଲ୍ ପାର୍କ ନିର୍ମାଣ କରାଯାଉଛି, ଯାହା ସହିତ ଡିଜାଷ୍ଟର ରିକଭରୀ ସେଣ୍ଟର ଏବଂ ଡାଟା ସେଣ୍ଟର ପ୍ରତିଷ୍ଠା ହେଉଛି । କୃଷକ କଲ୍ୟାଣ ନିମନ୍ତେ 'ସିଏମ୍-କିଷାନ' ଯୋଜନାରେ କେନ୍ଦୁଝରର ୨ ଲକ୍ଷ ୭ ହଜାର ୩୬୨ ଜଣ ଚାଷୀଙ୍କୁ ୪୧ କୋଟି ୫୩ ଲକ୍ଷ ଟଙ୍କାର ସହାୟତା ଦିଆଯାଇଛି ଏବଂ ୩୫ ହଜାର ୫୦୦ ହେକ୍ଟର ଧାନ ଜମିରେ ଫସଲ ବିବିଧ କରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ସର୍ବଦା ଲୋକଙ୍କ ସାଥିରେ ଠିଆ ହୋଇଛନ୍ତି ଏବଂ କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି । ନିଜ ଜନ୍ମମାଟିରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ କହିଥିଲେ, "ରାଇକଳା କେବଳ ମୋର ଜନ୍ମମାଟି ନୁହେଁ, ଏହା ମୋ ପାଇଁ ଏକ ତୀର୍ଥ କ୍ଷେତ୍ର । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'—ମୋ ପାଇଁ ମୋ ଜନ୍ମଭୂମି ଠାରୁ ବଡ଼ ସ୍ୱର୍ଗ ଆଉ କିଛି ନାହିଁ । ଆପଣମାନଙ୍କ ଏହି ପୁଅ, ଆପଣମାନଙ୍କ ଏହି ଭାଇ ଆଜି ଯେଉଁ ସ୍ଥାନରେ ବି ପହଞ୍ଚିଛି, ସେ କେବଳ ଆପଣମାନଙ୍କ ଆଶୀର୍ବାଦ ଏବଂ ଏହି ମାଟିର ସଂସ୍କାର ପାଇଁ । ଜୀବନରେ ଯେତେ ବଡ଼ ହୁଅନା କାହିଁକି, କେବେ ନିଜର ମୂଳକୁ ଭୁଲିଯାଅ ନାହିଁ; ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହା ଭୁଲିବି ନାହିଁ ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ଆଶୀର୍ବାଦରେ ଏକ ସଶକ୍ତ ଓ 'ବିକଶିତ ଓଡ଼ିଶା' ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ସମାରୋହରେ କେନ୍ଦୁଝର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ, ପାଟଣା ବିଧାୟକ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ ଏବଂ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଶାଳ ଜନସମାବେଶ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ମହା ସିମେଣ୍ଟ କାରଖାନାରେ ଶ୍ରମିକ ଦୁର୍ଘଟଣା, ଉଚ୍ଚସ୍ତରୀୟ ତଦନ୍ତ ଦାବି

ବଡଚଣା.୭।୧୧(ମନ୍ଥନ): ବଡ଼ ଚଣା ବ୍ଲକ୍ ଅନ୍ତର୍ଗତ ବୈରୀ ଝାଟିଆ ଠାରେ ମାଇଁ ହୋମ୍ ଗ୍ରୁପ୍ ର ନିର୍ମାଣ ଧୀନ ସିମେଣ୍ଟ କାରଖାନା ରେ ଦିନକୁ ଦିନ ଶ୍ରମିକ ଦୁର୍ଘଟଣା ଦେଖିବାକୁ ମିଳିଛି । ପ୍ରକାଶ ଗତକାଲି ମଧ୍ୟାହ୍ନ ଭୋଜନ ସମୟରେ କାରଖାନା ର ନିର୍ମାଣାଧୀନ ସାଇଲୋ ରୁ ପାଖାପାଖି ୨୫ ଫୁଟ୍ ତଳକୁ ପଡି ଯାଇ ଖଙ୍କିରା ଗ୍ରାମର



ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଥିଲା । ପ୍ରଥମେ ତୁରନ୍ତ ଆହତ ଯୁବକକୁ କମ୍ପାନୀ ଗାଡିରେ ଟାଙ୍ଗୀ ସ୍ଥିତ ଏକ ଘରୋଇ ଡାକ୍ତରଖାନା କୁ ଯାଇଥିଲା, କିନ୍ତୁ ସେଠାରେ ଗୁରୁତର ଯୁବକ ର ଅବସ୍ଥା ଦେଖି କଟକ ବଡ ଡାକ୍ତରଖାନା କୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ । କମ୍ପାନୀ ଗାଡିରେ ପୁଣି ଆହତ ଯୁବକକୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଉ ଥିବା ଜଣାପଡ଼ିଛି । କାର୍ଯ୍ୟରତ ଶ୍ରମିକ ର ପିଠି ତଳକୁ ଅଣ୍ଟା ରେ ଏକ ଧାରୁଆ ଲୁହା ଆଘାତ ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହେବାର ଖବର ମିଳିଛି । ଖବର ପାଇ ଆହତ ଯୁବକଙ୍କ ପରିବାର ପକ୍ଷରୁ ବ୍ୟତିବ୍ୟସ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ଛନ୍ତି ।

ଉଲ୍ଲେଖ ଥାଉ କି, ସିମେଣ୍ଟ କାରଖାନା ମାଇଁ ହୋମ୍ କର୍ତ୍ତୃପକ୍ଷ ଓ ନିର୍ମାଣ କରୁଥିବା ଠିକା ସଂସ୍ଥା ବିଭିନ୍ନକମ୍ପାନୀ ମାନଙ୍କରେ ଶ୍ରମିକ ମାନଙ୍କ ସୁରକ୍ଷା ଲାଗି ଆବଶ୍ୟକ କିଟ୍ ର ବ୍ୟବସ୍ଥା କରାଯାଉ ନାହିଁ, ଠିକା ସଂସ୍ଥା ଙ୍କ ମନମାନି ରେ ଏହି କାରଖାନା ନିର୍ମାଣ ଚାଲୁ ଥିବାରୁ ଶ୍ରମିକ ଙ୍କ ଜୀବନ ଆଜି ମାରଣ ମୁହଁରେ , କିନ୍ତୁ କାରଖାନା କର୍ତ୍ତୃପକ୍ଷ କେମିତି ଜାଣି ପାରୁ ନାହାନ୍ତି ଯାହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ?

ଖାଲି ସେତିକି ନୁହେଁ, ଠିକା ସଂସ୍ଥା 'ବେଲକୋଷିସ ' ଅଧିନ ବିଲାଲ ଇଞ୍ଜିନିୟରିଂ ରେ ମଧ୍ୟ ଶ୍ରମିକ ଶୋଷଣ ତୀବ୍ର ଭାବରେ ଚାଲିଛି, ସଂସ୍ଥା ଠିକ ଭାବରେ ମଜୁରୀ ମଧ୍ୟ ଦେଉ ନ ଥିବାରୁ ବହୁ କର୍ମଚାରୀ ଅଶାନ୍ତି ବ୍ୟକ୍ତ କରିଛନ୍ତି । କାରଖାନାରେ ଶ୍ରମିକ ମାନ ଙ୍କୁ ଆଠ ଘଣ୍ଟା କହି ୧୦ ଘଣ୍ଟା ଖଟାଉ ଛନ୍ତି, ଶ୍ରମିକଙ୍କୁ ଦୈନିକ ମଜୁରୀ ୪୦୦ ରୁ ୫୦୦ ଟଙ୍କା ପୁଣି ଦୁଇ ମାସରେ ଦେଉ ଥିବା ଜଣାପଡ଼ିଛି । ଉଚିତ୍ ପ୍ରପ୍ୟରୁ ବଞ୍ଚିତ ହେଉଛନ୍ତି ଶହ ଶହ ଶ୍ରମିକ ।

ବିଶେଷ କରି ଏହି କାରଖାନାରେ ଠିକା ସଂସ୍ଥା ମାନଙ୍କ ମନମାନି ଯୋଗୁଁ ଶ୍ରମିକ ଶୋଷଣ କରାଯାଉ ଥିବା ଅଭିଯୋଗ ହୋଇଛି । ଲହୁ ଲୁହାଣ ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା ଉଚିତ ପ୍ରାପ୍ୟ ରୁ ବଞ୍ଚିତ ହେଉଥିବା ବେଳେ ବିନା ପି ପି ରେ ଏବେ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶ୍ରମିକ ମାନଙ୍କ ଜୀବନ ସହ ଖେଳ କରୁଥିବା ଠିକା ସଂସ୍ଥା ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା-୨୦୨୬-୨୭ ପାଇଁ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ

ଜଗତସିଂହପୁର,୭।୧୧(ମନ୍ଥନ): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି ।ଏହି ଯୋଜନାରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଆବେଦନ ଅନଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ । ଏଥିନିମନ୍ତେ ବିଭାଗ ପକ୍ଷରୁ ନଭେମ୍ବର ୦୯ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ପୋର୍ଟାଲ ଖୋଲା ରହିବ ।ଆବେଦନ କରିବାକୁ ଇଚ୍ଛୁକ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ନିୟମାବଳୀ ଓ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସହ ଅନଲାଇନ୍ ?ରେ ଆବେଦନ କରିବେ ।

ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସେମାନଙ୍କ ପରିବାରକୁ ଚିକିତ୍ସାଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେଣୁ ଜଗତସିଂହପୁର ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ପକ୍ଷରୁ ଅନୁରୋଧ କରାଯାଇଛି ।ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସେମାନଙ୍କ ପରିବାରକୁ ଚିକିତ୍ସାଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ । ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନଲାଇନ୍ ଆବେଦନ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ପକ୍ଷରୁ ଅନୁରୋଧ କରାଯାଇଛି ।ଜଗତସିଂହପୁର ମଳୟକୁମାରପାଣିଙ୍କ ରିପୋର୍ଟ

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ